# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-49 ◆TUESDAY ◆12 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୯ ◆ମଙ୍ଗଳବାର ◆୧୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




'ରାମାୟଣ'ରେ ସବୁ କଳାକାର ପିନ୍ଧିଛନ୍ତି ସୁନାର ଆଭୂଷଣ-ଇନ୍ଦିରା

▶ପୃଷ୍ଠା ୨ ଦେଖନ୍ତୁ...

## ବରଗଡ଼ରେ ଆଲୋଡ଼ନ
# ଜଳିଗଲେ ଆଉ ଜଣେ ଛାତ୍ରୀ

■ ଗାଇସିଲେଟ, ୧୧।୮(ସମିସ): ବରଗଡ଼ ଜିଲ୍ଲାର ଗାଇସିଲେଟରେ ପୁନରାବୃତ୍ତି ହୋଇଛି ବାଲେଶ୍ୱର, ବଳଙ୍ଗା, ପଟ୍ଟାମୁଣ୍ଡାଇ ପରି ଲୋମଟାଙ୍କୁରା ଘଟଣା। ସେବାଶ୍ରମ ସ୍କୁଲରେ ପାଠ ପଢୁଥିବା ଜଣେ ୮ମ ଶ୍ରେଣୀ ଛାତ୍ରୀ ପେଟ୍ରୋଲ ନିଆଁରେ ଜଳି ପ୍ରାଣ ହରାଇଛନ୍ତି। ପୁଲିସ ସମ୍ପୃକ୍ତ ଛାତ୍ରୀ ଆତ୍ମହତ୍ୟା କରିଥିବା କହୁଥିଲେ ହେଁ ତାଙ୍କ ଦେହରେ ପେଟ୍ରୋଲ ଢାଳି ଅନ୍ୟ କେହି ନିଆଁ ଲଗାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ସାପଲହର ସେବାଶ୍ରମ ଛାତ୍ରୀନିବାସରେ ରହି ୮ମ ଶ୍ରେଣୀରେ ପାଠ ପଢୁଥିବା ରଶ୍ମୀ ସେଠ୍ (୧୩) ଅସୁସ୍ଥତା ଅନୁଭବ କରିବାରୁ ନିଜ ମାମୁ ଘରକୁ ଆସିଥିଲେ। ଆଜି ସକାଳେ ମାମୁ ଘର ପଛପଟେ ଏକ ପଡ଼ିଆରେ ରଶ୍ମୀ ହୁତୁହୁତୁ ହୋଇ ଜଳୁଥିବା ଦେଖି ତାଙ୍କର ମାମୁ ଓ ଅନ୍ୟମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ସେତେବେଳକୁ ତାଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ପୋଡ଼ି ଯାଇଥିଲା। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସରେ ବୁର୍ଲାସ୍ଥିତ ଭୀମସାରକୁ ନିଆଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଘଟଣାସ୍ଥଳରେ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ବରଗଡ଼ ଜିଲ୍ଲା ଦାୟିତ୍ୱରେ ଥିବା ବଲାଙ୍ଗିର ଏସ୍‌ପି ଅଭିଲାଷ ଜି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣାରେ ପୁଲିସ ତଦନ୍ତ ଜାରି ରଖିଥିବାବେଳେ ଦୁଇ ଜଣଙ୍କୁ ଅଟକ ରଖି ପଚାରାଉଚରା କରୁଥିବା ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି।



ଖବର ପାଇ ବିଜୁ ଜନତା ଦଳର ଏକ ଟିମ୍ ଭୀମସାରରେ ପହଞ୍ଚିଥିଲା। ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପଦ୍ମିନୀ ଗଡତିଆ, ପିଙ୍କି ବଡ଼େଇ, କଳ୍ପନା ବେହେରାଙ୍କ ସହ ବହୁ କର୍ମୀ ସେଠାରେ ପହଞ୍ଚି ସ୍ଥିତି ପରଖିବା ସହ ନାବାଳିକାର ପରିବାରଲୋକଙ୍କୁ ସମବେଦନା ଜଣାଇଛନ୍ତି।

### ନିଆଁ ଆଁ | ୩୦ ଦିନରେ ଗଲାଣି ୪ ଛାତ୍ରୀଙ୍କ ଜୀବନ
## ସ୍ଥିତି ସାଂଘାତିକ, ଚିତ୍ର ଭୟଙ୍କର

■ ଭୁବନେଶ୍ୱର,୧୧।୮ (ସମିସ): ଓଡ଼ିଶାରେ ଏବେ ମହିଳା, ନାବାଳିକାଙ୍କ ସୁରକ୍ଷାକୁ ନେଇ ସାଂଘାତିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରେ ମହିଳାଙ୍କ ବିରୋଧରେ ଘଟୁଥିବା ହିଂସା ରାଜ୍ୟର ଆଇନକାନୁନ, ଶୃଙ୍ଖଳା ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଛି। କୌଣସି ଘଟଣାରେ ପୁଲିସ ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇପାରିନାହିଁ। ଗୋଟିଏ ପଟେ ପୁଲିସ ପ୍ରଶାସନ ସାଂଘାତିକ ଚାପରେ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଅଭିଯୋଗ

### ରାଜ୍ୟରେ ନାବାଳିକାଙ୍କୁ ଭଗବାନ ଭରସା: ବିରୋଧୀ
### ସରକାର ଏବଂ ପୁଲିସର ନିଷ୍କ୍ରିୟତା ଦାୟୀ: ବୁଦ୍ଧିଜୀବୀ

ସାଧାରଣଲୋକଙ୍କୁ ଭୟଭୀତ କରିଛି। ସୋମବାର ବରଗଡ଼ ଗାଇସିଲଟ ବ୍ଲକ୍‌ର ଫିରିଙ୍ଗିମାଳ ଗାଁରେ ଜଣେ ନାବାଳିକା ପେଟ୍ରୋଲ ଢାଳି ହୋଇ ନିଜକୁ ଜାଳିଦେବା ଘଟଣା ରାଜ୍ୟବାସୀଙ୍କ ଆତ୍ମାକୁ ଦୋହଲାଇ ଦେଇଛି। ପୂର୍ବରୁ ରାଜ୍ୟରେ ଏପରି ସାଂଘାତିକ ସ୍ଥିତି କେବେ ସୃଷ୍ଟି ହୋଇ ନ ଥିଲା, କିମ୍ବା ଏପରି ଭୟଙ୍କର ଚିତ୍ର ଦେଖିବାକୁ ମିଳି ନ ଥିଲା। ୩୦ ଦିନ ମଧ୍ୟରେ ରାଜ୍ୟର ଉତ୍ତର, ଉପକୂଳ, ପଶ୍ଚିମାଞ୍ଚଳରେ ୪ ଜଣ ଛାତ୍ରୀଙ୍କ ଜୀବନ ନିଆଁର ଆଁରେ ଚାଲିଯିବା ହେଉଥିବା ବେଳେ ସରକାର ମଧ୍ୟ ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି। ରାଜ୍ୟରେ ଏବେ ନାବାଳିକା, ମହିଳାଙ୍କୁ ଭଗବାନ ଭରସା ବୋଲି ବିରୋଧୀ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଜୁଲାଇ ମାସ ୧୨ ତାରିଖରେ ବାଲେଶ୍ୱର ଏଫଏମ ମହାବିଦ୍ୟାଳୟର ଛାତ୍ରୀ ସୋମ୍ୟାଶ୍ରୀ ବିଶି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମଦାହ କରିଥିଲେ। ଏହା ପରଠାରୁ ଗୋଟିଏ ପରେ ଗୋଟିଏ କରି ୩ ଜଣ ଛାତ୍ରୀଙ୍କ ଜୀବନ ନିଆଁର ଆଁରେ ଚାଲିଗଲାଣି। ମାତ୍ର ▶ପୃଷ୍ଠା-୭

### ବିସ୍ଫୋରକ ହେଉଛି ବିହାର ଭୋଟର ତାଲିକା ବିବାଦ
# ରାସ୍ତାରେ ବିରୋଧୀ; ରୋକିଲା ପୁଲିସ

■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କୁ ନେଇ ବିବାଦ ବିସ୍ଫୋରକ ହେବାରେ ଲାଗିଛି। ଏହି ପ୍ରସଙ୍ଗରେ ସଂସଦ ଅଚଳ ରହିଥିବା

### ବିକ୍ଷୋଭରେ ସାମିଲ ହେଲେ ୩୦୦ ସାଂସଦ
### ରାହୁଲ, ପ୍ରିୟଙ୍କା ଓ ଅଖିଳେଶ ଅଟକ

ବେଳେ ରାସ୍ତାକୁ ଓହ୍ଲାଇଛନ୍ତି ବିରୋଧୀ ଦଳର ସାଂସଦ। ସେମାନେ ଆଜି ଏହାର ପ୍ରତିବାଦ କରି ନିର୍ବାଚନ କମିସନ ଅଫିସ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ବାଟରେ ଅଟକାଇଛି। ଏହି ପ୍ରତିବାଦରେ ବିରୋଧୀ ଦଳର ୩୦୦ ସାଂସଦ ସାମିଲ ହୋଇଥିଲେ।

ବିହାରରେ ଏସ୍‌ଆଇଆର୍ ଏବଂ କର୍ଣ୍ଣାଟକରେ 'ଭୋଟ୍ ଚୋରି'ର ପ୍ରତିବାଦ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦ ଓ କର୍ମକର୍ତ୍ତା ଆଜି ଦିଲ୍ଲୀରେ ସଂସଦ ଭବନରୁ ବଡ଼ ଧରଣର ଶୋଭାଯାତ୍ରା ବାହାର କରିଥିଲେ। ଏସଂପର୍କରେ ନିର୍ବାଚନ କମିସନ ସହିତ ଆଲୋଚନା ପାଇଁ ନିର୍ବାଚନ ସଦନ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା।



ପୁଲିସ ବ୍ୟାରିକେଡ୍ ଲଗାଇ ଅଟକାଇବାରୁ ବିରୋଧୀ ଦଳର ସାଂସଦମାନେ ରାସ୍ତା ଉପରେ ବସି ଧାରଣା ଦେବା ସହିତ ବିହାରରେ ଚାଲିଥିବା ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆଉ କିଛି ସାଂସଦ ବ୍ୟାରିକେଡ୍ ଭାଙ୍ଗି ନିର୍ବାଚନ କମିସନ ଆଡ଼କୁ ଯିବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ▶ପୃଷ୍ଠା-୭

## ବିଭ୍ରାନ୍ତ କରୁଛନ୍ତି ରାହୁଲ: ଧର୍ମେନ୍ଦ୍ର

■ ନୂଆଦିଲ୍ଲୀ, ୧୧।୮ (ସମିସ): କଂଗ୍ରେସ ଏବଂ ଏହାର ସହଯୋଗୀ ଦଳ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଅନୁପ୍ରବେଶକାରୀଙ୍କ ଭୋଟ ହାତେଇବା ପାଇଁ ବିରୋଧୀ ଦଳ ଉଦ୍ୟମ ଚଳାଇଛନ୍ତି। ଭୋଟ ଜାଲିଆତି ସଂପର୍କରେ ଯାହା ସବୁ ଅଭିଯୋଗ ଆସୁଛି, ▶ପୃଷ୍ଠା-୭




## ବ୍ରହ୍ମପୁରରେ ଚାଞ୍ଚଲ୍ୟ
# ଝିଅ ଆଖି ଆଗରେ ମା'କୁ ହାଣି ହତ୍ୟା

▶ ସଂକଟାପନ୍ନ ଅବସ୍ଥାରେ ଝିଅ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର

▶ ପୁଲିସ ସ୍କାନରରେ ମୃତ ମହିଳାଙ୍କ ପୁରୁଷବନ୍ଧୁ



■ ବ୍ରହ୍ମପୁର, ୧୧।୮ (ସମିସ): ଝିଅ ଆଖି ଆଗରେ ମା'କୁ ହାଣିଦେଲା। ପ୍ରମାଣ ନଷ୍ଟ କରିବା ପାଇଁ ଝିଅକୁ ବି ଛାଡ଼ିଲାନି। ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ଦ୍ୱିତୀୟ ଲାଇନ୍‌ରେ ଆଜି ଭୋର୍‌ରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ମହିଳାଜଣଙ୍କ ହେଲେ, ଗାୟତ୍ରୀ ସ୍ୱାଇଁ (୩୦)। ଦୁର୍ବୃତ୍ତଜଣଙ୍କ ତାଙ୍କ ୧୧ବର୍ଷୀୟ ଝିଅକୁ ମଧ୍ୟ ହତ୍ୟା ଉଦ୍ୟମ କରିଛି। କିନ୍ତୁ ସେ ଅଳ୍ପକେ ବର୍ତ୍ତି ଯାଇଛି। କେହି ଦୁର୍ବୃତ୍ତ ଘରେ ପଶି ଏପରି କାଣ୍ଡ ଭିଆଇବା ପରେ ଆଗରୁ କବାଟ ବନ୍ଦ କରି ଫେରାର୍ ହୋଇଯାଇଛି। ଏହି ଖବର ପ୍ରଘଟ ହେବା ପରେ ବ୍ରହ୍ମପୁରରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ପୁଲିସ୍ ଗାୟତ୍ରୀଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ▶ପୃଷ୍ଠା-୭

## ନୂଆ ଆୟକର ବିଲ୍ ଲୋକସଭାରେ ଗୃହୀତ

■ ନୂଆଦିଲ୍ଲୀ,୧୧।୮ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ସୋମବାର ଲୋକସଭାରେ ନୂଆ ଆୟକର ବିଲ୍ ଗୃହୀତ ହୋଇଯାଇଛି। ବିରୋଧୀ ସାଂସଦଙ୍କ ଅନୁପସ୍ଥିତିରେ ଏବଂ ବିନା କୌଣସି ଆଲୋଚନାରେ ଏହି ବିଲ୍‌କୁ ସଂସଦ ଅନୁମୋଦନ ଦେଇଛ। ଏଥିରେ ଆୟକର ସହ ଜଡିତ ଦୁଇଟି ବିଲ୍- ଆୟକର (ସଂଖ୍ୟା ୨) ବିଧେୟକ ଓ ଟିକସ ଆଇନ (ସଂଶୋଧନ) ବିଲକୁ ମଞ୍ଜୁରି ମିଳିଛି। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଲୋକସଭାରେ ଆୟକର ବିଲ୍‌ର ଏକ ▶ପୃଷ୍ଠା-୭

## ୪୮ ଘଣ୍ଟାରେ ଲଘୁଚାପ, ଆଜିଠୁ ବଢ଼ିବ ବର୍ଷା

■ ଭୁବନେଶ୍ୱର, ୧୧।୮ (ସମିସ): ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ମଙ୍ଗଳବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିବ। ଲଘୁଚାପ ପ୍ରଭାବରେ ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ୧୩-୧୪ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ଏଥିପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି। ଅଗଷ୍ଟ ୧୨-୧୩ରେ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର କିଛି ସ୍ଥାନ ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ▶ପୃଷ୍ଠା-୭

### ସମୂହ ଛୁଟିରେ ୩୦ ଜିଲ୍ଲାର ୧୦ ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲା
# ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଠପ୍

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ଛୁଟିରେ ଯାଇଛନ୍ତି। ରାଜ୍ୟର ଅମଲାମାନଙ୍କର ବିଭିନ୍ନ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏହାକୁ ଲାଗୁ କରିବାକୁ ସରକାର ଟାଳଟୁଳ ନୀତି ଆପଣାଉଛନ୍ତି। ଏହାର ପ୍ରତିବାଦରେ ରାଜସ୍ୱ ଅମଲା ସଂଘ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ସୋମବାରଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ ରାଜସ୍ୱ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ କରି ନିଜ ନିଜ କାର୍ଯ୍ୟାଳୟ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମୂହ ଛୁଟିରେ ଯାଇଛନ୍ତି। ୨୦୧୮ ମସିହାରୁ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କ ପ୍ରବେଶକାଳୀନ ଶିକ୍ଷାଗତ ଯୋଗ୍ୟତାରେ ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ପ୍ରବେଶକାଳୀନ ବେତନରେ କୌଣସି ପ୍ରକାରର ଅଭିବୃଦ୍ଧି କରାଯାଇ ନାହିଁ। ମାତ୍ର ▶ପୃଷ୍ଠା-୭




ଆଲୋଚନା ପରେ ବି ପଦକ୍ଷେପ ନେଲେନି ସରକାର






# ଅନ୍ତର୍ଜାତୀୟ ଯୁବ ଦିବସ

ଦେଶ ପ୍ରଗତିର ଉତ୍ସ ହିଁ ଯୁବଶକ୍ତି। ଯୁବଶକ୍ତିର ବିକାଶ ଦ୍ୱାରା ଦେଶର ବିକାଶ ସମ୍ଭବ। ଯୁବଶକ୍ତି ବିଶ୍ୱରେ ଶାନ୍ତି ତଥା ସମାଜିକ ସମନ୍ୱୟ ଆଣି ପାରିବେ। ଯୁବବର୍ଗଙ୍କର ଆଗକୁ ବଢ଼ିବା ପଥରେ ରହିଥିବା ସମସ୍ୟା ଏବଂ ସେସବୁର ସଫଳ ସମାଧାନ ଦିଗରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଇଥାଏ। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ରେଖାଙ୍କିତ କରିବା ଏହି ଦିବସର ଲକ୍ଷ୍ୟ। 'ଅନ୍ତର୍ଜାତୀୟ ଯୁବ ଦିବସ' ପ୍ରଥମେ ୧୨ ଅଗଷ୍ଟ ୨୦୦୦ରେ ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସାଧାରଣ ସଭା ୧୭ ଡିସେମ୍ବର ୧୯୯୯ରେ ଏହି ଦିନ ପାଳନ କରିବାକୁ ଏକ ସଂକଳ୍ପ ପାରିତ କରିଥିଲା। ଏହାପରେ ୨୦୦୦ରେ ପ୍ରଥମ ଥର ପାଇଁ 'ଅନ୍ତର୍ଜାତୀୟ ଯୁବ ଦିବସ' ପାଳନ କରାଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୧୨ ଅଗଷ୍ଟରେ ପାଳନ କରାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସମାଜକୁ ଶିକ୍ଷିତ କରିବା, ଯୁବକମାନଙ୍କୁ ରାଜନୈତିକ କ୍ଷେତ୍ରରେ ଏକତ୍ରିତ କରିବା ଏବଂ ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା ପାଇଁ ଏହି ଦିନ ପାଳନ କରାଯାଏ। ସମସ୍ତ ଦେଶ ଯୁବ ଜନସଂଖ୍ୟା ଉପରେ ଧ୍ୟାନ ଦେବା ଉଚିତ। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର, ଶିକ୍ଷା, ସଶକ୍ତିକରଣ ଲୋଡ଼ା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବ। ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ଦିବସ ସ୍ମରଣ କରିଦିଏ। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ଲୋକଲୋଚନକୁ ଆଣିବା ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଉତ୍ସବ, କର୍ମଶାଳା ଆଦିର ଆୟୋଜନ କରାଯାଇଥାଏ।

# ହାତୀ ପାଇଁ ଦିନଟିଏ



ଆଜି ବିଶ୍ୱ ହସ୍ତୀ ଦିବସ। ହାତୀଙ୍କ ପାଇଁ ଦିନଟିଏ। ସ୍ଥଳଭାଗରେ ଦେଖାଯାଉଥିବା ସର୍ବବୃହତ୍ ସ୍ତନପାୟୀ ପ୍ରାଣୀ ହାତୀର ସୁରକ୍ଷା ଓ ସଂରକ୍ଷଣ ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ବିଶ୍ୱ ହସ୍ତୀ ଦିବସ ଭାବେ ପାଳନ କରାଯାଉଛି। ଏହିଦିନ ହାତୀଙ୍କ ସୁରକ୍ଷା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ପ୍ରଥମ ବିଶ୍ୱ ହସ୍ତୀ ଦିବସ ୨୦୧୨ ମସିହା ଅଗଷ୍ଟ ୧୨ରେ ପାଳନ କରାଯାଇଥିଲା। ହାତୀ ଏକ ଶାକାହାରୀ, ବିଶ୍ୱସ୍ତ ଓ ଶାନ୍ତିପ୍ରିୟ ପ୍ରାଣୀ। ଜୈବ ବିବିଧତାର ସୁରକ୍ଷା ଓ ସନ୍ତୁଳନ ପାଇଁ ହସ୍ତୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗଜ ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜ ରାଜୁଡ଼ା ଅମଳରେ ପରିବହନ ଏବଂ ପତିଆରା ପାଇଁ ରାଜା ମହାରାଜାମାନେ ହାତୀକୁ ନିଜ ଦରବାରରେ ରଖୁଥିଲେ। ଯେଉଁ ରାଜାଙ୍କର ଯେତେ ହାତୀ ଅଛି, ସେ ସେତେ ବଳଶାଳୀ ବୋଲି ଗଣନା କରାଯାଉଥିଲା। କିନ୍ତୁ ଏବେ ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ, ପାହାଡ଼ଗୁଡ଼ିକରେ ବ୍ଲାଷ୍ଟିଂ ଯୋଗୁଁ ବନ୍ୟଜନ୍ତୁଗୁଡ଼ିକ ଜନବସତି ମୁହାଁ ହେଉଛନ୍ତି। ବିଶେଷକରି ଖାଦ୍ୟ ଅନ୍ୱେଷଣରେ ହାତୀ ଜନବସତି ମୁହାଁ ହେଉଛି। ଫଳରେ ହାତୀ-ମଣିଷ ଲଢ଼େଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏକଦା ମଣିଷ ସମାଜର ଏକ ଉତ୍ତମ ବନ୍ଧୁ ରହି ଆସିଥିବା ହାତୀ ବର୍ତ୍ତମାନ ଶତ୍ରୁ ପାଲଟିଯାଇଛି। କେତେବେଳେ ହାତୀ ଆକ୍ରମଣରେ ମଣିଷ ଜୀବନ ଯାଉଛି ତ କ୍ଷତିଗ୍ରସ୍ତ ହେଉଛି ଗରିବ ଚାଷୀର ଭାତ ହାଣ୍ଡି। ଓଡ଼ିଆ ସଂସ୍କୃତି ପରମ୍ପରାରେ ହାତୀର ସ୍ଥାନ ସ୍ୱତନ୍ତ୍ର। ହାତୀକୁ ଓଡ଼ିଆରେ 'ଗଜ' ବା 'ଗଜରାଜ' ବୋଲି କୁହନ୍ତି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ହାତୀ ବା ଗଜ ବେଶ ହୋଇଥାଏ। ଓଡ଼ିଶାର ପ୍ରମୁଖ ପର୍ବ ରଜରେ ଗାଁରୁ ସହର ସବୁଠି ଝିଅମାନେ ଦୋଳିରେ ଝୁଲି ଗୀତ ଗାଇଥାନ୍ତି "ବନସ୍ତେ ଡାକିଲା ଗଜ"। ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେବେଳେ ଟ୍ରେନ୍ ଚକ ତଳେ ତ କେତେବେଳେ ବିଦ୍ୟୁତ୍ ତାର ତଳେ ତ ଆଉ କେତେବେଳେ ଦାନ୍ତ ପାଇଁ ଏମାନଙ୍କ ଜୀବନ ଅକାଳରେ ଚାଲିଯାଉଛି। ତେବେ ଆଗକୁ ହାତୀ ବଂଶ କିପରି ବୃଦ୍ଧି ପାଇବ, ସେଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଅନେକ ପ୍ରାଣୀ ଗବେଷକ ମତ ଦିଅନ୍ତି। ବିଶ୍ୱ ହସ୍ତୀ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ହାତୀମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଭଲ ଭଲ ସ୍ୱାଦିଷ୍ଟ ଖାଦ୍ୟ ଦିଆଯିବା ସହ ହାତୀ ସୁରକ୍ଷା ନେଇ ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଏ।

## ଆଜିର ଇତିହାସ

- ୧୯୦୮ - ହେନେରି ଫୋର୍ଡ କମ୍ପାନି ପ୍ରଥମ କାର ମଡେଲ ତିଆରି କଲା।
- ୧୯୦୯ - ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଦିବସ।
- ୧୯୧୯: ପ୍ରସିଦ୍ଧ ମହାକାଶ ବିଜ୍ଞାନୀ ତଥା ଇସ୍ରୋର ପ୍ରତିଷ୍ଠାତା ବିକ୍ରମ ସାରାଭାଇଙ୍କ ଜନ୍ମ।
- ୧୯୭୧- ସାଲେପୁର ମିଠାର ଜନକ ବିକଳାନନ୍ଦ କରଙ୍କ ଦେହାନ୍ତ।
- ୨୦୧୨- ଓଡ଼ିଆ ଲୋକନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଭଗବାନ ସାହୁଙ୍କ ବିୟୋଗ।

# 'ରାମାୟଣ'ରେ ସବୁ କଳାକାର ପିନ୍ଧିଛନ୍ତି ସୁନାର ଆଭୂଷଣ-ଇନ୍ଦିରା





ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଛି, ତାହା ହେଉଛି ନୀତେଶ ତିୱାରିଙ୍କ 'ରାମାୟଣ'। ଏହା ବଲିଉଡ୍ ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ଏଥିରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତା ଭୂମିକାରେ ସାଇ ପଲ୍ଲବୀ ଓ ରାବଣ ଭୂମିକାରେ ଯଶ୍ ନଜର ଆସିବେ। କିଛି ଦିନ ପୂର୍ବରୁ ଏହାର ଟିଜର୍ ଜାରି କରାଯାଇଥିଲା। ଟିଜର୍‌ରେ ରାମ ଭୂମିକାରେ ରଣବୀର ଓ ରାବଣ ଭୂମିକାରେ ଯଶ୍‌ଙ୍କ ଝଲକ ଦେଖିବାକୁ ମିଳିଥିଲା। ଏଥିରେ ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତ୍ରୀ ଇନ୍ଦିରା କୃଷ୍ଣନ୍ ନଜର ଆସିବେ। ସେ 'ରାମାୟଣ'ରେ ମାତା କୌଶଲ୍ୟାଙ୍କ ଭୂମିକାରେ ଦେଖାଯିବେ। ନିକଟରେ ଇନ୍ଦିରା ଏହି ଫିଲ୍ମକୁ ନେଇ ଆଲୋଚନା କରିଥିଲେ। ଇନ୍ଦିରା କହିଥିଲେ ଯେ, 'ରିମ୍ପଲ ଓ ହର୍‌ପ୍ରୀତ 'ରାମାୟଣ'ର ଅଧିକାଂଶ କଳାକାରଙ୍କ ପୋଷାକ ଡିଜାଇନ୍ କରିଛନ୍ତି। ପ୍ରତିଟି ପୋଷାକ ପରସ୍ପରଠାରୁ ପୂରାପୂରି ଅଲଗା ହୋଇଛି। ପ୍ରତ୍ୟେକ ଜୁଏଲାରୀ ଓ ପୋଷାକଗୁଡ଼ିକ ବେଶ୍ ସୁନ୍ଦର ହୋଇଛି। ଫିଲ୍ମ ପାଇଁ ସୁନାର ଅଳଙ୍କାରମାନ ତିଆରି କରାଯାଇଛି। ସବୁ କଳାକାରଙ୍କୁ ଅସଲି ସୁନାର ଅଳଙ୍କାର ପିନ୍ଧାଯାଇଛି। ସବୁଠୁ ବଡ଼ କଥା ହେଉଛି, ଏହି ଅଳଙ୍କାର ଓ ପୋଷାକଗୁଡ଼ିକ ପିନ୍ଧାଯାଇ ପ୍ରଥମେ କଳାକାରମାନଙ୍କ ସ୍କ୍ରିନ୍ ଟେଷ୍ଟ ନିଆଯାଏ, ସେ କିପରି ଦେଖାଯାଉଛନ୍ତି।' ଇନ୍ଦିରା କୃଷ୍ଣନ୍ ଏହାପୂର୍ବରୁ ରଣବୀରଙ୍କ ସହ 'ଆନିମଲ' ଫିଲ୍ମରେ ନଜର ଆସିଥିଲେ।

# ୧୩ ବର୍ଷ ପର୍ଯ୍ୟନ୍ତ ବନ୍ଦ ହେଇନି ଦୋକାନ ଲାଇଟ୍

ସାଧାରଣତଃ ରାତି ହେଉ କି ଦିନ ଦୋକାନ ବନ୍ଦ କରିବା ବେଳେ ଲାଇଟ୍, ଫ୍ୟାନ୍, ଏସି ଆଦି ବନ୍ଦ କରିବା ସାଧାରଣ କଥା। ହେଲେ ଚୀନ୍‌ରେ ଏମିତି ଏକ ଦୋକାନ ଅଛି, ଯାହାର ଲାଇଟ୍ ରାତି ତମାମ ଜଳେ। ଏପରିକି ୧୩ ବର୍ଷ ଧରି ଏହି ଦୋକାନର ଲାଇଟ୍ ରାତିଯାକ ସେମିତି ଜଳୁଛି। ଚୀନ୍‌ର ହୁନାନ ଅଞ୍ଚଳରେ ଏକ ଛୋଟିଆ ଡେଜରାତି ଦୋକାନ ଅଛି। ୬୦ ବର୍ଷୀୟା ସନ୍ ମିହୁଆ ଏହି ଦୋକାନଟିକୁ ଚଳାଇଥାନ୍ତି। ୧୩ ବର୍ଷ ହେଲାଣି ସେ ଏହି ଦୋକାନର ଲାଇଟ୍ କେବେ ବି ବନ୍ଦ କରି ନ ଥିବା କହିଛନ୍ତି। ତେବେ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଏହାକୁ ସେ ଜଳାନ୍ତି, ତାହା ନୁହେଁ। ଏହା ମାଧ୍ୟମରେ ମହିଳା ତଥା ସ୍ଥାନୀୟ ଲୋକଙ୍କୁ ସେ ସୁରକ୍ଷିତ ଅନୁଭବ କରାନ୍ତି। ବିଶେଷକରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାମ କରି ଘରକୁ ଫେରୁଥିବା ଯୁବତୀଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇବା ଲାଗି ଏହା ତାଙ୍କର ଏକ ପ୍ରକାର ପ୍ରୟାସ। ୨୦୧୨ ମସିହାରେ ସନ୍ ଏହି ଦୋକାନ ଖୋଲିଥିଲେ। ସେତେବେଳେ କିଛି ଯୁବତୀ ତାଙ୍କ ଦୋକାନ ବାହାରେ ଜଳୁଥିବା ଲାଇଟ୍ ଯୋଗୁଁ ସେମାନେ ନିଜକୁ ସୁରକ୍ଷିତ ଭାବୁଥିବା କଥା ସନ୍‌ଙ୍କୁ କହିଥିଲେ। ସେବେଠୁ ସେ ଏହି ଲାଇଟ୍ ବନ୍ଦ କରି ନାହାନ୍ତି। ଅନ୍ୟପଟେ ତାଙ୍କର ଏହି କାର୍ଯ୍ୟ ତାଙ୍କୁ 'ଷ୍ଟ୍ରିଟ୍ ଲାଇଟ୍ ଆଣ୍ଟି'ର ପରିଚୟ ପ୍ରଦାନ କରିଛି। କେବଳ ସେତିକି ନୁହେଁ, ସେ ତାଙ୍କ ଦୋକାନ ବନ୍ଦ କରିବା ସମୟ ରାତି ୨ଟାକୁ ପରିବର୍ତ୍ତନ କରିଦେଇଛନ୍ତି। ଏହାବାଦ୍ ଯେଉଁ ଝିଅମାନେ ବିଳମ୍ବରେ କାର୍ଯ୍ୟରୁ ଫେରିବା ଯୋଗୁଁ ରାସ୍ତାରେ ଯିବାକୁ ଡରୁଥାନ୍ତି ସେ ସେମାନଙ୍କ ସହ ଯାଇଥାନ୍ତି। ସେହିପରି ସନ୍ ତାଙ୍କ ଘରେ ଥିବା ଲ୍ୟାଣ୍ଡଫୋନ୍‌ଟିକୁ ଦୋକାନରେ ରଖିଛନ୍ତି। ଅନେକ ବୟସ୍କ ବ୍ୟକ୍ତି ଯେଉଁମାନେ ମୋବାଇଲ ବ୍ୟବହାର କରି ନ ଥାନ୍ତି ଏବଂ ଯେଉଁ ପିଲାମାନେ ଫୋନ୍ ଆଣି ନ ଥାନ୍ତି, ସେ ସେମାନଙ୍କୁ ମାଗଣାରେ ଫୋନ୍‌ରେ କଥାବାର୍ତ୍ତା କରିବାର ସୁଯୋଗ ଦେଇଥାନ୍ତି। ସନ୍‌ଙ୍କ ପଡ଼ୋଶୀମାନେ ବି ତାଙ୍କୁ ଖୁବ୍ ବିଶ୍ୱାସ କରନ୍ତି। ସେମାନେ କୁଆଡ଼େ ଗଲେ ଘରର ଚାବିଗୁଡ଼ିକୁ ସନ୍‌ଙ୍କୁ ଦେଇଯାନ୍ତି। ସନ୍ ଏବଂ ତାଙ୍କ ସ୍ୱାମୀ ୨୦ ବର୍ଷ ହେବ ଏହି ଅଞ୍ଚଳରେ ରହି ଆସୁଛନ୍ତି। ଦିନେ ସନ୍ ଅସୁବିଧାରେ ଥିବାବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ସାହାଯ୍ୟ କରିଥିଲେ, ଯାହାକୁ ଏବେ ସେ ତାଙ୍କର ଏହି କାର୍ଯ୍ୟ ମାଧ୍ୟମରେ ସୁଝାଉଥିବା କୁହନ୍ତି। ଅନ୍ୟପଟେ ସନ୍‌ଙ୍କର ଏହି କାର୍ଯ୍ୟକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।



# ମଶା କାମୁଡ଼ିଲେ ଆପେ ମରିବେ



ଏଣିକି ମଶା କାମୁଡ଼ିଲେ ଆପେ ଆପେ ମରିଯିବେ। ଏକଥା ଏକ ନୂତନ ଗବେଷଣାରୁ ଜଣାପଡ଼ିଛି। କେନିଆ ଏବଂ ମୋଜାମ୍ବିକ ଭଳି ଆଫ୍ରିକୀୟ ଦେଶରେ ଏକ ଗବେଷଣା କରାଯାଇଥିଲା। ଏଠାରେ ଆଇଭରମେକ୍‌ଟିନ୍ ନାମକ ଔଷଧ ଯୋଗୁଁ ମ୍ୟାଲେରିଆ ମାମଲା ୨୬ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି। ଏହି ଔଷଧ ଯଦିଓ ମଣିଷକୁ କ୍ଷତି ପହଞ୍ଚାଇ ନ ଥାଏ, ତଥାପି ମଶା କାମୁଡ଼ିଲେ ସେମାନେ ଆପେ ଆପେ ମରିଯାଆନ୍ତି। ଏହି ଗବେଷଣା ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲଥ୍ ନେତୃତ୍ୱରେ କରାଯାଇଥିଲା। ଏହି ଔଷଧ ଯେତେବେଳେ ଜଣକୁ ଦିଆଯାଏ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ମଶା କାମୁଡ଼ିଲେ, ତୁରନ୍ତ ମରିଯାଏ। ତେବେ ଉକ୍ତ ଔଷଧର ମାସିକ ଡୋଜର ପ୍ରଭାବ କିଛି ଦିନ ପର୍ଯ୍ୟନ୍ତ ରହିଥାଏ। କେନିଆରେ ପାଞ୍ଚରୁ ୧୫ ବର୍ଷ ବୟସର ପିଲା ଏବଂ ମୋଜାମ୍ବିକରେ ୫ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ତିନି ମାସ ପର୍ଯ୍ୟନ୍ତ ଏହାର ଡୋଜ୍ ଦିଆଯାଇଥିଲା। ଔଷଧ ଖାଇଥିବା କେନିଆ ପିଲାଙ୍କଠାରେ ମ୍ୟାଲେରିଆ ମାମଲା ୨୬ ପ୍ରତିଶତ ହ୍ରାସ ପାଇଥିଲା। ସେହିପରି ଏହି ଗବେଷଣାରେ ୨୦ ହଜାରରୁ ଅଧିକ ପିଲା ସାମିଲ ଥିଲେ ଏବଂ ଏଥିରେ ୫୬ ହଜାରରୁ ଅଧିକ ଡୋଜ ସାମିଲ ଥିଲା। ଅନ୍ୟପକ୍ଷରେ ଏହି ଔଷଧକୁ ଅନେକ ଦେଶ ସେମାନଙ୍କ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି।

# ଡାଏଟିଂର ନୂଆ ଧାରା 'ଫାଇବର ମ୍ୟାକ୍ସିଂ'



ଆଜିକାଲି ଡାଏଟିଂକୁ ନେଇ ନୂଆ ନୂଆ ଧାରା ସାମ୍ନାକୁ ଆସୁଛି। ଏହି କ୍ରମରେ ଏବେ ଫାଇବରମ୍ୟାକ୍ସିଂ ଚର୍ଚ୍ଚାରେ ଅଛି। ତେବେ ଏହା ହେଉଛି ଏକ ନୂଆ ସୋସିଆଲ ମିଡିଆ ହେଲଥ୍ ଟ୍ରେଣ୍ଡ। ଏହା ବିଶେଷକରି ଟିକ୍‌ଟକ୍ ଏବଂ ଇନଷ୍ଟାଗ୍ରାମ୍‌ରେ ଭାଇରାଲ ହୋଇଛି। ଏଥିରେ ଲୋକେ ପ୍ରତିଦିନ ଖାଉଥିବା ଖାଦ୍ୟରେ ଫାଇବରର ମାତ୍ରାକୁ ବଢ଼ାଇ ଥାନ୍ତି। ଏହା ଡାକ୍ତର କହୁଥିବା ୨୫-୩୦ ଗ୍ରାମ୍ ମାତ୍ରାରୁ ଅଧିକ ହୋଇଥାଏ। ଏହି ଡାଏଟ୍‌ର ଉଦ୍ଦେଶ୍ୟ ହେଉଛି ଅଧିକରୁ ଅଧିକ ଫଳ, ପନିପରିବା, ନଟ୍ସ ଆଦି ଫାଇବରଯୁକ୍ତ ଖାଇବା। ନଚେତ୍ ସପ୍ଲିମେଣ୍ଟସ୍ ମାଧ୍ୟମରେ ଅଧିକ ଫାଇବର ଗ୍ରହଣ କରିବା। ତେବେ ଇନ୍‌ଷ୍ଟା, ଟିକ୍‌ଟକ୍‌ରେ ହାଇ ଫାଇବର ରେସିପିଗୁଡ଼ିକ (ଚିୟା ପୁଡିଂ, ଓଟସ୍ ବାଉଲ୍) ଅଧିକ ସେୟାର୍ କରାଯିବାରୁ ଏହି ଟ୍ରେଣ୍ଡ ଅଧିକ ଲୋକପ୍ରିୟ ହୋଇଛି। ତେବେ ଏଭଳି ଖାଦ୍ୟଗୁଡ଼ିକ ଶୀଘ୍ର ହଜମ ହୋଇ ଯାଉଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ରୁହେ ନାହିଁ। ଫାଇବର ଅଧିକ ମାତ୍ରାରେ ଗ୍ରହଣ କରିବା ଦ୍ୱାରା ଫୁଲନେସ୍ ହର୍ମୋନ ସକ୍ରିୟ ହୋଇଯାଏ। ଏହାଦ୍ୱାରା ଭୋକ କମ୍ ଲାଗେ। ତା'ସହ ଓଜନକୁ ନିୟନ୍ତ୍ରଣରେ ରଖିବା ସହଜ ହୁଏ। ଏହା ମଧୁମେହ ଓ ହୃଦ୍‌ରୋଗୀଙ୍କ ପାଇଁ ମଧ୍ୟ ଲାଭକାରୀ। ଏହାବାଦ୍ ଅନେକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ହାଇ ଫାଇବର ଡାଏଟ୍ ଦ୍ୱାରା ହୃଦ୍‌ରୋଗ, ଷ୍ଟ୍ରୋକ, କୋଲନ କ୍ୟାନସର ଏବଂ ଟାଇପ୍ ୨ ଡାଏବେଟିସ୍ ହେବା ଆଶଙ୍କା ୧୬-୩୦ ପ୍ରତିଶତ ହ୍ରାସ ପାଏ। ଅନ୍ୟପକ୍ଷରେ ଫାଇବର ମାତ୍ରା ଅଚାନକ ବଢ଼ାଇ ଦେବା ଦ୍ୱାରା ପେଟ ଫୁଲିବା, ଗ୍ୟାସ୍, ଡାଇରିଆ, କୋଷ୍ଟକାଠିନ୍ୟ ଭଳି ସମସ୍ୟା ଦେଖାଯାଇପାରେ। ଅନ୍ୟପକ୍ଷରେ କେବଳ ଫାଇବର ଉପରେ ଦୃଷ୍ଟି ଦେଲେ ଶରୀରରେ ପ୍ରୋଟିନ, ହେଲଦି ଫ୍ୟାଟ୍, ଆଇରନ ଏବଂ ନ୍ୟୁଟ୍ରିଏଣ୍ଟର ଅଭାବ ଦେଖା ଦେଇପାରେ।

## ଆଜିର ରାଶିଫଳ

**ମେଷ:** କୋର୍ଟକଚେରୀ ମାମଲାରୁ ଆଶ୍ୱସ୍ତି ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ମହିଳାମାନେ ଆଳସ୍ୟତା ଅନୁଭବ କରିବେ। ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି।

**ବୃଷ:** ବିଭିନ୍ନ କାର୍ଯ୍ୟରୁ ସଫଳତା ମିଳିବ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ। ପରିବାରର ସହାୟତା ପାଇବେ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଏତେ ଭଲ ନୁହେଁ।

**ମିଥୁନ:** କୌଣସି ଜରୁରି କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଦାମ୍ପତ୍ୟ ଜୀବନରେ ସମନ୍ୱୟ ରହିବ। ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ। ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇବେ।

**କର୍କଟ:** ପରିବାର ସମ୍ବନ୍ଧରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। ପଡୋଶୀଙ୍କ ସହ ଭୁଲ୍‌ବୁଝାମଣା ହୋଇପାରେ।

**ସିଂହ:** ଗୁରୁଜନଙ୍କ ପରାମର୍ଶ ନେଇ କାମ ଆରମ୍ଭ କରିବେ। ବ୍ୟବସାୟରେ ସଫଳତା ପାଇବେ। ଦୂରଯାତ୍ରା ପାଇଁ ସୁଯୋଗ ରହିଛି। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** କ୍ୟାରିୟର ପାଇଁ ନୂତନ ଦିଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି। ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରିବେ। ନୂତନ ଜମିକ୍ରୟ କରିପାରନ୍ତି।

**ବିଛା:** ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। ମାନସିକ ଅବସାଦ ବଢ଼ିବ। ପରୀକ୍ଷାର୍ଥୀଙ୍କ ପାଇଁ ଦିନଟି ବହୁତ ଭଲ।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ। ଆର୍ଥିକ ଲାଭ ପାଇବାର କିଛି ସୁଯୋଗ ପାଇବେ। ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବ।

**ମକର:** ପରିବାର ସହିତ ଆନନ୍ଦଭରା ସମୟକୁ ଅତିବାହିତ କରିବେ। ମହିଳାମାନେ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଉଧାର ଟଙ୍କା ଫେରିପାଇବେ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ। ଉଧାର ଟଙ୍କା ଫେରି ପାଇବେ।

■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଅବସରପ୍ରାପ୍ତ ଆଇଏଫଏସ୍ ଅଧିକାରୀଙ୍କୁ ୨ ବର୍ଷ ଜେଲ୍

କଟକ,୧୧।୮ (ସମିସ): ଅବସରପ୍ରାପ୍ତ ଆଇଏଫଏସ ଅଧିକାରୀ ଅମରେଶ କୁମାର ଜୟସ୍ୱାଲଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ରୁଜୁ ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା୧୩(୨) ଆର /୧୩(୧)ଇ ଅନୁସାରେ ୨ବର୍ଷ ଜେଲଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶଥାଉକି ଶ୍ରୀ ଜୟସ୍ୱାଲ ସମ୍ବଲପୁର ଡିଏଫଓ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ ୨୦୦୨ ମସିହାରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ ନେଇ ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ ମଧ୍ୟ ଦାଖଲ ହୋଇଥିଲା। ଗତ ୨୦୨୧ଜୁନରେ ସେ ପିସିସିଏଫଙ୍କ କାର୍ଯ୍ୟାଳୟରୁ ବନ ସଂରକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ।

ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଡିଏସପି ସ୍ୱରୂପ କୁମାର ପରିଡା ଏହି ମାମଲାର ତଦନ୍ତ କରିଥିଲେ। ପ୍ରଜିକ୍ୟୁସନ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାକେଶ କୁମାର ସାହୁ ଓ ଜ୍ୟୋତିପ୍ରକାଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ ବନ୍ଦ କରିବା ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

ଭୋଟ ତାରତମ୍ୟ

## ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବିଜେଡି

ଭୁବନେଶ୍ୱର,୧୧।୮ (ସମିସ): ନିର୍ବାଚନ ସ୍ୱଚ୍ଛତା ପ୍ରତିପାଦନ କରିବାରେ ନିର୍ବାଚନ କମିସନ ବିଫଳ ହୋଇଛନ୍ତି। ୮ ମାସ ତଳେ ବିଜୁ ଜନତା ଦଳ ପକ୍ଷରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିସନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତ୍ତର ମଗାଯାଇଥିଲା। ମାତ୍ର ଏଯାଏଁ ଏନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ। ତେଣୁ ଏହି ମାମଲାକୁ ନେଇ ଦଳ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବ। ଆବଶ୍ୟକ ପଡ଼ିଲେ ଦଳ ସୁପ୍ରିମକୋର୍ଟ ମଧ୍ୟ ଯିବ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ମୁଖପାତ୍ର ଅମର ପଟ୍ଟନାୟକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ଓ ବିଧାୟକ ଧ୍ରୁବ ଚରଣ ସାହୁ।

ଶ୍ରୀ ଅମର ପଟ୍ଟନାୟକ କହିଥିଲେ ଯେ ଗତ ନିର୍ବାଚନରେ ଭୋଟ ଶେଷ ହେବା ପରେ ନିର୍ବାଚନ କମିସନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବରେ ବିଜେଡି ପକ୍ଷରୁ ନିର୍ବାଚନ କମିସନରଙ୍କୁ ଏହି ତାରତମ୍ୟ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ପ୍ରଥମରେ ରାଜ୍ୟର ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିଲା। ଦ୍ୱିତୀୟରେ ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ରହିଥିଲା। ତୃତୀୟରେ ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା। ୫୦ ପ୍ରତିଶତ ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା। ୨୦୨୪ ମସିହା ଡିସେମ୍ବର



■ ନିର୍ବାଚନରେ ସ୍ୱଚ୍ଛତା ପ୍ରତିପାଦନ କରିବାରେ କମିସନ ବିଫଳ
■ ଫର୍ମ ୧୭-ସି ପ୍ରଦାନ କରୁନାହାନ୍ତି କମିସନ, ସ୍ୱଚ୍ଛତାକୁ ନେଇ ପ୍ରଶ୍ନ
■ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇବାର ବହୁ ପୂର୍ବରୁ ବିଜେଡି ଉଠାଇଥିଲା
■ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଯାଜପୁର ବିଜେଡି ସଂସଦୀୟ ପ୍ରାର୍ଥୀ

୧୯ ତାରିଖରେ ବିଜେଡି ପକ୍ଷରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା। ଏହାଛଡା ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପାରଦର୍ଶିତା କରିବା ପାଇଁ, ଭୋଟର ଲିଷ୍ଟ ପ୍ରସ୍ତୁତିରୁ ଆରମ୍ଭ କରି ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅଡିଟ୍ କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ନିର୍ବାଚନ ପ୍ରକ୍ରିୟାର ଏପରି ଅଡିଟ୍ ବ୍ୟବସ୍ଥା ସମସ୍ତ ବିକଶିତ ରାଷ୍ଟ୍ର ମାନଙ୍କରେ ରହିଛି। ସେହିପରି ଭିଭିପ୍ୟାଟ ବ୍ୟବସ୍ଥାରେ କେବଳ ୫ ପ୍ରତିଶତରେ ସୀମିତ ନ ରଖି ସମସ୍ତ ଭୋଟ ପାଇଁ ଲାଗୁ କରାଯାଉ ବୋଲି ଅନୁରୋଧ କରାଯାଇଥିଲା। ନିୟମ ଅନୁଯାୟୀ ନିର୍ବାଚନ ପରେ ଫର୍ମ ୧୭-ସି ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା। ମାତ୍ର ନିର୍ବାଚନ କମିସନ ତାହା ଦେଉନାହାନ୍ତି। ଯେହେତୁ କିଛି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଫଳାଫଳକୁ ନେଇ ଉଚ୍ଚନ୍ୟାୟାଳୟରେ ମାମଲା ଦାଖଲ ହୋଇଛି, ସେଥିପାଇଁ ଫର୍ମ ୧୭ ସି ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ନିର୍ବାଚନ କମିସନଙ୍କ ଉତ୍ତର ସନ୍ତୋଷଜନକ ନୁହେଁ। ଓଡ଼ିଶାରେ ମାତ୍ର ୨୮ଟି ନିର୍ବାଚନ ମଣ୍ଡଳୀକୁ ନେଇ ମାମଲା ଚାଲିଛି। ଏହାକୁ ଛାଡି ଅନ୍ୟ ନିର୍ବାଚନ ମଣ୍ଡଳୀ ଗୁଡିକର ଫର୍ମ-୧୭ ସି ପ୍ରଦାନ କରିବା କଥା; କିନ୍ତୁ ନିର୍ବାଚନ କମିସନ ସେଗୁଡିକ ମଧ୍ୟ ପ୍ରଦାନ କରୁନାହାନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଥିଲେ ଯେ ନିକଟରେ ରାହୁଲ ଗାନ୍ଧୀ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ପରେ ରାଜ୍ୟରେ କଂଗ୍ରେସ ମଧ୍ୟ ପ୍ରଶ୍ନ କରିଛି। କିନ୍ତୁ ଏହାର ବହୁ ପୂର୍ବରୁ ବିଜୁ ଜନତା ଦଳ ଏହି ପ୍ରସଙ୍ଗ ଉଠାଇଥିଲା। ବିଜେଡି ଦ୍ୱାରା ପୂର୍ବରୁ ଦାବି କରାଯାଇଥିବା ଅଡିଟ୍ ବ୍ୟବସ୍ଥାକୁ ମଧ୍ୟ ରାହୁଲ ଗାନ୍ଧୀ ଦୋହରାଇଛନ୍ତି। ନିର୍ବାଚନ ଫଳାଫଳକୁ ନେଇ ରାଜ୍ୟବାସୀଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିବାରେ ନିର୍ବାଚନ କମିସନ ସକ୍ଷମ ହୋଇପାରି ନାହାନ୍ତି, ଯେଉଁଥିପାଇଁ ବିଜୁ ଜନତା ଦଳ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ସେହିପରି ଶର୍ମିଷ୍ଠା ସେଠୀ କହିଥିଲେ ଯେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ପରଦିନ ମୁଁ ନିର୍ବାଚନ କମିସନଙ୍କୁ ଯାଜପୁର ସଂସଦ କ୍ଷେତ୍ରର ଫର୍ମ ୧୭-ସି ପାଇଁ ଆବେଦନ କରିଥିଲି। ଏହା ମୋତେ ପ୍ରଦାନ କରା ନ ଯିବାରୁ ମୁଁ ଭାରତର ନିର୍ବାଚନ କମିସନଙ୍କୁ ଚିଠି ଲେଖିଥିଲି। ମାତ୍ର ମୋତେ ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଯାହାଫଳରେ ମୁଁ ବାଧହୋଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲି। ଏବେ ତାହା ବିଚାରାଧୀନ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

## ଜିତନ, ବିଜୟଙ୍କୁ କ୍ରାଇମବ୍ରାଞ୍ଚର ମାରାଥନ୍ ଜେରା

କଟକ, ୧୧।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଦୁଇ ଅଭିଯୁକ୍ତ ତଥା (ମାଧ୍ୟମିକ ଶିକ୍ଷା ପରିଷଦ)ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରାଣା ଓ ଶିକ୍ଷକ ନେତା ବିଜୟ ମିଶ୍ରଙ୍କୁ ଦୁଇଦିନିଆ ରିମାଣ୍ଡରେ ନେଇ ଘନଘନ ଜେରା କରିଛି। ଉଭୟ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲରୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟକୁ ନିଆଯିବା ପରେ ପୂର୍ବରୁ ପ୍ରସ୍ତୁତ ପ୍ରଶ୍ନାବଳୀ ଆଧାରରେ ପୃଥକ୍ ଜେରା କରାଯାଇଥିଲା। କ୍ରାଇମବ୍ରାଞ୍ଚର ୪ଜଣିଆ ଟିମ୍ ସେମାନଙ୍କୁ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଗିରଫ ଭୟରେ ଉଭୟ ନିଜ ମୋବାଇଲରୁ ଅନେକ ତଥ୍ୟ ଡିଲିଟ୍ କରିଦେଇଥିଲେ। ହେଲେ କ୍ରାଇମବ୍ରାଞ୍ଚ ଉଭୟଙ୍କ ମୋବାଇଲକୁ ଜବତ କରି ଡିଲିଟ୍ ହୋଇଥିବା ସମସ୍ତ ତଥ୍ୟକୁ ରିକଭରି କରିବାରେ ସଫଳ ହୋଇଛି। ଆଜି ସ୍ପେସାଲ ଟିମ୍ ଏହି ତଥ୍ୟ ସମ୍ପର୍କରେ ସେମାନଙ୍କୁ ଜେରା କରିଛି।

ଏହି ଜେରାରୁ କ୍ରାଇମବ୍ରାଞ୍ଚକୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାଯାଇଛି। ଏପରିକି, ଜିତନ ଓ ବିଜୟଙ୍କ ମଧ୍ୟରେ କେତେ ନଗଦ କାରବାର ଓ ଆକାଉଣ୍ଟ ମାଧ୍ୟମରେ କାରବାର ହୋଇଛି, ସେନେଇ ଘନଘନ ଜେରା କରାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ଘଟଣାର ମୁଖ୍ୟ ସୂତ୍ରଧର ଜିତନଙ୍କ ଆକାଉଣ୍ଟକୁ ଶିକ୍ଷକ ସଂଘ ନେତା ବିଜୟ ମିଶ୍ରଙ୍କ ତରଫରୁ ଫୋନ-ପେ' ଜରିଆରେ ୨ ଲକ୍ଷ ୫୦ ହଜାର ଟଙ୍କା ଆସିଥିଲା ଓ ବିଜୟଙ୍କ ଆକାଉଣ୍ଟକୁ ଅନୁରୂପ ଆଉ ଜଣେ ଶିକ୍ଷକଙ୍କ ଠାରୁ ୯୯ହଜାର ଟଙ୍କା ଆସିଥିଲା। ଏଣୁ ଉଭୟ ଏହି କେଲେଙ୍କାରୀ ଘଟଣାରେ ନଗଦ ଓ ଆକାଉଣ୍ଟ ଜରିଆରେ ଆହୁରି ଅଧିକ ଅର୍ଥ ଆଦାୟ କରିଥିବା ଜେରାରୁ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଉଭୟଙ୍କୁ ସେମାନଙ୍କ ବ୍ୟାଙ୍କ ଜମାଖାତା ବିବରଣୀ ଓ ଅନ୍ୟ ଦସ୍ତାବିଜ୍ ସହ କ୍ରାଇମବ୍ରାଞ୍ଚ ଟିମ ଅର୍ଥ କାରବାର ସମ୍ପର୍କରେ ତନାଘନା ଚଳାଇଛି। କୋରାପୁଟ, କଳାହାଣ୍ଡି, ରାୟଗଡ଼ା, କେନ୍ଦୁଝର ଆଦି କେତେକ ଜିଲ୍ଲାରେ ଆଶାୟୀ ପରୀକ୍ଷାର୍ଥୀ ତଥା ଶିକ୍ଷକମାନଙ୍କଠାରୁ ପ୍ରଶ୍ନପତ୍ର ବାବଦରେ ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଇଥିବା ନେଇ ଅଭିଯୋଗ ଆସିଥିଲା। ଏସବୁ ଅର୍ଥ କାରବାରରେ ଉଭୟ ଅଭିଯୁକ୍ତଙ୍କ ସହ ଆଉ କିଏ ସମ୍ପୃକ୍ତ ରହିଛନ୍ତି, ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଏହି ଘଟଣାରେ ଗିରଫ ହୋଇଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବୋର୍ଡର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସହିତ ଜିତନଙ୍କ ଆର୍ଥିକ କାରବାର ଘଟଣାର ମଧ୍ୟ ଖୋଳତାଡ଼ କରିଛି କ୍ରାଇମବ୍ରାଞ୍ଚ। ପରୀକ୍ଷା ପରିଚାଳନାରେ ଜିତନଙ୍କ କିଛି ଦାୟିତ୍ୱ ନଥିଲେ ମଧ୍ୟ ନୀହାରଙ୍କ ସହ ଅଫିସ ସମୟ ବାଦ୍ ୧୦୦ଥର ଫୋନରେ ବାର୍ତ୍ତାଳାପ ହୋଇଥିବା କ୍ରାଇମବ୍ରାଞ୍ଚ ପୂର୍ବରୁ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ମଧ୍ୟ ଜିତନଙ୍କୁ କ୍ରାଇମବ୍ରାଞ୍ଚ ଟିମ ପ୍ରଶ୍ନ କରିଥିଲା।

■ ନଗଦ ଆକାରରେ ଆଦାୟ ହୋଇଛି ଲକ୍ଷ ଲକ୍ଷ ଟଙ୍କା !
■ ମୋବାଇଲରୁ ରିକଭରି ହେଲା ଡିଲିଟ୍ ତଥ୍ୟ
■ ଆଗକୁ ବଢ଼ିପାରେ ଗିରଫଦାରୀ ସଂଖ୍ୟା !

ପ୍ରଥମ ପର୍ଯ୍ୟାୟରେ ଆଜି ଜିତନ ଓ ବିଜୟଙ୍କୁ ପୃଥକ୍ ଜେରା କରାଯାଇଥିବା ବେଳେ ଆସନ୍ତାକାଲି ସେମାନଙ୍କୁ ସାମ୍ନାସାମ୍ନି ଜେରା କରାଯିବ ବୋଲି ଜଣାପଡ଼ିଛି।

ଅପରପକ୍ଷେ, ଆଗକୁ ଏହି ଘଟଣାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ରିମାଣ୍ଡରେ ଆଣିବା ପାଇଁ କ୍ରାଇମବ୍ରାଞ୍ଚ ଯୋଜନା କରୁଥିବା ଜଣାପଡ଼ିଛି। ଏଥିସହ ଏହି ଘଟଣାରେ ସଂପୃକ୍ତ ଥିବା ଆଉ କିଛି ବୋର୍ଡ କର୍ମଚାରୀ ଓ ଶିକ୍ଷକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

ସମ୍ବଲପୁର ରେଳମଣ୍ଡଳର ଅବହେଳା !

## ବିଦ୍ୟୁତ ଖୁଣ୍ଟ ପଡ଼ି ଚାଲିଗଲା ଛାତ୍ରଙ୍କ ଜୀବନ

ସମ୍ବଲପୁର,୧୧।୮ (ସମିସ): ସ୍କୁଲ ବନ୍ଦ ହେବାକୁ ମାତ୍ର ଆଉ ୧୫ ମିନିଟ ଥିଲା। ପରିସ୍ରା କରିବାକୁ କହି ସ୍କୁଲ ଛାତ୍ର ବାହାରକୁ ଆସିଥିଲେ। ହେଲେ ଏହି ସମୟରେ ଗୋଟିଏ ବିଦ୍ୟୁତ ଖୁଣ୍ଟ ତାଙ୍କ ଉପରେ ପଡ଼ିଯାଇଥିଲା।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ବିହାରୀପଡ଼ାର ଷଷ୍ଠ ଶ୍ରେଣୀରେ ପଢୁଥିବା ରାହୁଲ ଯାଦବ(୧୨)। ଆଜି ଅପରାହ୍ନ ପ୍ରାୟ ୩ଟା ୪୫ରେ ଏହି ଅଘଟଣ ଘଟିଛି। ରାହୁଲ ପରିସ୍ରା କରିବା ପାଇଁ ବାହାରକୁ ଆସିଥିବା ବେଳେ ତାଙ୍କ ଉପରେ ବିଦ୍ୟୁତ ଖୁଣ୍ଟି ପଡ଼ି ଯାଇଥିଲା। ରେଳବାଇ କର୍ମଚାରୀଙ୍କ ଅବହେଳା କାରଣରୁ ଏହା ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।



ସୂଚନାଯୋଗ୍ୟ, ସ୍କୁଲ ପରିସରକୁ ଲାଗି ସମ୍ବଲପୁର ରୋଡ ଷ୍ଟେସନଟି ରହିଛି। ଏହି ଷ୍ଟେସନରେ ରେଳ ବିଭାଗ ପକ୍ଷରୁ କାମ ଚାଲିଥିବା ବେଳେ ଖୁଣ୍ଟଟି ସ୍କୁଲ ଉପରେ ପଡ଼ିଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀଙ୍କ କହିବା ଅନୁଯାୟୀ, ରେଳ ବିଭାଗ ପକ୍ଷରୁ ଏନେଇ ଆମକୁ କୌଣସି ସୂଚନା ଦିଆଯାଇନଥିଲା। କେତେବେଳେ କାମ ଆରମ୍ଭ କଲେ ଏଥିପାଇଁ କ'ଣ ପଦକ୍ଷେପ ନିଆଯିବା କଥା, ସେନେଇ କିଛି କହିଲେ ନାହିଁ। ହୁଏତ ଆମେ ଏ ବିଷୟରେ ଜାଣିଥିଲେ। ସେ ସମୟରେ ପିଲାଙ୍କୁ ବାହାରକୁ ଯିବାକୁ ବାରଣ କରିଥାନ୍ତୁ। ରାହୁଲର ମୃତ୍ୟୁ ପରେ ଡିଏଚ୍ଏଚ୍ ପରିସରରେ ଦୀର୍ଘ ସମୟ ଧରି ଉତ୍ତେଜନା ଜାରି ରହିଥିଲା। ପରିବାରଲୋକେ ରେଳ ବିଭାଗକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। କୌଣସି ସତର୍କତା ଅବଲମ୍ବନ ନ କରି ଖୁଣ୍ଟି କିପରି କାଟୁଥିଲା। ଦୀର୍ଘ ସମୟର ଉତ୍ତେଜନା ପରେ ଡାକ୍ତରଖାନା ପରିସରରେ ଏଡିଆରଏମ ପହଞ୍ଚି ସ୍ଥିତି ପରଖିଥିଲେ। ମୃତ ଛାତ୍ରଙ୍କ ବଡ଼ଭାଇଙ୍କୁ ସରକାରୀ ଚାକିରୀ ଓ ଅନୁକମ୍ପା ରାଶି ୨୦ଲକ୍ଷ ଟଙ୍କା ଦେବା ପାଇଁ ଏଡିଆରଏମଙ୍କ ପାଖେ ଦାବି କରାଯାଇଛି। ରେଳବିଭାଗ ଏହାକୁ ନ ମାନିଲେ ଡିଆରଏମ ଓ ରେଳଲାଇନ ଉପରେ ବସି ଆନ୍ଦୋଳନ କରିବୁ ବୋଲି ପରିବାର ଓ ପଡ଼ାବାସୀ ଦାବି କରିଥିଲେ।

## ଖୁବ୍ ଶୀଘ୍ର ଆସିବ ନୂଆ ବିସ୍ଥାପନ ଓ ଥଇଥାନ ନୀତି

ଭୁବନେଶ୍ୱର,୧୧।୮ (ସମିସ): ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ନୂତନ ବିସ୍ଥାପନ ଓ ଥଇଥାନ ନୀତି ଆଣିବେ ରାଜ୍ୟ ସରକାର। ଏ ନେଇ ଏକ ନୂତନ ବ୍ୟବସ୍ଥା ପ୍ରଣୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପ୍ରସ୍ତାବିତ ନୀତିର ଅଂଶ ଭାବରେ ବିସ୍ଥାପିତ ଲୋକଙ୍କୁ ବିଭିନ୍ନ ପ୍ରକାରର କ୍ଷତିପୂରଣ ମଧ୍ୟରୁ ଗୋଟିଏ ବାଛିବାର ଅଧିକାର ରହିବ। ଯଦି କୌଣସି ପ୍ରକଳ୍ପ ପାଇଁ ଜମି ଆବଶ୍ୟକ ହୁଏ, ତେବେ ସରକାର ଜମି ହରାଇଥିବା ଲୋକଙ୍କ ଉପରେ ଏହାର ଯୋଜନା ଜୋରଜବରଦସ୍ତ ଲଦି ଦେବେ ନାହିଁ। ପ୍ରଭାବିତ ଲୋକଙ୍କ ଦାବି ଏବଂ ସୁବିଧା ଆଧାରରେ ବିଭିନ୍ନ ବିକଳ୍ପ ଦିଆଯିବ। ଏଥିରେ ଆର୍ଥିକ କ୍ଷତିପୂରଣ ବ୍ୟତୀତ ଜମି ହରାଇଥିବା ଲୋକମାନେ ପ୍ରକଳ୍ପରେ ଅଂଶୀଦାର ମଧ୍ୟ ହୋଇପାରିବେ। ଏହା ବ୍ୟତୀତ ଜମି ବଦଳରେ ଜମି ପାଇଁ ମଧ୍ୟ ସରକାର ବ୍ୟବସ୍ଥା କରିବେ। ଯଦି ପ୍ରଭାବିତ ଲୋକମାନେ ଚାହାଁନ୍ତି, ତେବେ ସେମାନେ ଆର୍ଥିକ କ୍ଷତିପୂରଣ ବଦଳରେ ପ୍ରକଳ୍ପରେ ଏକ ଆନୁପାତିକ ଅଂଶଧନ ମଧ୍ୟ ନେଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ଏହା ବ୍ୟତୀତ କ୍ଷତିପୂରଣ ଭାବରେ ପ୍ରଦାନ କରାଯାଇଥିବା ଟଙ୍କା ଅନେକ କ୍ଷେତ୍ରରେ ତିନି ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ପାଖରେ ରହି ନ ଥାଏ। ସେହିପରି ଅନେକ ଲୋକ ବ୍ୟବସାୟ ଓ ନିବେଶ କିପରି କରିବେ ତାହା ଜାଣନ୍ତି ନାହିଁ। ଫଳରେ ସେମାନେ କ୍ଷତିପୂରଣ ଟଙ୍କା ହରାଇ ଦେଇଥାନ୍ତି। ପ୍ରଭାବିତ ପରିବାର ପାଇଁ ଦୀର୍ଘକାଳୀନ ଜୀବିକା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଏହି ପଦ୍ଧତି ଦ୍ୱାରା ପ୍ରକଳ୍ପରେ ଅଂଶଗ୍ରହଣ, ବିକଳ୍ପ ଜୀବିକା ସୁଯୋଗ ଏବଂ ଭୂମି ବିନିମୟ ସମେତ ବହୁବିଧ ଥଇଥାନର ବିକଳ୍ପ ପ୍ରଦାନ କରିବା ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

■ ପ୍ରାକୃତିକ ବିପର୍ଯ୍ୟୟରେ ଜମିହରାଙ୍କୁ ସରକାର ଦେବେ ଜମି
■ ରହିବ ଆର୍ଥିକ କ୍ଷତିପୂରଣ, ଅଂଶୀଦାର ଓ ଜମି ବଦଳରେ ଜମି

ଏହା ବ୍ୟତୀତ ପ୍ରାକୃତି ବିପର୍ଯ୍ୟୟରେ ଯେଉଁମାନେ ଜମି ହରାଇଥିବେ, ସେମାନଙ୍କୁ ସରକାର ଜମି ଦେବେ ବୋଲି ମଧ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏ ନେଇ ଖୁବଶୀଘ୍ର ସବୁ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯିବ ବୋଲି ସେ କହିଛନ୍ତି। ତାଙ୍କ କହିବା ମୁତାବକ, ନିଆଳିରେ ୧୯୮୨ମସିହାରୁ ଏହି ସମସ୍ୟା ନଜରକୁ ଆସିଛି। ନିଆଳି ସହ ବଡମ୍ବାରେ ବି ବନ୍ୟା ସମୟରେ ନଦୀ ତା'ର ଗତିପଥ ବଦଳାଇବାରୁ ଅନେକ ଲୋକ ଜମି ହରାଇଛନ୍ତି। ସେମାନଙ୍କ ଜମି ନଦୀ ଭିତରକୁ ଚାଲି ଯାଇଥିବାରୁ ସେମାନେ ଏବେ ଜମିହୀନ ହୋଇଛନ୍ତି। ତେଣୁ ଜମି ହରାଇଥିବା ଲୋକଙ୍କୁ ସରକାର ଜମି ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାପାଳମାନଙ୍କ ରିପୋର୍ଟ ଆସିବା ପରେ ଏହି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ବାପ-ଝିଅଙ୍କ ଉପରେ ଚଢ଼ିଗଲା ଟ୍ରକ୍

କେନ୍ଦୁଝର,୧୧।୮ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଦେଇ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥରେ ଆଜି ଏକ ଦୁର୍ଘଟଣାରେ ବାପା-ଝିଅଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ରୁଗୁଡ଼ି ଥାନା ଲୋଇଡ଼ାପଦା ଅଞ୍ଚଳର ଦିଲୀପ ସିଙ୍କୁ ଓ ତାଙ୍କର ଦୁଇବର୍ଷର ଝିଅ ଜସ୍ମିନ ସିଙ୍କୁ। ଏହି ଘଟଣାରେ ଦିଲ୍ଲୀପଙ୍କ ସ୍ତ୍ରୀ ତୁଳସୀ ସିଙ୍କୁ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଆଜି ସଂଧ୍ୟାରେ ସ୍ତ୍ରୀ ଓ ଝିଅକୁ ଧରି ଦିଲ୍ଲୀପ ଏକ ସ୍କୁଟିରେ ଯାଉଥିବା ବେଳେ ଟୋପାଡ଼ିହି ଛକ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ପଛପଟୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଏଥିରେ ଘଟଣାସ୍ଥଳରେ ଦିଲ୍ଲୀପ ଓ ଝିଅ ଜସ୍ମିନର ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଚାଳକ ଫେରାର୍ ହୋଇଯାଇଥିବା ଜଣାଯାଇଛି। ରୁଗୁଡ଼ି ପୁଲିସ୍ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ତଦନ୍ତ ଆରମ୍ଭ କରିବା ସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ପାରିବାରିକ କଳହର କରୁଣ ପରିଣତି

## ସ୍ତ୍ରୀକୁ କାତିରେ ହାଣି ହତ୍ୟା

ମୋହନା, ୧୧।୮ (ସମିସ): ପାରିବାରିକ କଳହରୁ ସ୍ତ୍ରୀକୁ କାତିରେ ହାଣି ହତ୍ୟା। ଗଜପତି ଜିଲ୍ଲା ମୋହନା ଥାନା କୁଙ୍କୁଣୀ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ, ରେଶମା ବାଗସିଂ। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ





ସ୍ୱାମୀ ଅନନ୍ତ ବାଗ୍‌ସିଂକୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ, କୁଙ୍କୁଣୀ ଗ୍ରାମର ରେଶମା ୯ ବର୍ଷ ତଳେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ପକେଲମା ଗ୍ରାମର ଅନନ୍ତଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହ ପରଠାରୁ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଏଥିପାଇଁ ୪ ମାସ ହେଲା ରେଶମା ବାପଘରେ ଆସି ରହୁଥିଲେ। ଗତରାତିରେ ଅନନ୍ତ ମୋହନା ଆସିଥିଲେ। ଉଭୟ ସ୍ୱାମୀ, ସ୍ତ୍ରୀ ମୋହନା ବଜାର ବୁଲିବାକୁ ଯାଇ ରାତି ପ୍ରାୟ ୧୦ ଟାରେ କୁଙ୍କୁଣୀ ଗାଁକୁ ଫେରିଥିଲେ। ରାତ୍ରି ଭୋଜନ ପରେ ଅନନ୍ତ ରେଶମାଙ୍କୁ ପାଣି ଆଣିବା ପାଇଁ କହିଥିଲା। ଏହି ସମୟରେ ଅନନ୍ତ ତାଙ୍କ ବେକ ଏବଂ ମୁହଁକୁ କାତିରେ ଦୁଇ ଚୋଟ ପକାଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ବିଳମ୍ବିତ ରାତିରେ ରେଶମାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକଙ୍କ ଅଭିଯୋଗ ପରେ ପୁଲିସ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାରେ ବ୍ୟବହୃତ କାତିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ସ୍ୱାମୀ ଅନନ୍ତକୁ କୋର୍ଟ ଚାଲାଣ କରାଯାଇଛି।

ଆଜି ବିଶ୍ୱ ହସ୍ତୀ ଦିବସ

## ଓଡ଼ିଶା ଦନ୍ତାଙ୍କୁ ପେଟ ଚିନ୍ତା

ଭୁବନେଶ୍ୱର,୧୧।୮ (ସମିସ): ରାଜ୍ୟରେ ଜଙ୍ଗଲ ଅନୁପାତରେ ହାତୀମାନଙ୍କ ସଂଖ୍ୟା ସମାନୁପାତିକ ରହିଛି। ମାତ୍ର ଦିନକୁ ଦିନ ହାତୀ-ମଣିଷ ଲଢ଼େଇ ଓ କ୍ଷୟକ୍ଷତି ବିଶେଷଜ୍ଞଙ୍କୁ ଅଧିକ ଚିନ୍ତିତ କରିଛି। ହାତୀ-ମଣିଷ ଲଢ଼େଇ ଯୋଗୁଁ ପ୍ରତି ବର୍ଷ ଶତାଧିକ ଲୋକଙ୍କ ଜୀବନ ଯାଉଛି। ବର୍ତ୍ତମାନ ରାଜ୍ୟର ପ୍ରାୟ ସବୁ ଜଙ୍ଗଲରେ ହାତୀଙ୍କ ଖାଦ୍ୟ ଉପଯୋଗୀ ସାମଗ୍ରୀର ଅଭାବ ରହିଥିବା ଜଣାପଡ଼ିଛି। ଯାହାଫଳରେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ଜନବସତୀ ମୁହାଁ ହେଉଛନ୍ତି ଓ ହାତୀ-ମଣିଷ ଲଢ଼େଇ ବୃଦ୍ଧି ପାଉଛି। ସାଧାରଣତଃ ଗୋଟିଏ ହାତୀ ଦିନକୁ ୧ କୁଇଣ୍ଟାଲରୁ ଦେଢ଼ କୁଇଣ୍ଟାଲର ଖାଦ୍ୟ ଓ ୨୦୦-୨୫୦ ଲିଟର ପାଣି ଆବଶ୍ୟକ କରିଥାଏ। ମାତ୍ର ଜଙ୍ଗଲରେ ହାତୀମାନଙ୍କୁ ଏତେ ପରିମାଣରେ ଆଉ ଖାଦ୍ୟ ପଦାର୍ଥ ମିଳିପାରୁ ନ ଥିବାରୁ ସେମାନେ ଜଙ୍ଗଲରୁ ବାହାରି ଆସୁଛନ୍ତି ଓ କ୍ଷେତ କିମ୍ବା ଜନବସତି ମୁହାଁ ହେଉଛନ୍ତି। ଏହି ସମୟରେ ହାତୀ-ମଣିଷଙ୍କ ମଧ୍ୟରେ ଘମାଘୋଟ୍ ଲଢ଼େଇ ହେଉଛି ଓ ଏଥିରେ ଲୋକଙ୍କ ଜୀବନ ଯାଉଛି। ହାତୀମାନେ ମୁଖ୍ୟତଃ ଶିଆଳି, ଡିମ୍ବିରି, କୁମ୍ଭୀ, ତାଳ, ଆମ୍ବ ଓ ପଣସ ଭଳି ଖାଦ୍ୟ ଖାଉଥିବା ବେଳେ ବାଉଁଶକୁ ପ୍ରମୁଖ ଖାଦ୍ୟ ଭାବେ ଖାଇଥାନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ବ୍ୟାପକ ବାଉଁଶ ମିଳୁଥିଲା। ହେଲେ ଏବେ ଜଙ୍ଗଲରେ ହାତୀଙ୍କୁ ଖାଇବା ପାଇଁ ଆବଶ୍ୟକୀୟ ପରିମାଣରେ ବାଉଁଶ ବି ମିଳୁ ନଥିବା ଅଭିଯୋଗ ହୋଇଛି। ଯାହାପାଇଁ ହାତୀଙ୍କ ପାଇଁ ଜଙ୍ଗଲରେ ଖାଦ୍ୟାଭାବ ସମସ୍ୟା ସୃଷ୍ଟି ହୋଇଛି।


■ ଖାଦ୍ୟ ସନ୍ଧାନରେ ଦିନକୁ ଚାଲୁଛନ୍ତି ୪୦ କିମି
■ ଓଡ଼ିଶା ଜଙ୍ଗଲରେ ଅଛନ୍ତି ଅଧିକ ୪୦୦ ହାତୀ
■ ଜନବସତି ମୁହାଁ ହେବା ପଛରେ ଖାଦ୍ୟାଭାବ

ଅନ୍ୟପଟେ ହାତୀଙ୍କ ଖାଦ୍ୟାଭାବ ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଯେହେତୁ ଧାନ ଚାଷ ସମୟରେ ହାତୀମାନେ କ୍ଷେତ ମୁହାଁ ହେଉଛନ୍ତି, ତେଣୁ ଜଙ୍ଗଲ ମଧ୍ୟରେ ଥିବା ଖାଲି ସ୍ଥାନଗୁଡ଼ିକରେ ଧାନ ଚାଷ କରିବାକୁ ମୁଖ୍ୟମନ୍ତ୍ରୀ ଜଙ୍ଗଲ ବିଭାଗକୁ ପରାମର୍ଶ ଦେଇଛନ୍ତି। ଏହା କେତେ ଫଳପ୍ରଦ ହେବ ତାହା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପଟେ ରାଜ୍ୟରେ ଯେତିକି ହାତୀ ରହିବା କଥା ସେହି ତୁଳନାରେ ହାତୀଙ୍କ ସଂଖ୍ୟା ଅଧିକ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୂର୍ବତନ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ଯେତିକି ହାତୀ ରହିବା କଥା, ତାହାର ସଂଖ୍ୟା ଅଧିକ ରହିଛି। ଏହାସହିତ ହାତୀମାନଙ୍କର ଯେଉଁ କରିଡ଼ର ଥିଲା, ତାହା ପ୍ରଭାବିତ ହୋଇଥିବାରୁ ହାତୀମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ହାତୀଙ୍କ ଜନ୍ମହାର ରୋକିବା ଉପରେ ବିଶେଷଜ୍ଞ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ଇଂଜେକ୍ସନ ସହିତ କିଛି କିଛି ସ୍ଥାନରେ କ୍ୟାମ୍ପ କରି ଯୁବ ହାତୀମାନଙ୍କୁ ରଖିଦେବା ଆବଶ୍ୟକ। ଏହା ବ୍ୟତୀତ କରିଡୋରର ପୁନରୁଦ୍ଧାର ପାଇଁ ଯଥାସମ୍ଭବ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଶ୍ରୀ ନନ୍ଦ କହିଛନ୍ତି। ସୂଚନା ଥାଉ କି ୨୦୨୪ ହାତୀ ଗଣନା ଅନୁଯାୟୀ ରାଜ୍ୟର ୨୮ଟି ଜିଲ୍ଲାର ୪୮ଟି ବନଖଣ୍ଡରେ ୨,୦୯୮ ହାତୀ ରହିଛନ୍ତି। ୨୦୧୭ରେ ଏହି ସଂଖ୍ୟା ୧,୯୩୮ ରହିଥିଲା। ନୂଆ ଗଣତିରେ ୧,୦୩୦ ମାଈ, ୪୭୪ ପୁରୁଷ ଏବଂ ୫୯୪ ଛୁଆ ହାତୀ ଚିହ୍ନଟ ହୋଇଛନ୍ତି। ଏନ୍‌ସିଏଫ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଥିଲା ଯେ ଓଡ଼ିଶାର ଜଙ୍ଗଲର ୧୭୦୦-୧୮୦୦ ହାତୀ ରହି ପାରିବେ।

## ସାତକୋଶିଆ ରେଞ୍ଜରେ ଅସୁସ୍ଥ ମାଈହାତୀ ମୃତ

ଠାକୁରମୁଣ୍ଡା,୧୧।୮ (ସମିସ): କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ବେଣୁଆଦର ଜଙ୍ଗଲରେ ଗୋଟିଏ ମାଈହାତୀର ମୃତ୍ୟୁ ଘଟିଛି। ହାତୀଟି କିଛି ଦିନ ହେବ ଅସୁସ୍ଥ ଥିଲା। ତେବେ କେଉଁ କାରଣରୁ ତା'ର ମୃତ୍ୟୁ ହୋଇଛି, ତାହା ଜଣାପଡ଼ିନାହିଁ। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି। ମୃତ ହାତୀର ବୟସ ପ୍ରାୟ ୧୫ରୁ ୨୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ସୂଚନାନୁଯାୟୀ, ରବିବାର କମ୍ପାଟମେଣ୍ଟ ନମ୍ବର ୧୯ ଭାଲିଆଡାଳ ପଞ୍ଚାୟତ



ବେଣୁଆଦର ସାହି ଜଙ୍ଗଲ ଭିତରେ ଏକ ହାତୀ ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ଛିଡ଼ା ହୋଇଥିବା ସ୍ଥାନୀୟ ଲୋକେ ଦେଖି ବନବିଭାଗକୁ ଖବର ଦେଇଥିଲେ। ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ହାତୀଟି ଅସୁସ୍ଥ ଥିବା ଜାଣିବାକୁ ପାଇଥିଲେ। କିନ୍ତୁ ତା'ର ଚିକିତ୍ସା ପାଇଁ ଉଦ୍ୟମ କରୁଥିବା ବେଳେ ହାତୀଟିର ମୃତ୍ୟୁ ହୋଇଯାଇଥିଲା।

## ମା'କୁ ଫୋନ୍ କରି ନିଜକୁ ଗୁଳି କଲେ ଯବାନ

କାମାକ୍ଷାନଗର,୧୧।୮ (ସମିସ): ମା' ସହ ଫୋନ୍‌ରେ କଥା ହେଉହେଉ ନିଜକୁ ଗୁଳି କରିଦେଲେ ଯବାନ। ମୃତ ଯବାନଜଣଙ୍କ ହେଲେ, ଜମ୍ମୁ କାଶ୍ମୀରରେ ବିଏସ୍ଏଫ୍ ଯବାନ ଭାବେ କାର୍ଯ୍ୟରତ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ମାଳପୁରା ଗ୍ରାମର ସୁରେଶ ବିଶ୍ୱାଳ। ତାଙ୍କ ପରିବାର କାମାକ୍ଷାନଗର ସହରର ଅନନ୍ତପୁର ସାହିରେ ରହୁଥିଲା। ସୁରେଶ ୧୫ ବର୍ଷ ହେବ, ବିଏସ୍ଏଫ୍ ଯବାନ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ଏବେ ଜାମ୍ମୁ କାଶ୍ମୀରରେ ନିୟୋଜିତ ଥିଲେ। ୯ଦିନ ତଳେ ସେ ଘରକୁ ଛୁଟିରେ ଆସି ପୁଣି ଫେରିଥିଲେ। ତେବେ ଆଜି ସଂଧ୍ୟାରେ ସେ



ଡ୍ୟୁଟିରେ ଥିବା ବେଳେ ମା'ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଏହି ସମୟରେ ସେ ନିଜ ସର୍ଭିସ୍ ରିଭଲଭରରୁ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ତେବେ ଏପରି ଚରମ ପଦକ୍ଷେପ ନେବାର କାରଣ ସଂପର୍କରେ ତାଙ୍କ ମା'ଙ୍କ ଫୋନ୍‌କୁ ମେସେଜ୍ କରିଥିବା ଜଣାଯାଇଛି।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୭୫ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ


ପଟ୍ଟାମୁଣ୍ଡାଇ, ୧୧।୮ (ସମିସ)



ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତି ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରି ୭୫ଟି ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟ ଶାସନ ଶ୍ରୀରାମପୁର, ଡାମରପୁର, ବଡ଼ମୂଳବସନ୍ତ, ସିଂହଗାଁ ଓ ଶାସନ, ବଳଭଦ୍ରପୁର, ଚନ୍ଦନନଗର, ପେଣ୍ଠପାଳ, ତରଡ଼ିପାଳଙ୍କ ସହିତ ପଟ୍ଟାମୁଣ୍ଡାଇ-ରାଜନଗର ବିଆରଏଫଇ ରାସ୍ତାର ଅଳଭାଠାରୁ ଶାସନ ପର୍ଯ୍ୟନ୍ତ ୪କିମି ଅତ୍ୟନ୍ତ ଶୋଚନୀୟ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ମରାମତି ପାଇଁ ଦାବି କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତା, ବିଦ୍ୟୁତ ଖୁଣ୍ଟ ମରାମତି ସହ ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ବନ୍ୟାବିପନ୍ନ ପେଣ୍ଠପାଳ ପଞ୍ଚାୟତର କୋଳଥିଆ ଓ ନାୟିଆଡିଆକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ନପଙ୍ଗ- ପନ୍ଥୁରି ରାସ୍ତା ମରାମତି ଓ ୧୪ନଂ କେନାଲ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ବଡ଼ପଡ଼ା ସମବାୟ ସମିତି ସଭାପତି ଅଶୋକ ମଲ୍ଲିକ, ଯୁବନେତା ଜ୍ୟୋତି ରଞ୍ଜନ ପ୍ରଧାନ, ବନମାଳୀ ମହାପାତ୍ର ଓ ଗୌତମ ରାଉତ ପ୍ରମୁଖ ସମିତି ପରିଚାଳନା କ୍ଷେତ୍ରରେ ଏଆରସିଏସ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବଲ୍ଲୁରିଆ ପଞ୍ଚାୟତରେ ଡିଲର ନିଯୁକ୍ତି କରିବାକୁ ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ ଦାବି କରିଥିଲେ। ସିଂହଗାଁ ସମିତିସଭ୍ୟ ଅଭୟ ସ୍ୱାଇଁ ଚଉଦକୁଲାଟ ଫାଣ୍ଡିକୁ ଭ୍ୟାନ ଯୋଗାଇ ଦେବା, ଦିହୁଡିପୁର ସରପଞ୍ଚ ନରେଶ ମଳିକ ଯେକୌଣସି ଗ୍ରାମକୁ ଆଦର୍ଶ ଗ୍ରାମ ଘୋଷଣା, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଶରତ ବିଶ୍ୱାଳ, ପ୍ରଭାତ ମଳିକ, ସନ୍ତୋଷ ବିଶ୍ୱାଳ, ବଳରାମ ବେହେରା, କୁଳମଣି ଦାସ, ରୀନା ଦଳାଇ, ଆଶାଲତା ସୂତାର, ଉର୍ମିଳା ବେହେରା ପ୍ରମୁଖ ବଡ଼ପଡ଼ା ଛାତ୍ରୀ ଆତ୍ମାହୁତି ମାମଲାର ନ୍ୟାୟିକ ତଦନ୍ତ, ଜଳ ନିଷ୍କାସନ ପାଇଁ ପୌରପରିଷଦର ସମସ୍ତ ୱାର୍ଡରେ ଡ୍ରେନ ନିର୍ମାଣ, ସରକାରୀ ଜମି ଓ ଜବରଦଖଲ ମୁକ୍ତ, ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ସମସ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା, ଶୀତଳଭଣ୍ଡାର ନିର୍ମାଣ, ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା ଓ ଉପଖଣ୍ଡ ଚିକିତ୍ସାଧିକାରୀ ନିଯୁକ୍ତି କରିବା ଆଦି ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।

ଏହି ଶିବିରରେ ଭାରପ୍ରାପ୍ତ ସିଡିଏମଓ ଡା. ପ୍ରମୋଦ ପ୍ରହରାଜ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ବନ୍ଦନା ପାତ୍ର, ସବଡିଭିଜନ ହସ୍‌ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡ଼ା, ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସୁବାସ ଥାଟୋଇ, ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ସାହୁ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରକୁ ବ୍ଲକ ମୁଖ୍ୟ କିରାଣି ଗୌରୀ ବେହେରା, ସିପି ପ୍ରିୟରଞ୍ଜନ ସ୍ୱାଇଁ, ପ୍ରଭାତ ମଲ୍ଲିକ ଓ ରଞ୍ଜିତ ପରିଡ଼ା ପରିଚାଳନା କରିଥିଲେ।

## ବଜାର ନିକଟ ନାଳରେ ୨୦ ଫୁଟର କୁମ୍ଭୀର



**ରାଜନଗର, ୧୧।୮ (ସମିସ):** ଚାନ୍ଦିବାଉଁଶମୂଳ ପଞ୍ଚାୟତର ଜରିମୂଳ ବଜାର ବ୍ୟାଙ୍କ ଅଫ ବରୋଦା ନିକଟ ନାଳରେ ପ୍ରାୟ ୨୦ ଫୁଟର ବଉଳା କୁମ୍ଭୀର ଭସିବା ସହିତ କେନାଲ ନିକଟରେ ଥିବା ଚାଷଜମି ଉପରକୁ ଉଠି ଶୋଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏହି କୁମ୍ଭୀର ମହିଳାଙ୍କୁ ଟାଣି ନେଇ ଖାଇଥିବାରୁ ପୁଣି ଆକ୍ରମଣର ଆଶଙ୍କା କରି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବନ ବିଭାଗକୁ ସ୍ଥାନୀୟ ଲୋକେ ଖବର ଦେବା ପରେ ବି ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଫରେଷ୍ଟର ବିଜୟ ପାତ୍ରଙ୍କୁ ପଚାରିବାରୁ ଖବର ପାଇବା ପରେ କୁମ୍ଭୀରକୁ ଜାଲ ମାଧ୍ୟମରେ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

## ସିଙ୍ଗିଟାଳି ଗ୍ରାମରୁ ସାପ ଉଦ୍ଧାର

**ପାରାଦୀପ, ୧୧।୮ (ସମିସ):** ଆଜି ସିଙ୍ଗିଟାଳୀ ଗ୍ରାମର ନିରଞ୍ଜନ ଜେନାଙ୍କ ଘର ବାଡ଼ିରୁ ଏକ ୬ ଫୁଟର ସାପ ଉଦ୍ଧାର କରାଯାଇଛି। ଏହି ବିଷାକ୍ତ ସାପ ଜାଲରେ ପଡ଼ିଥିଲା। ପରିବାର ଲୋକେ ଏତେବଡ଼ ସାପକୁ ଦେଖି ଭୟରେ ଗାଁ ଲୋକଙ୍କୁ ଡାକି ଦେଖାଇବା ସହ ସାପକୁ ଧରିବାକୁ ପ୍ରୟାସ କରିଥିଲେ। ଗ୍ରାମର ଜଣେ ଯୁବକ ତୁରନ୍ତ କୁଜଙ୍ଗର ଯୁବ ସାପ ଧରାଳି ପ୍ରଭାତ ବେହେରାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ପ୍ରଭାତ ସହଯୋଗୀ ମଣିଶଙ୍କର ପରିଡ଼ା ଓ ଦେବଦୁତ ସଡକ ସୁରକ୍ଷା ବାହିନୀ ସଭାପତି ପଙ୍କଜ ତରାଇ, ମଦନ ସାହୁ ଓ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ସାଙ୍ଗରେ ନେଇ ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଛନ୍ତି।

## ମହିଳାଙ୍କ ନିର୍ଯାତନା ଅଭିଯୋଗ

**ପଟ୍ଟାମୁଣ୍ଡାଇ/ମାଳିପୁର, ୧୧।୮ (ସମିସ):** ଡାମରପୁର ପଞ୍ଚାୟତ ରାଘବପୁର ଗ୍ରାମର ଜଣେ ମହିଳା ଶଶୁର ଓ ଶାଶୂଙ୍କ ବିରୋଧରେ ଗ୍ରାମାଞ୍ଚଳ ଥାନାରେ ନିର୍ଯାତନା ଅଭିଯୋଗ କରିଛନ୍ତି। ମନୋଜ ସେଠୀଙ୍କ ବିଧବା ପତ୍ନୀ ଜୟନ୍ତୀ ସେଠୀଙ୍କୁ ତାଙ୍କ ଶଶୁର ବଳରାମ ସେଠୀ, ଶାଶୂ ଘୁମ ସେଠୀ ଓ ଦିଅର ବାବନ ସେଠୀ ସ୍ୱାମୀଙ୍କ ମୃତ୍ୟୁ ପରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାବେଳେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାଡ଼ ମାରୁଥିବା ଅଭିଯୋଗ କରିଛନ୍ତି। ଏପରିକି ଘରୁ ବାହାର କରିଦେବାକୁ ଧମକ ଦେଇଛନ୍ତି। ନିର୍ଯାତନା ସହି ନ ପାରି ଛୋଟ ପିଲାଙ୍କୁ ଧରି ଜୟନ୍ତୀ ଶାଶୂଘର ସଂଲଗ୍ନ ଏକ ଛୋଟ ଘରେ ରହୁଥିଲେ। ସେଠାରେ ବର୍ଷାରେ ପାଣି ଗଳିବାରୁ ଜୟନ୍ତୀ ଶଶୁରଙ୍କୁ ଜଣାଇବାରୁ ଶାଶୂ ଓ ଦେଢ଼ଶୁରଙ୍କ ସହ ମିଶି ଗାଳିଗୁଲଜ ଓ ମାରଧର କରିଥିଲେ। ଶଶୁର ରାଗି ଯାଇ ଜୟନ୍ତୀଙ୍କ ଗାଲ କାମୁଡି ଦେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳ ଥାନା ପୁଲିସ ଏହି ଅଭିଯୋଗର ତଦନ୍ତ କରୁଛି। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା ଏହି ଅଭିଯୋଗର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଛାତ୍ରୀଙ୍କ ବ୍ୟାଗ୍ ଝାମ୍ପିନେଲା ଲୁଟେରା

**ପଟ୍ଟାମୁଣ୍ଡାଇ, ୧୧।୮ (ସମିସ):** କଷଣଅଣ୍ଟା ଗ୍ରାମର ଜଞ୍ଜାଳୀ ଛକରେ ଦୁଇଜଣ କଲେଜ ଛାତ୍ରୀଙ୍କ ବ୍ୟାଗ୍ ଝାମ୍ପିନେଇ ଲୁଟେରା ଚମ୍ପଟ ମାରିଛି। ଏହି ବ୍ୟାଗରେ ଛାତ୍ରୀଙ୍କ ମୋବାଇଲ ଥିଲା। ଏ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରାଯାଇଛି। ମଣ୍ଡପଡ଼ା ଗ୍ରାମର ପୁଷ୍ପକ ପ୍ରଧାନଙ୍କ ଝିଅ ଦିବ୍ୟଦିଶା ପ୍ରଧାନ ଓ ତାଙ୍କ ସାଙ୍ଗ ଶୁଭସ୍ମିତା ମହାନ୍ତି କେନ୍ଦ୍ରାପଡ଼ା କଲେଜରୁ ବସ୍ ଯୋଗେ ପଟ୍ଟାମୁଣ୍ଡାଇ ଆସିଥିଲେ। ବସ୍‌ରୁ ଓହ୍ଲାଇ ସାଇକଲରେ ଘରକୁ ଫେରୁଥିଲେ। ସାଇକଲ ଡାଲାରେ ବ୍ୟାଗ ରଖି ଯାଉଥିବାବେଳେ ଜଞ୍ଜାଳୀ ଛକରେ ସ୍କୁଟିରେ ଜଣେ ଦୁର୍ବୃତ୍ତ ଦ୍ରୁତ ବେଗରେ ଆସି ସାଇକଲ ଡାଲାରୁ ବ୍ୟାଗ ନେଇ ଚମ୍ପଟ ମାରିଥିଲା। ସେହି ବ୍ୟାଗରେ ଦିବ୍ୟଦିଶା ଓ ଶୁଭସ୍ମିତାଙ୍କ ମୋବାଇଲ, ଆକାର୍ଡ, ଲାଇବ୍ରେରୀ କାର୍ଡ, ବ୍ୟାଙ୍କ ପାସ୍‌ବୁକ, କଲେଜ ବହି ଓ କିଛି ଟଙ୍କା ସହିତ ଦୁଇଟି ମୋବାଇଲ ଥିଲା। କେନ୍ଦ୍ରାପଡ଼ା କଲେଜ ଛାତ୍ରୀ ଦିବ୍ୟଦିଶା ପ୍ରଧାନ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନାଉଗାଁ ସାଂସ୍କୃତିକ ପରିଷଦର ପ୍ରସ୍ତୁତି ବୈଠକ

**ନାଉଗାଁ, ୧୧।୮ (ସମିସ):** ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରତିବର୍ଷ ଶିଖରଘାଟଠାରେ ଆୟୋଜିତ ହେଉଥିବା ବୋଇତ ବନ୍ଦାଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ସାରେଇକୂଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ମୁଖ୍ୟ ଉପଦେଷ୍ଟା ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପରିଷଦର ସମ୍ପାଦକ ଅଧ୍ୟାପକ ସରୋଜ ନାୟକ ଗତବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉପସ୍ଥିତ ସଦସ୍ୟ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପୂର୍ବ ବର୍ଷମାନଙ୍କରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଏବର୍ଷ ନାଉଗାଁ ଅଞ୍ଚଳର ୨୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରାଯାଇଥିଲା। ଏଥିସହିତ ବରିଷ୍ଠ ଓ କନିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ କରି ପୁରସ୍କୃତ କରିବା ପାଇଁ ନିଷ୍ପତ୍ତି କରାଯାଇଥିଲା। ବୈଠକରେ ଉପଦେଷ୍ଟା ନିରଞ୍ଜନ ବେହୁରା, ଉପସଭାପତି ନିରଞ୍ଜନ ମହାନ୍ତି, ପ୍ରକାଶ ରାୟ, ଜ୍ୟୋତିପ୍ରକାଶ ଲେଙ୍କା, ବେଣୁଧର ସ୍ୱାଇଁ ପ୍ରମୁଖ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଆଗତ କରିଥିଲେ। ରାମଚନ୍ଦ୍ର ସ୍ୱାଇଁ, ରଶ୍ମିରଞ୍ଜନ ରାଉତ, ଡ. ଅଭୟ ମଲ୍ଲିକ, ନନ୍ଦକିଶୋର ବାରିକ, ବିଜୟ ବାରିକ, ଅନ୍ନସ୍ମିତା ବେହୁରା, ଅନୀଲ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ସେପ୍ଟେମ୍ବର ୭ ତାରିଖ ରବିବାର ଦିନ ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ତ୍ରିଲୋଚନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଭେଟିଲେ ଶିଳ୍ପମନ୍ତ୍ରୀ



**କୁଜଙ୍ଗ, ୧୧।୮ (ସମିସ):** କୋଠିଆସାହି ଛକ ଦୁର୍ଘଟଣାରେ ବାଗୋଇ ପଞ୍ଚାୟତ ଷଣ୍ଢପୁର ଗ୍ରାମର ରାଜକିଶୋର ବିଶ୍ୱାଳ ଓ ତାଙ୍କ ଶିଶୁ କନ୍ୟା ମୃତ୍ୟୁବରଣ କରିଥିଲେ। ଆଜି ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ସ୍ୱର୍ଗତ ବିଶ୍ୱାଳଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜାଣଇଛନ୍ତି। ମୃତକଙ୍କ ବଡ଼ଭାଇ ଧ୍ୱଜରାଜ ବିଶ୍ୱାଳ ପରିବାର ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ଅବସରରେ ସମାଜସେବୀ ପବିତ୍ର ପରିଜା, ଗୋପିକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ପଙ୍କପାଳ ମଣ୍ଡଳ ସଭାପତି ଶତ୍ରୁଘ୍ନ ମଲ୍ଲ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପଙ୍କପାଳରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**କୁଜଙ୍ଗ, ୧୧।୮ (ସମିସ):** ଶିକ୍ଷା ବିକାଶ ସମିତି ଓଡ଼ିଶା ଯୋଜନାରେ କୁଜଙ୍ଗ ବ୍ଲକ ପଙ୍କପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାରାଦୀପ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାକୁ ମୁଖ୍ୟଅତିଥି ମଣ୍ଡଳ ଶିକ୍ଷାଧିକାରୀ ମନୋଜ ବେହେରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସଙ୍କୁଳ ପ୍ରମୁଖ ଗୌରାଙ୍ଗ ସ୍ୱାଇଁ, ସଙ୍କୁଳ ସଂଯୋଜକ ଧରଣୀଧର ପରିଡ଼ା ଯୋଗ ଦେଇଥିଲେ। ଅପରାହ୍ନରେ ପଙ୍କପାଳ ଶିଶୁ ବିଦ୍ୟାମନ୍ଦିର ସଭାପତି ଡଃ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖଅତିଥି ରୂପେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଦାସ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ



ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ରୂପେ ସଙ୍କୁଳ ପ୍ରମୁଖ ଓ ସଙ୍କୁଳ ସଂଯୋଜକ ଯୋଗ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଗୋକୁଳାନନ୍ଦ ରାଉତ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ କେଳୁ ଚରଣ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବର୍ଗରେ ୬ଟି ବିଦ୍ୟାଳୟରୁ ୩୦, ବାଳ ବର୍ଗରେ ୫, କିଶୋର ବର୍ଗରେ ୩ଟି ପ୍ରକଳ୍ପ ଓ ଗଣିତରେ ସମାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ସିଡିପିଓଙ୍କୁ ଅଙ୍ଗନବାଡ଼ି କର୍ମୀଙ୍କ ଦାବିପତ୍ର



**ରାଜନଗର, ୧୧।୮ (ସମିସ):** ଅଲ୍ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କରସ ଆସୋସିଏସନ ରାଜନଗର ଶାଖା ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜନଗର ସିଡିପିଓ ଦୀପାଳି ମିଶ୍ରଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଅବଗତ କରାଯାଇଛି। ପୋଷଣ ଟ୍ରାକରରେ ଏଫଆରଏସ ସମୟରେ ହେଉଥିବା ସମସ୍ୟାର ସମାଧାନ, ନେଟୱାର୍କ ସମସ୍ୟା ଯୋଗୁଁ ହିତାଧିକାରୀ କେନ୍ଦ୍ରରୁ ବାରମ୍ବାର ଫେରିବା, ଫଟୋ ମିସମ୍ୟାଚ ହେବା, ଉନ୍ନତମାନର ମୋବାଇଲ ସହିତ ନେଟୱାର୍କ, ୱାଇଫାଇ ବ୍ୟବସ୍ଥା କରିବା, ତିନିମାସକୁ ରିଚାର୍ଜ ବାବଦକୁ ୯୦୦ ଶହ ଟଙ୍କା ଯୋଗାଇଦେବା ସହିତ ୬ ମାସକୁ ଥରେ ଫେସକ୍ୟାପଚର କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ପ୍ରତି ଶନିବାର କିଶୋରୀ ବାଳିକାଙ୍କ ନିମନ୍ତେ ଏମଏସପିୱାଇ ଯୋଜନାରେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚାଅଣ୍ଡା ବଣ୍ଟନ କରିବା ବ୍ୟବସ୍ଥା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏହି ଯୋଜନାରେ ଆସୁଥିବା ଅର୍ଥରାଶି ଜଏଣ୍ଟ ପାସବୁକରେ ଜମା କରାଯାଉ। ସିଝା ଅଣ୍ଡା ନିମନ୍ତେ ଜାଳେଣି କେଉଁ ଅର୍ଥରୁ ଖର୍ଚ୍ଚ କରିବୁ, ତାହା ସ୍ପଷ୍ଟ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ପ୍ରତି ବିଷୟରେ ଅଭିଯୋଗ ନିବାରଣ କମିଟି ଗଠନ କରି ସ୍ଥାନୀୟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିବା ସହିତ ହିତାଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ଉନ୍ନତମାନର ଯୋଗାଇ ଦେବା, ଅଙ୍ଗନବାଡି ନିଜସ୍ୱ ଗୃହ ନିର୍ମାଣରେ ଆସୁଥିବା ଅର୍ଥରାଶିରେ ପୂର୍ବଭଳି ନ କରି ଉନ୍ନତମାନର କେନ୍ଦ୍ର ତିଆରି ହେବା ସହିତ ପ୍ରତିକେନ୍ଦ୍ରକୁ ଜଳଯୋଗାଣ ଦିଗରେ ଉଚିତ ପଦକ୍ଷେପ ନେବାକୁ ନିବେଦନ ସହିତ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁବରଣ କରୁଥିବା ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ଓ ପରିବାରରେ ଜଣକୁ ସେହି ସ୍ଥାନରେ ନିଯୁକ୍ତି ସୁଯୋଗ ଦେବାକୁ ଅନୁରୋଧ କରିଥିଲେ। ସଂଘ ପକ୍ଷରୁ ସମ୍ପାଦିକା ପୁଷ୍ପଲତା ରଥ, ରମାବତୀ ସ୍ୱାଇଁ, ମିନତୀ ଭୂୟାଁ, ମଞ୍ଜୁବାଳା ମଲ୍ଲିକ, କବିତା ବାରିକ, ବନଲତା ମୁଖାଲ, ସସ୍ମିତା ବେହେରା, ଲକ୍ଷ୍ମୀରାଣୀ ସେଠୀ ଦାବିପତ୍ର ପ୍ରଦାନ କରିଥିଲେ।

## ଓଡ଼ିଶା ଲୋକଦଳ ପକ୍ଷରୁ ବିକ୍ଷୋଭ



**କେନ୍ଦ୍ରାପଡ଼ା, ୧୧।୮ (ସମିସ):** ଓଡ଼ିଶା ଲୋକଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ରାପଡ଼ାରୁ ଭୁବନେଶ୍ୱରକୁ ସକାଳ ଓ ସନ୍ଧ୍ୟାରେ ଦୁଇଟି ଯାତ୍ରୀବାହୀ ରେଳ ଚଳାଚଳ କରାଯିବା, ବତୀଘର ଓ ଜମ୍ବୁଦୀପକୁ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରାଯିବା, ନଦୀଭିତ୍ତିକ ବନ୍ଦର ନିର୍ମାଣ ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲାର ନଦୀମୁହାଣ ସାମିଲ କରାଯିବା, ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମରେ ପାଇପ ଯୋଗେ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରାଯିବା, ମେଡିକାଲ କଲେଜ ଘୋଷଣାରେ ସୀମିତ ନ ରହି ତୁରନ୍ତ କାର୍ଯ୍ୟକାରୀ କରାଯିବା, ଦଶମୌଜିରେ ଡାକ୍ତରଖାନା କରାଯିବା, ଜିଲ୍ଲାର ଯୁବପିଢ଼ିଙ୍କ ରୋଜଗାର ପାଇଁ ଶିଳ୍ପ ପ୍ରତିଷ୍ଠା କରାଯିବା, ଚାଷ ଜମିକୁ ଜଳସେଚନ ପାଇଁ ମାର୍ଶାଘାଇ କେନାଲ ଓ ଅନ୍ୟ ପୁରୁଣା କେନାଲର ପୁନରୁଦ୍ଧାର କରାଯିବା ସହ ନୂତନ କେନାଲ ଖୋଳାଯିବା, ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀକୁ ସୁଦୃଢ଼ କରାଯିବା ସହ ସେସବୁର ସୁପରିଚାଳନା କରାଯିବା, ଜିଲ୍ଲାର ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଜନସାଧାରଣଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଇ ମାସିକ ୩ ହଜାର ୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯିବା, ଜିଲ୍ଲାର ସମସ୍ତ ଗ୍ରାମକୁ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ସହ ପକ୍କା ରାସ୍ତା ଦ୍ୱାରା ସଂଯୋଗୀକରଣ ଆଦି ଦାବି କରାଯାଇଛି। ଏହି ବିକ୍ଷୋଭରେ ଓଡ଼ିଶା ଲୋକଦଳ ପକ୍ଷରୁ ସତୀଶ ନନ୍ଦ, ସମ୍ବିତ ପଣ୍ଡା, ଖଗେନ୍ଦ୍ର ସିଆଳ, ଅବିନାଶ ଦାଶ, ଦିବାକର ରାଉଳ, କିରଣ ଭୋଇ ଓ ସନ୍ତୋଷ ନାରାୟଣ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ମହିଳା ନିର୍ଯାତନା ବିରୋଧରେ ଯୁବ-ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ

**ପଟ୍ଟାମୁଣ୍ଡାଇ, ୧୧।୮ (ସମିସ):** ବିଜେଡି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରାଜ୍ୟରେ ଦେଖାଦେଇଥିବା ମହିଳା ନିର୍ଯାତନା, ଦୁଷ୍କର୍ମ, କଲେଜ ଛାତ୍ରୀ ପୋଡି ମାମଲା ବୃଦ୍ଧି ପାଇବା, ସର୍ବୋପରି ମହିଳା ଛାତ୍ରୀ ଅସୁରକ୍ଷିତ ଥିବାବେଳେ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ପଟ୍ଟାମୁଣ୍ଡାଇ ଯୁବଛାତ୍ର ବିଜେଡି ରାସ୍ତାକୁ ଓହ୍ଲାଇଛି। ଆଜି ପଟ୍ଟାମୁଣ୍ଡାଇ ନଗର ଯୁବ ବିଜେଡି ସଭାପତି ଅଶୋକ ଧଳଙ୍କ ନେତୃତ୍ୱରେ ନଗର ଛାତ୍ର ବିଜେଡି ସଭାପତି

- ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ଦେବାଶିଷ ନାୟକ, ଯୁବନେତା ବାବନ ସାହୁ, ଏମଡି ପପୁ, ଚିତ୍ତରଞ୍ଜନ ସେଠୀ, ପୂର୍ବତନ କାଉନସିଲର ମଳୟ ମଳିକ, କଲେଜ କ୍ୟାମ୍ପସ ସଭାପତି ଅନମୋଲ ରାଉତ, ଅଭିରାମ ସ୍ୱାଇଁ, ସ୍ମୃତିରଞ୍ଜନ ପାଢ଼ୀ, ସୌରଭ ସମ୍ପଦ ନାୟକ, ଦିଲ୍ଲୀପ ସାହୁ, ନୟନ ଗିରି, ବାପି ସାମଲ, ଚନ୍ଦ୍ରଶେଖର ରାଉତ, ଅସୀମ ମହାନ୍ତି, ସତ୍ୟପ୍ରକାଶ ରାଉତ, ସାଗର ସାହୁ, କାହ୍ନୁ ସାମଲ, ଶାରଦା ପ୍ରସନ୍ନ ରାଉତ, ଓମ ପ୍ରକାଶ ଦାଶ, ସ୍ନେହାଶିଷ ମଲ୍ଲିକ, ସୁବୋଧ ମଳିକ, ମିଟୁ ମଳିକ ପ୍ରମୁଖ ବହୁ ଯୁବଛାତ୍ର ବିଜେଡି ନେତା ଓ କର୍ମୀ ସ୍ଥାନୀୟ ହରପାର୍ବତୀ ମନ୍ଦିରଠାରୁ ବିରାଟ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ସେଠାରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ରଙ୍କୁ ପ୍ରଦାନ କରିଥିଲେ। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ନିର୍ଯାତନା ବିରୋଧରେ ପଟ୍ଟାମୁଣ୍ଡାଇ ଯୁବଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ମେଡିକାଲ ଛକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

## ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ପକ୍ଷରୁ ଧାରଣା

କେନ୍ଦ୍ରାପଡ଼ା, ୧୧।୮ (ସମିସ)



ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ଡକରାରେ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା କର୍ମଚାରୀ ସମୂହ ଛୁଟିରେ ଯିବା ସହ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ରାଜ୍ୟ ସରକାର ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ରାଜ୍ୟ ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲା ସମୂହ ଛୁଟିରେ ରହିବା ପରିପ୍ରେକ୍ଷୀରେ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ସମୂହ ଛୁଟିରେ ରହିବା ସହ ଧାରଣା ଦେଇଛନ୍ତି।

ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ ନ କରିବେ, ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲା ସଭାପତି ସୁକାନ୍ତ ଜେନା, ସମ୍ପାଦକ ଶୈଳେନ୍ଦ୍ର ପ୍ରଧାନ ପ୍ରମୁଖ କହିଛନ୍ତି। ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ୧୦ ଦଫା ଦାବି ପୂରଣ ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରାଯାଇଥିଲା। ରାଜ୍ୟ ସରକାର ଗତ ଜୁଲାଇ ୯ ତାରିଖରେ ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ୭ରୁ ୧୫ ଦିନ ଭିତରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଜୁଲାଇ ୧୪ ତାରିଖରେ ରାଜସ୍ୱ ଅମଲାଙ୍କ ପକ୍ଷରୁ ହେବାକୁ ଥିବା ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିଲା। ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ରାଜସ୍ୱ ଅମଲାଙ୍କ ଦାବି ପୂରଣ କରିବା ତ ଦୂରର କଥା ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବାରୁ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଆଜି ସମୂହ ଛୁଟିରେ ରହି ଧାରଣାରେ ବସିଛନ୍ତି।

ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦନ୍ନୋତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ସେମାନେ ନାର୍ଯ୍ୟ ପ୍ରାପ୍ୟରୁ ସବୁଦିନ ପାଇଁ ବଞ୍ଚିତ ହୋଇଛନ୍ତି। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି।

## ପୁନଃ ଚାଲୁହେଲା ଡାକଘରେ ରେଳ ଟିକଟ ବିକ୍ରି



ଆଠମଲ୍ଲିକ,୧୧।୮(ସମିସ): ଆଠମଲ୍ଲିକ ଉପଖଣ୍ଡ ଅଧିବାସୀଙ୍କ ହିତ ଦୃଷ୍ଟିରୁ ଭାରତୀୟ ରେଳ ବିଭାଗ ପକ୍ଷରୁ ରେଳ ଟିକଟ ବିକ୍ରି ପାଇଁ ୨୦୧୮ ରୁ ଡାକଘରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଜଣେ ରେଳଯାତ୍ରା କରିବାକୁ ହେଲେ ତାଙ୍କର ସାଧାରଣ ଟିକଟ ଓ ରିଜର୍ଭେସନ ଟିକଟ ଡାକଘରେ କରିବାର ସୁବିଧା ଉପଲବ୍ଧ ହୋଇଥିଲା। କିନ୍ତୁ ଚଳିତବର୍ଷ ଜୁଲାଇ ୧୯ ତାରିଖ ଏହି ସମସ୍ତ ସୁବିଧାକୁ ରେଳ ବିଭାଗ ହଠାତ ବନ୍ଦ କରିଦେଇଥିଲା। ଇଷ୍ଟକୋଷ୍ଟ ରେଲୱେ ସମ୍ବଲପୁର ଡିଭିଜନର ଡିଭିଜିନାଲ କମରସିଆଲ ରେଲୱେ ମ୍ୟାନେଜର ଢେଙ୍କାନାଳ ପୋଷ୍ଟାଲ ସୁପରିଟେଣ୍ଡେଣ୍ଟଙ୍କୁ ପତ୍ର ମାଧ୍ୟମରେ ଆଠମଲ୍ଲିକ ଡାକଘରେ ଟିକଟ ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକଘରେ ରେଳ ଟିକଟ ବିକ୍ରି ବନ୍ଦହେବା ଖବର ସାଧାରଣରେ ପ୍ରଚାର ହେବାପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ନେଇ ସ୍ଥାନୀୟ ଜନସାଧାରଣ ପ୍ରଶାସନ, ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କୁ ଅଭିଯୋଗ କରିଥିଲେ। ସାଂସଦ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରିଥିଲେ। ଫଳ ସ୍ୱରୂପ ସୋମବାରଠାରୁ ଆସନ୍ତା ୬ ମାସ ପର୍ଯ୍ୟନ୍ତ ଡାକଘରେ ପୁନଃ ରେଳ ଟିକଟ ବିକ୍ରି ହେବବୋଲି ରେଳ ବିଭାଗ ନିଷ୍ପତ୍ତି ନେଇଛି। ସୋମବାର ଆଠମଲ୍ଲିକ ଡାକଘରେ ରେଳ ଟିକଟ ବିକ୍ରି ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ୨ ଗୁରୁତର

ଗଁଦିଆ,୧୧।୮(ସମିସ): ସୋମବାର ସନ୍ଧ୍ୟାରେ ଗଁଦିଆ ଥାନା ସାପୁଆ ନାଳ ନିକଟରେ ସଡ଼କ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ସେମାନଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁଯାୟୀ, ଗୋଟିଏ ବାଇକରେ ଦୁଇ ଯୁବକ ବିଧାରପୁର ପଟୁ ଆସୁଥିବା ବେଳେ ସାପୁଆ ନାଳ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପଟରେ ଥିବା ଗଛରେ ଧକ୍କା ହୋଇ ରାସ୍ତା କଡ଼ ଡ୍ରେନରେ ଖସିପଡ଼ିଥିଲେ। ଖବର ପାଇ ଗଁଦିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗଁଦିଆ ଅଗ୍ନିଶମ ବାହିନୀ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

● ରାତି ପାହିଲେ କିସ୍ତି; ସ୍ୱାମୀ ସହ କଳି

## ନିଜ ଦେହରେ ନିଆଁ ଲଗାଇ ମହିଳା ଗୁରୁତର



ଭୁବନ,୧୧।୮(ସମିସ): ଭୁବନ ଏନ୍‌ଏସି ଅନ୍ତର୍ଗତ ପୁରୁଣା ଥାନା ସମ୍ମୁଖରେ ପାରିବାରିକ କଳହକୁ ନେଇ ରବିବାର ସନ୍ଧ୍ୟାରେ ଜଣେ ମହିଳା ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଅଜୟଙ୍କ ସ୍ତ୍ରୀ ପ୍ରେମଲତା। ତାଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି। ପ୍ରଥମେ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଏସ୍‌ସିବି ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ରାତି ସାଢ଼େ ୯ଟାରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଜୟଙ୍କର ଏକ ଅଟୋ ଥିଲା। ତେବେ ସେଥିରୁ ବିଶେଷ ରୋଜଗାର ନ ମିଳିବାରୁ ଅଟୋକୁ ବିକ୍ରି କରିଦେଇଥିଲେ। ଏବେ ସେ ଅନ୍ୟ ମାଲିକଙ୍କ ଟ୍ରକ୍ ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ କିଛି ମାସ ହେଲା ଟ୍ରକରୁ ମଧ୍ୟ ରୋଜଗାର ମିଳୁନାହିଁ। ପରିବାର ଅଭାବ ଅନଟନ ଭିତରେ ଚାଲୁଥିବା ବେଳେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଆଣିଥିବା ଋଣ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଏଲ୍ ଏଣ୍ଡ ଟି ଫାଇନାନ୍ସ କମ୍ପାନୀରୁ ଆଣିଥିବା ଗ୍ରୁପ ଋଣର କିସ୍ତି ଦେବାକୁ ପଡୁଥିବା ବେଳେ ସ୍ୱାମୀ ବେରୋଜଗାର ଥିବାରୁ ତାହା ସମ୍ଭବ ହେଉ ନ ଥିଲା। ଏ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ସୋମବାର କିସ୍ତି ପାଳି ଥିବା ଏବଂ ଘରେ ଟଙ୍କା ନ ଥିବାରୁ ଲୋକଲଜ୍ଜା ଭୟରେ ପ୍ରେମଲତା ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ତାଙ୍କ ୭ ବର୍ଷର ପୁଅ ଚିତ୍କାର କରି ଡାକିବାରୁ ପଡ଼ୋଶୀ ଆସି ନିଆଁ ଲିଭାଇବା ସହ ଡାକ୍ତରଖାନା ନେଇଥିଲେ।

## ପ୍ରସୂତି ବିଭାଗ ଡାକ୍ତରଙ୍କ ମନମାନି

# ଫେରିଗଲେ ୭୦ରୁ ଊର୍ଦ୍ଧ୍ୱ ଗର୍ଭବତୀ

ପାଲଲହଡ଼ା,୧୧।୮(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନା ୧୦୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଏଠାରେ କାର୍ଯ୍ୟରତ ଅଛନ୍ତି ମାତ୍ର ୭ ଡାକ୍ତର। ଏହି ଡାକ୍ତରଖାନା ଉପରେ ଆଖପାଖ ଅଞ୍ଚଳର ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବା ବେଳେ ଆବଶ୍ୟକ ଡାକ୍ତର ନ ଥିବାରୁ ଅନେକ ସମୟରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗ ଅବସ୍ଥା ନ କହିବା ଭଲ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠିରୁ ଏହି ବିଭାଗରେ ଜଣେ ଡାକ୍ତର ନିଯୁକ୍ତ ହୋଇଛନ୍ତି। ତେବେ ମାସକୁ ଅନେକ ଦିନ ଅନୁପସ୍ଥିତ ରହୁଥିବା ବେଳେ ଅନେକ ସମୟରେ ରୋଗୀଙ୍କଠାରୁ ଆରମ୍ଭ କରି ଆଶାକର୍ମୀ ତଥା କର୍ମଚାରୀଙ୍କ ସହିତ ଗଣ୍ଡଗୋଳ କରି ବାରମ୍ବାର ବିବାଦରେ ଛନ୍ଦି ହୋଇ ପଡ଼ିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ହୁଅନ୍ତୁ ବା ଜିଲ୍ଲାପାଳଙ୍କ ତାଗିଦକୁ ମଧ୍ୟ ସେ ଖାତିର କରୁ ନ ଥିବା ଦେଖିବାକୁ ମିଳୁଛି।

ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନା ଅଧୀନରେ ପ୍ରତି ମାସ ୯ ତାରିଖ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ (ପିଏମ୍‌ଏସ୍‌ଏମ୍‌ଏ) ରଖାଯାଇଥାଏ। ଏହି କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଲା ମାଆମାନଙ୍କୁ



ଉତ୍ତମ ଚିକିତ୍ସା ପ୍ରଦାନ କରିବା, ମାଗଣା ଔଷଧ ପ୍ରଦାନ କରିବା ଓ ମାତୃତ୍ୱକୁ ସୁରକ୍ଷା ଦେବା। ଆଶା କର୍ମୀମାନଙ୍କଠାରୁ ଖବର ପାଇ ବହୁ ଦୂରଦୂରାନ୍ତରୁ ଖରାତରାରେ ୭୦ରୁ ଊର୍ଦ୍ଧ୍ୱ ପ୍ରସୂତି ମହିଳା ଏହି କ୍ୟାମ୍ପରେ ଯୋଗ ଦେବା ପାଇଁ ଧର୍ଯ୍ୟ ସମୟ ସୋମବାର ସକାଳ ୧୦ଟା ପୂର୍ବରୁ ପହଞ୍ଚିଥିଲେ। ଦାୟିତ୍ୱରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ୬୮ ଜଣ ପ୍ରସୂତିଙ୍କ ପଞ୍ଜୀକରଣ କରାଇଥିଲେ। ହେଲେ ବିଭାଗୀୟ ଡାକ୍ତର ପିଠାଚରଣ ମୁର୍ମୁ ଡାକ୍ତରଖାନାକୁ ଆସି ମାତ୍ର ୧୦/୧୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି କୁଆଡ଼େ ଚାଲିଯାଇଥିଲେ। ଦୀର୍ଘ ୫ ଘଣ୍ଟା ପର୍ଯ୍ୟନ୍ତ ସେ ଆଉ କ୍ୟାମ୍ପକୁ ଫେରି ନ ଥିଲେ। ଫଳରେ ପ୍ରସୂତିମାନେ ସକାଳ ଅପରାହ୍ନ ୩ ଯାଏ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଯାଇଥିଲେ। ଡାକ୍ତର ମୁର୍ମୁଙ୍କ ଏ ପ୍ରକାର ଦାୟିତ୍ୱହୀନ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଶ୍ୱନାଥ ମୁର୍ମୁଙ୍କ ସହ ଯୋଗାଯୋଗ କରିବାରୁ କହିଲେ, ଘଟଣା ସମ୍ପର୍କରେ ଅବଗତ ଅଛି, ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇଛି। ଆଗକୁ ଏପରି ଅବ୍ୟବସ୍ଥା ନ ହେବା ପାଇଁ ସଜାଗ ରହିବାକୁ ସମ୍ପୃକ୍ତ ଡାକ୍ତରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ଶଙ୍ଖମୁର ସମିତିସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

## ୨୪ ଘଣ୍ଟାରେ ଅଭିଯୁକ୍ତଙ୍କୁ ଗିରଫ ନ କଲେ ଥାନା ଘେରିବ ବିଜେଡି



ପାଲଲହଡ଼ା/ଖମାର,୧୧।୮(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ଶଙ୍ଖମୁର ପଞ୍ଚାୟତର ବିଜେଡି ସମର୍ଥିତ ସମିତିସଭ୍ୟ ନୀଳମାଧବ ପ୍ରଧାନଙ୍କୁ ୧୫ରୁ ଊର୍ଦ୍ଧ୍ୱ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ନୀଳମାଧବ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଖମାର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅନ୍ୟପଟେ ଏହି ଘଟଣାରେ ପୁଲିସ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ ନ କଲେ ପାଲଲହଡ଼ା ବିଜେଡି ଥାନା ଘେରଉ କରିବ ବୋଲି ଚେତାବନୀ ଦେଇଛି। ଅଭିଯୋଗ ଅନୁଯାୟୀ, ନୀଳମାଧବଙ୍କ ଘର ଶଙ୍ଖମୁର ଗାଁରେ ହୋଇଥିବା ବେଳେ ରବିବାର ସନ୍ଧ୍ୟା ୭ଟାରେ ସେ ହାଇସ୍କୁଲ ଛକ ନିକଟରେ ବୈଦ୍ୟନାଥପୁର ଗାଁର ଉମାକାନ୍ତ ତ୍ରିପାଠୀଙ୍କ ସହ ନିଜ କାର ଭିତରେ ବସିଥିଲେ। ଏହି ସମୟରେ ଶଙ୍ଖମୁର ଗାଁର ବବଲୁ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ ଏବଂ ବେସାଲିଆ ଗାଁର ବିଭୂତି ପ୍ରଧାନଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଯୁବକ କାର ନିକଟକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ନୀଳମାଧବ ଏହାର ପ୍ରତିବାଦ କରିବା ସହ କାହିଁକି ଗାଳି କରୁଛ ପଚାରିବାରୁ ବବଲୁ ଏକ ବାଡ଼ିରେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଅନ୍ୟମାନେ ତାଙ୍କୁ ଧକ୍କାମାରି ତଳେ ପକାଇ ମାଡ଼ ମାରିଥିଲେ। କୌଣସି ପ୍ରକାରେ ନୀଳମାଧବ ଜୀବନ ବଞ୍ଚାଇ ପ୍ରଥମେ ଡାକ୍ତରଖାନାରେ ପହଞ୍ଚିଥିଲେ। ପ୍ରାଥମିକ ଚିକିତ୍ସା ପରେ ରାତିରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ପାଲଲହଡ଼ା ବିଜେଡି ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଏହା ରାଜନୈତିକ ଆକ୍ରୋସ ମୂଳକ ଆକ୍ରମଣ ବୋଲି ଅଭିଯୋଗ କରିଛି। ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ନେତୃତ୍ୱରେ ଖମାର ଥାନା ଘେରଉ କରାଯିବ ବୋଲି ବିଜେଡି ବ୍ଲକ ସଭାପତି ରଞ୍ଜିତ କୁମାର ବିଶ୍ୱାଳ ଥାନା ଅଧିକାରୀଙ୍କୁ ଲିଖିତ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ନୀଳମାଧବ ପ୍ରଭାତ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ ଏବଂ ବିଭୂତି ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ପାଲଟା ଅଭିଯୋଗ ମଧ୍ୟ ହୋଇଛି।

## ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟଣାରେ ଆଇଓସିଏଲର ତନାଘନା

ଅନୁଗୋଳ/ନାଲକୋ ନଗର, ୧୧।୮(ସମିସ): ଶନିବାର ବିଳମ୍ବିତ ରାତିରେ ନାଲକୋ ନଗର ଥାନା ଅନ୍ତର୍ଗତ କୁଲାଡ଼ ଗ୍ରାମରେ ଘରୋଇ ଗ୍ୟାସ ଟାଙ୍କି ବିସ୍ଫୋରଣରେ ପରିବାରର ୩ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ଏହି ଗ୍ୟାସ ଦୁର୍ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହାକୁ ଆଇଓସିଏଲର ଇଣ୍ଡେନ ଗ୍ୟାସ ବିଭାଗ ଗୁରୁତ୍ୱର ସହ ନେଇ ତନାଘନା ଆରମ୍ଭ କରିଛି। ସ୍ଥାନୀୟ ବିତରକଙ୍କୁ ଭୁବନେଶ୍ୱର ଡକାଇ ଘଟଣା ସମ୍ପର୍କରେ ଏବଂ କ୍ଷତିଗ୍ରସ୍ତ ପରିବାର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ମାତ୍ର ଏହି ଘଟଣା ସମ୍ପର୍କରେ କୌଣସି ସୂଚନା ନ ଥିବା ବଅଁରପାଳ ବ୍ଲକ ଯୋଗାଣ ଅଧିକରୀ ସାରଦା ଦଳେଇ ପ୍ରକାଶ କରିଛନ୍ତି। ବଅଁରପାଳ ବ୍ଲକ ଅଞ୍ଚଳରେ ପେଟ୍ରୋଲ ଓ ଗ୍ୟାସ ବିତରଣରେ ଅନିୟମିତା ନେଇ ଦୀର୍ଘଦିନ ହେବ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ସୂଚନାଯୋଗ୍ୟ, କୁଲାଡ଼ ଗାଁ ବ୍ରାହ୍ମଣୀ ଦେବୀ ପୀଠ ସମ୍ମୁଖ ଏକ ଆଜବେଷ୍ଟସ ଘରେ ଶନିବାର ବିଳମ୍ବିତ ରାତିରେ ଗ୍ୟାସ

● ଯୋଗାଣ ବିଭାଗ ପାଖରେ ଖବର ନାହିଁ
● ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

ସିଲିଣ୍ଡର ଫାଟି ପରିବାରର ବିଭୂତି ଭୂଷଣ ପ୍ରଧାନ (୫୫), ତାଙ୍କ ସ୍ତ୍ରୀ ରତ୍ନମଞ୍ଜରୀ ପ୍ରଧାନ (୫୩) ଓ ପୁଅ ଜିଗ୍ନେଶ ପ୍ରଧାନ (୨୦) ଗୁରୁତର ଆହତ ହୋଇଥିଲେ। ରତ୍ନମଞ୍ଜରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବା ତାଙ୍କ ସମ୍ପର୍କୀୟ ସୂଚନା ଦେଇଛନ୍ତି। ଅନ୍ୟପଟେ ବିଭୂତି ଓ ଜିଗ୍ନେଶ ମଧ୍ୟ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

## ବ୍ରାଉନସୁଗର ଜବତ; ଜଣେ ଗିରଫ

ହିନ୍ଦୋଳ/ଖଜୁରିଆକଟା,୧୧।୮(ସମିସ): ସୋମବାର ସନ୍ଧ୍ୟାରେ ରାସୋଳ ଥାନା ପୁଲିସ ଅସନବଣିଆଠାରେ ଗାଡ଼ିମଟର ଯାଞ୍ଚ କରୁଥିବା ଏକ ବାଇକ୍‌ରୁ ୪୦.୬୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ବାଇକ୍‌ରେ ଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଥିବା ବେଳେ ପୁଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା କୁଶାପାଳ ଗ୍ରାମର ସେକ୍ ସରାଜୁନ (୩୦)। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏ ବ୍ରାଉନସୁଗର କେଉଁଠାରୁ କାହା ପାଖକୁ ଯାଉଥିଲା ତାହା ସ୍ପଷ୍ଟ ହୋଇନାହିଁ। ହିନ୍ଦୋଳ ଅଞ୍ଚଳରେ ଧୀରେ ଧୀରେ କାୟା ବିସ୍ତାର କରୁଥିବା ବ୍ରାଉନସୁଗର କାରବାରରେ ରୋକ ଲଗାଇବା ପାଇଁ ଦାବି ହେଉଛି।

## ଘରେ ଘରେ ତ୍ରିରଙ୍ଗା, ଘରେ ଘରେ ସ୍ୱଚ୍ଛତା



ଢେଙ୍କାନାଳ,୧୧।୮(ସମିସ): ଢେଙ୍କାନାଳ ପୌରପାଳିକା ପକ୍ଷରୁ ସହରକୁ ସ୍ୱଚ୍ଛ ଓ ସୁନ୍ଦର ଗଢ଼ିତୋଳିବାକୁ ସଫେଇ ଓ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବସଷ୍ଟାଣ୍ଡଠାରୁ ସଚେତନତା ଶୋଭାଯାତ୍ରା ବାହାରି ଢେଙ୍କାନାଳ କଲେଜ ବାଇପାସ ପର୍ଯ୍ୟନ୍ତ, ବାଜିଚୌକରୁ ବାହାରି ହାଟରୋଡ ପର୍ଯ୍ୟନ୍ତ ଓ କାଳଟାଙ୍ଗଠାରୁ କୋରିଆଁ ବାଇପାସ ପର୍ଯ୍ୟନ୍ତ ଯିବା ସହ ପଲିଥିନ ବା ପ୍ଲାଷ୍ଟିକ ବ୍ୟବହାର ନ କରିବା, ଅଳିଆକୁ ବାହାରେ ନ ପକାଇ ଡଷ୍ଟବିନରେ ପକାଇବା ସହିତ ଅଳିଆ ଗାଡ଼ିରେ ପକାଇବା ପାଇଁ ବ୍ୟବସାୟୀମାନଙ୍କୁ ସଚେତନ କରାଯାଇଥିଲା। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ପୌର କର୍ମଚାରୀ ଓ ସ୍ୱଚ୍ଛସାଥୀ ସହରରେ ସଚେତନତା ବାର୍ତ୍ତା ଦେଇଥିଲେ।

## ଖୁଦୁରୁକୁଣୀଙ୍କ ଓଷା ଆରମ୍ଭ



ଗଁଦିଆ,୧୧।୮(ସମିସ): ଭାଦ୍ରବ ମାସ ପ୍ରଥମ ରବିବାରଠାରୁ ପୁରପଲ୍ଲୀରେ ଆରମ୍ଭ ହୋଇଛି ଖୁଦୁରୁକୁଣୀ ଓଷା। ଗୋଟିଏ ମୂର୍ତ୍ତୀ ମା' ମଙ୍ଗଳା ସିଂହ, ହଂସ ଭଳି ପଶୁପକ୍ଷୀଙ୍କ ଉପରେ ବସିଥିବା ବେଳେ ଅନ୍ୟ ମୂର୍ତ୍ତିମାନଙ୍କରେ ମା' ଗୋଟିଏ ପୁଅକୁ କୋଳରେ ଧରିଥିବା ଦୃଶ୍ୟ ମୁଖ୍ୟ ଆକର୍ଷଣ ହୋଇଥିଲା। କୃଷିଜୀବୀ ପରିବାରର ମଙ୍ଗଳ ପାଇଁ କୁମାରୀ ଝିଅଙ୍କ ଦ୍ୱାରା ପୂଜିତ ହେଉଥିବା ମା'ଙ୍କ ପୂଜା ଆଦ୍ୟ ପାର୍ବଣର ମାହୋଲ ଆଣୁଥିବାରୁ ଜନଜୀବନ ବେଶ ପୁଲ୍ଲକିତ ହୋଇଛି।

# ମା' ରାମଚଣ୍ଡୀଙ୍କ ଐତିହାସିକ ଯାତ୍ରା ଆରମ୍ଭ






ଲକ୍ଷାଧିକ ଭକ୍ତଙ୍କ ସମାଗମ

ଛେଣ୍ଡିପଦା,୧୧।୮(ସମିସ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ କୋଶଳାସ୍ଥିତ ମା' ରାମଚଣ୍ଡୀଙ୍କ ପ୍ରାଚୀନ ତଥା ପ୍ରସିଦ୍ଧ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ମା'ଙ୍କ ବାର୍ଷିକ ଯାତ୍ରା ମହାଆଡ଼ମ୍ବରରେ ପାଳିତ ହୋଇଛି। ଏହି ଶକ୍ତିପୀଠରେ ଅଧିଆ ପଡ଼ିଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି କ୍ରମରେ ସୋମବାର ବହୁ ଦୂରଦୂରାନ୍ତରୁ ମାନସିକଧାରୀ ଭକ୍ତମାନେ ଆସି ଅଧିଆ ପଡ଼ିଥିଲେ। ଏହି ପୀଠରେ ଶିବ ଓ ଶକ୍ତି ଉଭୟ ବିରାଜିତ। ଶକ୍ତି ରୂପିଣୀ ରାମଚଣ୍ଡୀ କାଠରେ ନିର୍ମିତ ଛୋଟ ଖୁମ୍ବ ଏବଂ ଅନତି ଦୂରରେ ରହିଛି ପାତାଳଭେଦୀ ଶିବଲିଙ୍ଗ। ଯାହା ଖୁମ୍ବେଶ୍ୱରୀ ନାମରେ ପ୍ରସିଦ୍ଧ। କାଠରେ ନିର୍ମିତ ଛୋଟ ଖୁମ୍ବ ଓସରୁ ଆକୃତି ଏବଂ ୧୬ ଶିରା ବିଶିଷ୍ଟ। ଭକ୍ତମାନେ କେବଳ ରାମଚଣ୍ଡୀଙ୍କୁ ପୂଜା ଉପାସନା କରୁଛନ୍ତି। ମାତ୍ର ଖୁମ୍ବେଶ୍ୱରୀ ହିଁ ବରଦାନ ପୂର୍ବକ ଭକ୍ତର ମନସ୍କାମନା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

ପ୍ରସିଦ୍ଧ ମା' ରାମଚଣ୍ଡୀ ଶକ୍ତିପୀଠରେ ଧୂଳିଆ ପୂଜା ନାମରେ ହିନ୍ଦୁ ବର୍ଷର ପ୍ରଥମ ପର୍ବ ଆରମ୍ଭ ହୋଇଥାଏ। ପୂଜାଦିନ ପ୍ରତ୍ୟୁଷରେ ଦେହୁରୀ (ପୂଜକ) ପୀଠ ପୂଜା ଓ ବାଲଧୂପ କରନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତମାନେ ମା'ଙ୍କ ଦର୍ଶନ ଲାଭ କରିଥାନ୍ତି। ରାଜକୀୟ ପରିପାଟୀରେ ଦିଆଣୀ ସଜ୍ଜିତ ହୋଇ ପୀଠକୁ ଆସିଥାନ୍ତି। ଢୋଲ, ନିଶାଣ, ଛତି, ତରାଶ ସହ ଏକ ବିରାଟ ଥାଳିରେ ଦେହୁରୀ ପୂଜାରେ ଭୋଗ ଓ ନିମନ୍ତ୍ରଣ କରିବାକୁ ଦିଆଣୀ ଘରକୁ ଯାଇଥାନ୍ତି। ପରେ ଛୋଟ ଖୁମ୍ବ ଓ ଖୁମ୍ବେଶ୍ୱରୀଙ୍କ ପୂଜାରେ ଦିଆଣୀକୁ ଫଳଚନ୍ଦନ ଦେଇ ପୂଜା କରାଯାଏ। ଏହାକୁ ଯନ୍ତାଳ ପୂଜା କୁହାଯାଏ। ଯନ୍ତାଳ ପରେ ଦିଆଣୀ ଦେହରେ ଠାକୁରାଣୀ ଆବିର୍ଭାବ ହେବା ପରେ ସେ ଗାଡ଼ିଆ ମଧ୍ୟରେ ପାଣି କାଦୁଅରେ ଅଧିଆ ପଡ଼ିଥିବା ଭକ୍ତଙ୍କୁ ଉଠାଇ ପ୍ରସାଦ ଦେଇ ବର ପ୍ରଦାନ କରିଥାନ୍ତି। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡ ସଭାପତି ଉଦିତ ପ୍ରଧାନ, ଗ୍ରାମ ସଭାପତି କୃତାର୍ଥ ଦେହୁରୀ, ଟ୍ରଷ୍ଟ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ, ଜଙ୍ଗଲୀ ପ୍ରଧାନଙ୍କ ସମେତ କୋଶଳା ଗ୍ରାମ୍ୟକମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ଅନୁଗୋଳ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଏସଡିପିଓ ରମାକାନ୍ତ ମାହାଳିକ, ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

## ବିଶ୍ୱ ଆଦିବାସୀ ଦିବସ ପାଳିତ




ପରଜଙ୍ଗ,୧୧।୮(ସମିସ): ହିନ୍ଦୁ ସମାଜର ନିଆରା ପରମ୍ପରାର ପ୍ରତୀକ ପବିତ୍ର ବଳଭଦ୍ର ଜନ୍ମ, ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ ଶନିବାର ଦିନ ପ୍ରତ୍ୟେକ ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହି ପବିତ୍ର ପର୍ବରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ଅଧୀନ ମୋହନପଶି କେନ୍ଦୁମୁଣ୍ଡା ଆଦିବାସୀ ସମ୍ପ୍ରଦାୟ ବସ୍ତିରେ ପାଳିତ ହୋଇଯାଇଛି ବିଶ୍ୱ ଆଦିବାସୀ ଦିବସ। ଜିଲ୍ଲା ଆଦିବାସୀ ଚେତନା ସଂଗଠନ ଆନୁକୂଲ୍ୟରେ ସଂଗଠନର ସଭାପତି ଲାଲମୋହନ ମୁର୍ମୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣମାଧ୍ୟମ ପ୍ରତିନିଧି ନିର୍ମଳ ଗଡ଼ନାୟକ ମୁଖ୍ୟଅତିଥି, ଭୀମସେନ ଖଟୁଆ, ଆଦିବାସୀ ସଂଗଠନର ସମ୍ପାଦକ ଗଙ୍ଗାଧର ମୁଣ୍ଡା, କାର୍ଯ୍ୟକର୍ତ୍ତା ଗଙ୍ଗାଧର ପୂର୍ତ୍ତି, ଶୋଭନ ମାର୍ଣ୍ଡି, ରେଲା ପୂର୍ତ୍ତି, ଦେବାନନ୍ଦ ଘେର୍ଷା, ଚାନ୍ଦିନୀ କଅଁର, ଗୋଲାପ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ମହାପୁରୁଷମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆଦିବାସୀମାନଙ୍କ ମୌଳିକ ସମସ୍ୟା, ଜଙ୍ଗଲ ଜମି ଅଧିକାର ଆଦି ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଯୁବ ସମାଜସେବୀ ସମୀର ସାହୁ ଆଦିବାସୀଙ୍କ ମେଳରେ ଯୋଗଦେଇ ଆଦିବାସୀଙ୍କ ମାଦଳ ଢୋଲର ତାଳେ ତାଳେ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ।

# ସମ୍ପାଦକୀୟ



ପାଠାଗାର ଏକ ଅଭିବୃଦ୍ଧିଶୀଳ ସଂଗଠନ।
-ଏସ୍ ଆର ରଙ୍ଗନାଥନ୍

ସକାଳ
THE SAKALA

## ଆତ୍ମଘାତୀ ଗୋଲ

ଆନ୍ତର୍ଜାତିକ ସ୍ତରରେ ଭୂରାଜନୈତିକ ଆବଶ୍ୟକତା ଦୃଷ୍ଟିରୁ ନୂଆ ସଂପର୍କ ଯୋଡ଼ିବାର ବାଧ୍ୟବାଧକତା ଯେମିତି ଅଛି ସେମିତି ପୁରୁଣା ସଂପର୍କକୁ ସୁଦୃଢ଼ ବା ପୁନର୍ବିନ୍ୟାସ କରିବାର ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏକ୍ଷେତ୍ରରେ ଆର୍ଥିକ ଲାଭ – କ୍ଷତିର ଅଙ୍କକଷା ଅପେକ୍ଷା ପ୍ରତିପକ୍ଷର ଶକ୍ତି ଓ ସାମର୍ଥ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ରଣନୀତି ପ୍ରସ୍ତୁତି କରିବା ଯେ ଜରୁରୀ ଏକଥା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବୁଝିବାକୁ ସମୟ ଲାଗିବ। ଶୀତଳ ଯୁଦ୍ଧର ଅବସାନ ପରେ ଭାରତର ରୁଷ ଅନୁଗାମୀ କୂଟନୀତିରେ ପରିବର୍ତ୍ତନ ଆଣି ଦୁଇଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ସଂପର୍କର ଯେଉଁ ନୂଆ ଭିତ୍ତିଭୂମି ବର୍ଷ ବର୍ଷର ପ୍ରୟାସ ମାଧ୍ୟମରେ ଆମେରିକା ସୁଦୃଢ଼ କରିଥିଲା ତାହାକୁ ଟ୍ରମ୍ପ ମାତ୍ର ମାସ କେଇଟାରେ ଧ୍ୱଂସ କରିଛନ୍ତି। ଏହା ତାଙ୍କର ଆତ୍ମଘାତୀ ଗୋଲ୍ ବୋଲି ଉଲ୍ଲେଖ କରିଛନ୍ତି ଆମେରିକାର ଜାତୀୟ ନିରାପତ୍ତା ପରାମର୍ଶଦାତା ଜନ୍ ବୋଲ୍ଟନ୍। ସୂଚନା ଯୋଗ୍ୟ କି ଟ୍ରମ୍ପଙ୍କ ପୂର୍ବ କାର୍ଯ୍ୟକାଳରେ ତାଙ୍କର ନିକଟତମ ବ୍ୟକ୍ତି ଭାବେ ବୋଲ୍ଟନ୍ ଏହି ଦାୟିତ୍ୱ ତୁଲାଉଥିଲେ। ସେହିଭଳି ଅନ୍ୟତମ ବରିଷ୍ଠ ବିଦେଶ ନୀତି ବିଶେଷଜ୍ଞ କ୍ରିଷ୍ଟୋଫର ପାଡିଲା ମଧ୍ୟ ଟ୍ରମ୍ପ ପ୍ରଶାସନକୁ ଏ ନେଇ ବଡ଼ ଚେତାବନୀ ଶୁଣାଇଛନ୍ତି। ଭାରତ-ଆମେରିକା ସଂପର୍କ ଉପରେ ଏହି ଶୁଳ୍କ ନୀତିର ଦୀର୍ଘ ମିଆଦୀ ପ୍ରଭାବ ପଡ଼ିବ। ଆମେରିକାର ଦକ୍ଷିଣ-ଏସିଆ କୂଟନୀତିରେ ନୂଆଦିଲ୍ଲୀକୁ ଅଂଶୀଦାର କରିବା ଆଗାମୀ ଦିନରେ ଏତେ ସହଜ ହେବନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଆମେରିକାର ରିପବ୍ଲିକାନ ପାର୍ଟି କ୍ଷମତାକୁ ଆସିଲେ ଭାରତ ବିରୋଧୀ ଆଭିମୁଖ୍ୟ ଜୋର ଧରିଥାଏ। ଏକ୍ଷେତ୍ରରେ ଟ୍ରମ୍ପଙ୍କ ପୂର୍ବଶାସନକାଳକୁ କେବଳ ଏକ ବ୍ୟତିକ୍ରମ ଭାବେ ଗ୍ରହଣ କରାଯାଇପାରେ।

ଟ୍ରମ୍ପ ବେପରୱା ଭାବରେ ଶତ୍ରୁମିତ୍ର ନିର୍ବିଶେଷରେ ଅତିରିକ୍ତ ବାଣିଜ୍ୟ ଶୁଳ୍କ ଲାଗୁ କରିଥିବାରୁ ସମଗ୍ର ବିଶ୍ୱଜନମତ ତାଙ୍କ ବିରୋଧରେ ଦାନା ବାନ୍ଧୁଥିବାରୁ ଲକ୍ଷ୍ୟ କରାଯାଇଛି। ଆମେରିକାର ଏକଚାଟିଆ କାରବାର କ୍ରମେ ଗତି ହରାଇଥିବାର ପରିଲକ୍ଷିତ ହେଉଛି। ମୁଣ୍ଡ ଟେକୁଥିବା ନୂଆ ସମୀକରଣ ପ୍ରାଧାନ୍ୟ ହାସଲ କରିବାକୁ ସମୟ ଲାଗିପାରେ, ହେଲେ ମୁହଁ ଖୋଲି ଆମେରିକାକୁ ଜବାବ ଦେବା ଭଳି ନେତୃତ୍ୱ ସାମ୍ନାକୁ ଆସୁଥିବାର ପରିଲକ୍ଷିତ ହେଉଛି। ସିଲିକନ୍ ଭ୍ୟାଲି ଓ ହ୍ୱାଇଟ ହାଉସର ଆଧିପତ୍ୟ ସତ୍ତ୍ୱେ ଡଲାରର ପ୍ରାଧାନ୍ୟ ହ୍ରାସ ପାଇଁ ଆରମ୍ଭ ହୋଇଥିବା ଉଦ୍ୟମ ଟ୍ରମ୍ପଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଭାରତ ସମେତ ଅନ୍ୟ କେତେକ ରାଷ୍ଟ୍ର ଡଲାର ବଦଳରେ ନିଜ ମୁଦ୍ରାରେ ଦ୍ୱିପାକ୍ଷିକ କାରବାର ଆରମ୍ଭ କଲେଣି। ଆମେରିକାର ନାଲିଆଖି ଏହାକୁ ରୋକି ପାରିନି। ଏଠାରେ ମନେ ରଖିବାକୁ ହେବ ଯେ ୧୦ ବର୍ଷ ତଳର ଭାରତ ସଂପ୍ରତି ବିଶ୍ୱ ଅର୍ଥନୀତିର ଅନ୍ୟତମ ଅଗ୍ରଣୀ ସାରଥି। ସେହିଭଳି ଭାରତ 'ବ୍ରିକ୍ସ'ର ଅନ୍ୟତମ ପ୍ରଭାବୀ ସଦସ୍ୟ। ପରିବର୍ତ୍ତିତ ବହୁଧ୍ରୁବୀୟ ଭୂ-ରାଜନୀତିରେ ଆମେରିକାକୁ ମଧ୍ୟ ସାଲିସ କରିବାକୁ ପଡୁଛି। ଜାନୁଆରୀ ୨୦ ରେ କ୍ଷମତାସୀନ ହେବା ପରେ ବାଣିଜ୍ୟ ଶୁଳ୍କକୁ ନେଇ ଟ୍ରମ୍ପ ଯେଉଁ ଚଡ଼ଉ ଆରମ୍ଭ କରିଥିଲେ ତାହାକୁ କ'ଣ ବଳବତ୍ତର ରଖିବା ସମ୍ଭବ ହେଲା? ସବୁଠାରୁ ବଡ଼କଥା ହେଲା, ପ୍ରତିଦ୍ୱନ୍ଦ୍ୱୀ ଚୀନ ସହ ସେ ସାଲିସ କରିବାକୁ ବାଧ୍ୟ ହୋଇଛନ୍ତି।

ସମସ୍ତ ଧମକଚମକର ଭାରତ ରୋକଠୋକ ଉତ୍ତର ଦେଇ ନ ଥିଲେ ମଧ୍ୟ ରୁଷ ସହ ବାଣିଜ୍ୟିକ ସଂପର୍କ ଅତୁଟ ରଖିଛି। ଗୋଟିଏ ପରେ ଗୋଟିଏ ପାଲଟା ପଦକ୍ଷେପ ବା ନିଷ୍ପତ୍ତି ନେଇ ଆମେରିକାର ପ୍ରଭୂତ ଆର୍ଥିକ କ୍ଷତି ଘଟାଇ ଚାଲିଛି ଭାରତ। ଏଥିମଧ୍ୟରେ ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତିକୁ ମଧ୍ୟ ରଦ୍ଦ କରିଛି। କେବଳ ସେତିକି ନୁହେଁ ନୌସେନା ସକାଶେ ପି-୮ ସାମୁଦ୍ରିକ ବିମାନ କ୍ରୟ ଚୁକ୍ତି ବାତିଲ କରିବା ସହ ଆମେରିକାଠାରୁ ଏଫ-୩୫ ଯୁଦ୍ଧ ବିମାନ ନ କିଣିବାକୁ ସ୍ଥିର କରିଛି ଭାରତ। ଏଥିରୁ ସ୍ପଷ୍ଟ ଯେ ଭାରତ ସାଲିସ ନ କରି ୫୦% ଶୁଳ୍କ ପାଇଁ ଆମେରିକାରେ ଭାରତ ଯେଉଁ ବାଣିଜ୍ୟିକ କ୍ଷତି ସହିବ, ତାହାର ଭରଣା ସକାଶେ ବିକଳ୍ପ ବଜାର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବ। କାହାଠୁ କ'ଣ କିଣିବ ଓ କାହାକୁ କ'ଣ ବିକିବ, ତାହା ଭାରତର ନିଜସ୍ୱ ବ୍ୟାପାର। ଶୁଳ୍କ ସିନା ଆମେରିକା ଲାଗୁ କରିଛି, କିନ୍ତୁ ଅନ୍ୟ ରାଷ୍ଟ୍ରଙ୍କୁ କମ ଶୁଳ୍କରେ ରପ୍ତାନି କରିବାର ସୁଯୋଗ ବା ବାଟ ଯେ ବନ୍ଦ ହୋଇଯାଇଛି ଏକଥା ନୁହେଁ। କିନ୍ତୁ ଭାରତ ପଛକୁ ଚୀନ ଉପରେ ୩୦% ଭିଏତନାମ ଉପରେ ୨୦%, ବାଂଲାଦେଶ ଉପରେ ୧୮ % ଏବଂ ଇଣ୍ଡୋନେସିଆ, ମାଲେସିଆ ଓ ଫିଲିପାଇନ୍ସ ଉପରେ ୧୯ % ଜାପାନ ଓ ଦକ୍ଷିଣକୋରିଆ ଉପରେ ଆମେରିକା ୧୫ ପ୍ରତିଶତ ଶୁଳ୍କ ଲାଗୁକରିଛି। ଏଠାରେ ଏହି ତଥ୍ୟ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା, ଶୁଳ୍କ କ୍ଷେତ୍ରରେ ଏହି ତାରତମ୍ୟ ଯୋଗୁଁ ଆମେରିକା ବଜାରରେ ଅନ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଭାରତ ସକାଶେ ସହଜ ହେବନାହିଁ। କିନ୍ତୁ ବିଶେଷଜ୍ଞଙ୍କ ମତାମତ ଅନୁଯାୟୀ ଭାରତର ଫାର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ଭଳି ଗୁରୁତ୍ୱପୂର୍ଣ୍ଣ ରପ୍ତାନି କ୍ଷେତ୍ର ଅତିରିକ୍ତ ଶୁଳ୍କ ସତ୍ତ୍ୱେ ବିଶେଷ ପ୍ରଭାବିତ ହେବ ନାହିଁ। ଆମେରିକୀୟ ବଜାରରେ ଭାରତତୀୟ ଔଷଧ ଓ ଇଲେକ୍ଟ୍ରୋନିକ୍ସ ଚାହିଦା ଅପରିବର୍ତ୍ତିତ ରହିଛି।

କପଡ଼ା ଓ ପୋଷାକ ଶିଳ୍ପ ଉପରେ ବାଣିଜ୍ୟ ଶୁଳ୍କର ତୁରନ୍ତ ପ୍ରଭାବ ପଡ଼ିଛି। ତାମିଲନାଡ଼ୁର ତିରିପୁର ଦେଶର ପ୍ରମୁଖ କପଡ଼ା ଉତ୍ପାଦନ କେନ୍ଦ୍ର। ଏହି ଅଞ୍ଚଳରୁ ୪୫ ହଜାର କୋଟି ଟଙ୍କାର ପୋଷାକ ରପ୍ତାନି ହୋଇଥାଏ। ଏହି ରପ୍ତାନି ମଧ୍ୟରେ ଆମେରିକା ଯାଉଥିବା ୧୨ ହଜାର କୋଟି ଟଙ୍କାର ପୋଷାକ ଅନ୍ତର୍ଭୁକ୍ତ। ସେହିଭଳି ଅଟୋପାର୍ଟସ୍, ଅଳଙ୍କାର, ଚମଡ଼ାରୁ ପ୍ରସ୍ତୁତ ସାମଗ୍ରୀ ରପ୍ତାନି ବାଧାପ୍ରାପ୍ତ ହେବ। ତେଣୁ ଏକ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ଛଟେଇ କରାଯିବାର ସମ୍ଭାବନା ଅଛି। ଏସବୁ ସତ୍ତ୍ୱେ ସମଗ୍ର ବିଶ୍ୱର ବୃହତ୍ତମ ବଜାର ହେଉଛି ଭାରତ। ଆଭ୍ୟନ୍ତରୀଣ ବଜାରରେ ଚାହିଦା ବୃଦ୍ଧି ଘଟାଇ ପରିସ୍ଥିତିରେ କିଛିଟା ସୁଧାର ଆଣାଯାଇପାରିବ। ସରକାର ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ରପ୍ତାନୀକାରୀଙ୍କ ପାଇଁ ୨୨୫୦ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ମିସନ୍‌ରେ ଏମ୍‌ଏସ୍‌ଏମ୍‌ଇ ଓ ଇ-କମର୍ସ ରପ୍ତାନିକାରୀଙ୍କ ପାଇଁ ସହଜ ଋଣ ଯୋଜନା, ବିଦେଶରେ ଗୋଦାମ ପ୍ରତିଷ୍ଠା ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ଭଳି ପଦକ୍ଷେପ ଗ୍ରହଣ କରାଯାଇପାରେ।

ଚୀନ ପ୍ରତି କୋହଳ ଓ ଭାରତ ପ୍ରତି କଠୋର ଆଭିମୁଖ୍ୟକୁ ଆମେରିକୀୟ ବିଶେଷଜ୍ଞମାନେ କଠୋର ସମାଲୋଚନା କରିଛନ୍ତି। ରୁଷ ଓ ଚୀନଠାରୁ ଭାରତକୁ ଦୂରେଇ ରଖିବା ସକାଶେ ଦଶନ୍ଧି ଧରି ସକାରାତ୍ମକ କୂଟନୀତି ମାଧ୍ୟମରେ ଆମେରିକା ଯେଉଁ ସଫଳ ପ୍ରୟାସ କରିଥିଲା ତାହା ଏବେ ଧୂଳିସାତ ହୋଇଯାଇଛି। ତେଣୁ ବୋଲ୍ଟନ୍ କହିଛନ୍ତି ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଭୟଙ୍କର ତ୍ରୁଟିପୂର୍ଣ୍ଣ ଏବଂ ଆମେରିକା ଉପରେ ତାହାର ପ୍ରତିକୂଳ ପ୍ରଭାବ ପକାଇବ। ଦକ୍ଷିଣ ଏସୀୟ ବଜାରରେ ଆମେରିକାର ସ୍ଥିତି ବିପନ୍ନ। ରୁଷ ଓ ଚୀନ ସହ ଭାରତର ବର୍ଦ୍ଧିତ ସଂପର୍କ ଭବିଷ୍ୟତରେ ଆମେରିକା ପାଇଁ କ୍ଷତିକାରକ ହେବ। ●

## ଭାଗ୍ୟ ହାତେ ବନ୍ଧା ଦାଦନ ଡୋରି

ସୌଭାଗ୍ୟ ସୁନ୍ଦରରାୟ

ଅଗଷ୍ଟ ୩ ତାରିଖରେ ଆନ୍ଧ୍ରପ୍ରଦେଶର ବାପତଲାସ୍ଥିତ ଏକ ଗ୍ରାନାଇଟ ଖଣିରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ଖଣିର କିଛିଅଂଶ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଫଳରେ ଗ୍ରାନାଇଟ ଧ୍ୱଂସାବଶେଷ ତଳେ ଚାପି ହୋଇ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ଗଞ୍ଜାମ ଓ ନୂଆପଡ଼ା ଜିଲ୍ଲା ବାସିନ୍ଦା। ବାପତଲା ପୁଲିସ ଏସ୍‌ପିଙ୍କ କହିବା ଅନୁଯାୟୀ ଆବଶ୍ୟକ ଖଣି ନିରାପତ୍ତା ବ୍ୟବସ୍ଥା ଅଭାବରୁ ଏହି ଦୁର୍ଘଟଣା ଘଟିଛି। ଏଭଳି ଦୁର୍ଘଟଣା ପ୍ରଥମ ଥର ପାଇଁ ଘଟିନାହିଁ। ଗତ ଜୁଲାଇ ମାସରେ ତେଲେଙ୍ଗାନାର ସିଗାଚିଠାରେ ଏକ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟି ଗଞ୍ଜାମ, ବାଲେଶ୍ୱର, କଟକ ଓ ଯାଜପୁର ଜିଲ୍ଲାରୁ ଯାଇଥିବା ୪ ଜଣ ଓଡ଼ିଆ ଶ୍ରମିକଙ୍କୁ ମୃତ୍ୟୁ ଘଟିଥିଲା। ଗତ ଜାନୁୟାରୀ ମାସରେ କେରଳକୁ କାମଧନ୍ଦା ଉଦ୍ଦେଶ୍ୟରେ ଯାଉଥିବା ଯାଉଥିବା ଦୁଇ ଓଡ଼ିଆ ଶ୍ରମିକ ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଥିଲେ। ବଲାଙ୍ଗୀର ଜିଲ୍ଲା ହାତୀଶାଳପଡ଼ା ନିବାସୀ ଉମେଶ ପାଣ୍ଡେ ଓ କୁନୁ ବନ୍‌ଛୋର ଟ୍ରେନର ପାହାଚ ନିକଟରେ ବସି ଯାତ୍ରା କରୁଥିଲେ। ଉଭୟେ ଘୁମେଇ ପଡ଼ିଥିବା କାରଣରୁ ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଥିବା କୁହାଯାଇଥିଲା। ଚେନ୍ନାଇ ନିକଟବର୍ତ୍ତୀ ପେରାମ୍ବୁର ରେଳ ଧାରଣାରୁ ସେମାନଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା।

କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ କୁମୁନିଆ ଗ୍ରାମ ନିବାସୀ ମଧୁସୂଦନ ନାୟକ (୩୦)ଙ୍କୁ ଗତ ମେ' ମାସରେ ଚେନ୍ନାଇଠାରେ ବାନ୍ଧି ମାଡ଼ ମରାଯିବା କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ମଧୁସୂଦନଙ୍କ କ୍ଷତାକ୍ତ ମୃତଦେହ ଏକ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ଦୁଃଖର ବିଷୟ ଅର୍ଥାଭାବରୁ ତାଙ୍କ ପରିବାର ଲୋକେ ମୃତଦେହ ଗ୍ରାମକୁ ଆଣିପାରି ନ ଥିଲେ କି ଏଥିପାଇଁ ରାଜ୍ୟ ପ୍ରଶାସନ ମଧ୍ୟ କୌଣସି ସାହାଯ୍ୟ କରି ନ ଥିଲା। ଫଳରେ ତାଙ୍କ ମୃତ ଦେହ ଚେନ୍ନାଇରେ ହିଁ ସତ୍କାର କରାଯାଇଥିଲା।

ଏପ୍ରକାରେ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଦୁର୍ଦ୍ଦଶାର ତାଲିକା ବେଶ ଲମ୍ବା। ଗତ ଡିସେମ୍ବର ମାସରେ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ରାଜ୍ୟ ଶ୍ରମମନ୍ତ୍ରୀ କହିଥିଲେ ଯେ, ଗତ ୯ ବର୍ଷ ମଧ୍ୟରେ ପ୍ରାୟ ୪୦୦ ଦାଦନ ଶ୍ରମିକ ରାଜ୍ୟ ବାହାରେ ପ୍ରାଣ ହରାଇଛନ୍ତି। ନୂଆଁଖାଇ ପର୍ବକୁ ମାତ୍ର ଆଉ କିଛିଦିନ ରହିଲା। ପଶ୍ଚିମ ଓଡ଼ିଶାର ଏହା ଗଣପର୍ବ। ଏହି ପର୍ବ ପରେ ହାତରେ ଆଉ କାମଧନ୍ଦା ନାହିଁ। ଏଣୁ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳଷ୍ଟେସନରେ ଲାଗିବ ଶ୍ରମିକଙ୍କ ଲମ୍ବାଧାଡ଼ି। ଟିକେଟ ମିଳିବ ନାହିଁ। ଠେଲାପେଲା, ଦଳାଚକଟା ହୋଇ ଶ୍ରମିକମାନେ ଯାତ୍ରା କରିବେ ପ୍ରବାସୀ ବା ଦାଦନ ହୋଇ। ଏ ଯାତ୍ରରେ ଯେତିକି ଭରି ରହିଥାଏ ସ୍ୱପ୍ନ, ତା'ଠାରୁ ଅଧିକ ଅନିଶ୍ଚିତତା। ଆଜିକୁ ୪୦ ବର୍ଷ ତଳେ ଏହି ଲେଖକ କଣ୍ଟାବାଞ୍ଜି ଷ୍ଟେସନରେ ନୂଆଁଖାଇ ପରବର୍ତ୍ତୀ ସମୟରେ ଯେଉଁ ଚିତ୍ର ଦେଖିଥିଲେ ତାହା ଅଦ୍ୟାବଧି ଦେଖିବାକୁ ମିଳୁଛି। ଏହି ଦାଦନ ଶ୍ରମିକଙ୍କ ସମସ୍ୟାର ଅବସାନ କେବେ ଏବଂ କିପରି ହୋଇପାରିବ ତାହା ଏକ ଅଯୁତ ଟଙ୍କାର ପ୍ରଶ୍ନ।

ରାଜ୍ୟର ପ୍ରବାସୀ ବା ଦାଦନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଅଂଶ ସର୍ବାଧିକ। ତା' ପରକୁ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ଗଜପତି ଜିଲ୍ଲାରୁ ବହୁସଂଖ୍ୟକ ଶ୍ରମିକ ଦେଶାନ୍ତରୀ ହୋଇଥା'ନ୍ତି। ଦେଶାନ୍ତରୀଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ଶ୍ରେଣୀ ସ୍ଥାୟୀ ପ୍ରବାସୀ, ଅନ୍ୟଟି ଦାଦନ। ସ୍ଥାୟୀ ପ୍ରବାସୀ ବର୍ଷର ଅଧିକାଂଶ ଦିନ ଗୋଟିଏ ସଂସ୍ଥାରେ କାର୍ଯ୍ୟ କରିଥା'ନ୍ତି। ସୁରଟର ବୟନ ଶିଳ୍ପ ଓ ରଙ୍ଗ ଶିଳ୍ପ କାମଧନ୍ଦା କରୁଥିବା ଶ୍ରମିକଙ୍କୁ ଏହି ଶ୍ରେଣୀରେ ଗ୍ରହଣ କରଯାଇପାରେ। ଯଦି ଆମେ କେନ୍ଦ୍ରପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକକୁ ଦେଖିବା, ତା'ହେଲେ ଏଠାକାର ଶ୍ରମିକଙ୍କୁ ପ୍ରବାସୀ ବୋଲି ବିବେଚନା କରିପାରିବା। ପାଇପ କାରିଗର ଭାବେ ଏହି ଶ୍ରମିକଙ୍କ ଦକ୍ଷତା ରହିଛି। କେବଳ ଭାରତର ବିଭିନ୍ନ ସ୍ଥାନ ନୁହେଁ, ଭାରତ ବାହାରେ ମଧ୍ୟ ଏମାନଙ୍କ ଉପସ୍ଥିତି ରହିଛି। କୋଭିଡ୍ ସମୟରେ ଏହି ବର୍ଗର ଶ୍ରମିକ ମଧ୍ୟ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଅନ୍ୟ ଶ୍ରେଣୀଟି ହେଉଛି ଅସ୍ଥାୟୀ, ଯାହାକୁ ଆମେ ଦାଦନ ବୋଲି କହିପାରିବା। ଅର୍ଥାତ ଏମାନେ ଋତୁକାଳୀନ। ଏହି ଶ୍ରମିକମାନେ ଇଟାଭାଟି, ପଥର ଖାଦାନ, ବାଣ ତିଆରି କାରଖାନା ଆଦିରେ କାର୍ଯ୍ୟ କରିଥା'ନ୍ତି। କହିବାକୁ ଗଲେ କୌଣସି ନିରାପତ୍ତା ବ୍ୟବସ୍ଥା ନଥାଇ ଦାଦନ ଶ୍ରମିକ ବିପଦସଙ୍କୁଳ ଅବସ୍ଥାରେ କାର୍ଯ୍ୟ କରିଥା'ନ୍ତି।

ଗତ ମାର୍ଚ୍ଚ ମାସରେ ତେଲଙ୍ଗାନାର ଏକ ଇଟାଭାଟିରେ କାମ କରୁଥିବା ସମୟରେ କ୍ରେନ ଭାଙ୍ଗି ଜଣେ ଓଡ଼ିଆ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ବରଗଡ଼ ଜିଲ୍ଲାର ହୀରା ମୁଣ୍ଡା ନାମକ ସଂପୃକ୍ତ ମହିଳା ଶ୍ରମିକ ନିଜ ସ୍ୱାମୀଙ୍କ ସହ କରିମନଗର ଜିଲ୍ଲାର ଏକ ଇଟାଭାଟିରେ କାମ କରୁଥିଲେ। ତାଙ୍କୁ କ୍ରେନ ଚଳାଇବାକୁ ଦିଆଯାଇଥିଲା। ସଂପୃକ୍ତ ମହିଳାଙ୍କ ପାଇଁ ତାହା ନିଶ୍ଚିତ ଏକ ବିପଦସଙ୍କୁଳ କାର୍ଯ୍ୟ ଥିଲା।

ସାଧାରଣତଃ ଦଲାଲମାନେ କମିଶନ ନେଇ ଅସ୍ଥାୟୀ ଶ୍ରମିକଙ୍କୁ ଯୋଗାଡ଼ କରି ବିଭିନ୍ନ ରାଜ୍ୟକୁ ପ୍ରେରଣ କରିଥା'ନ୍ତି। ପଠାଇ ସାରିଲା ପରେ ଦଲାଲର ଆଉ କୌଣସି ଭୂମିକା ରହି ନ ଥାଏ। ତା'ପରେ ଶ୍ରମିକ ନିଜ ଭାଗ୍ୟ ନେଇ ଚାଲିଥାଏ। ବଲାଙ୍ଗୀର ଜିଲ୍ଲାରେ ଏହି ଦଲାଲମାନେ ନୂଆଁଖାଇ ଅବ୍ୟବହିତ ପୂର୍ବରୁ ସକ୍ରିୟ ହୋଇଥା'ନ୍ତି। ପୂର୍ବରୁ ବଲାଙ୍ଗୀର ଶ୍ରମିକ ମୁଖ୍ୟତଃ ଛତିଶଗଡ଼ର ରାୟପୁର ଅଞ୍ଚଳକୁ ରିକ୍ସା ଚଳାଇବାକୁ ବା ଅନ୍ୟ କାମଧନ୍ଦା ପାଇଁ ଯାଉଥିବା ବେଳେ ଏବେ ଅନ୍ୟାନ୍ୟ ରାଜ୍ୟକୁ ଯିବା ଆରମ୍ଭ କଲେଣି। ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ପଥରଖାଦାନ, ଚାଷ ଓ ଉଦ୍ୟାନ ଏବଂ ଇଟାଭାଟି କାମ ନିମନ୍ତେ ସେଠାକାର ମାଲିକ କନ୍ଧମାଳ, କଳାହାଣ୍ଡି ଅଞ୍ଚଳକୁ ସିଧାସଳଖ ବସ ପଠାଇ ଯାତ୍ରୀମାନଙ୍କୁ ନେଉଛନ୍ତି। ନେବା ସମୟରେ ସେମାନଙ୍କୁ କିଛି ଅଗ୍ରୀମ ଅର୍ଥ ଦେଇ ପ୍ରଲୋଭିତ କରିଥା'ନ୍ତି।

ଓଡ଼ିଶାରୁ ଦାଦନ ଓ ସେମାନଙ୍କ ମୃତାହତ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ଦେଖାଯାଉଛି। ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ(ଏଫଏଓ) ଏବଂ 'ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ ଫର ମାଇଗ୍ରେସନ'ର ଏକ ମିଳିତ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୨୦୨୩ ମସିହାରେ ଓଡ଼ିଶାରୁ ୧.୭୫ ନିୟୁତ ଶ୍ରମିକ ଦେଶାନ୍ତରୀ ହୋଇଛନ୍ତି। ଓଡ଼ିଶାରୁ ଏତେ ସଂଖ୍ୟକ ଶ୍ରମିକଙ୍କ ଅନ୍ୟ ରାଜ୍ୟକୁ ପ୍ରବାସୀ ଘଟଣାକୁ ବିଶ୍ୱବ୍ୟାଙ୍କ ମଧ୍ୟ ନକାରାତ୍ମକ ଦୃଷ୍ଟିରେ ଦେଖିଛନ୍ତି। ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ଏହି ସଂଖ୍ୟକ ଶ୍ରମିକଙ୍କ ରାଜ୍ୟ ବାହାରକୁ କାମ ଧନ୍ଦା ପାଇଁ ଯିବା ଇଚ୍ଛାକୃତ ନୁହେଁ। ଅର୍ଥାତ ଅଭାବ, ଅନଟନ, ପରିବାର ପ୍ରତିପୋଷଣର ଚାପ ଓ ରାଜ୍ୟରେ କାମଧନ୍ଦା ଅଭାବରୁ ସେମାନେ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି ଏବଂ ଯେକୌଣସି ପରିସ୍ଥିତିକୁ ଆଦରି ନେଉଛନ୍ତି। 'ଇଣ୍ଟରନ୍ୟାସନାଲ ରାଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍' ସହାୟତାରେ କେରଳର 'ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଇଗ୍ରେସ୍ ଆଣ୍ଡ ଡେଭେଲପମେଣ୍ଟ'ର ରିପୋର୍ଟ ଅନୁଯାୟୀ ଦାଦନ ଭାବେ ଯାଉଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୩୦% କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ଏବଂ ୩୩% ଭୂମିହୀନ। ଏଣୁ ଭୂମିହୀନ କାମଧନ୍ଦା ପାଇପାରୁ ନାହାନ୍ତି କି କୃଷି ପରିବାର ପ୍ରତିପୋଷଣକୁ ସୁନିଶ୍ଚିତ କରିପାରୁ ନାହିଁ। ଏ ପ୍ରକାର ପରିସ୍ଥିତିରେ ଜନସାଧାରଣ ରାଜ୍ୟ ବାହାରକୁ କାମଧନ୍ଦା କରିବା ଉଦ୍ଦେଶ୍ୟରେ ଯାଉଛନ୍ତି।

ଗଞ୍ଜାମ-ସୁରଟକୁ ଏକ ଦେଶାନ୍ତରୀ ପଥ ବୋଲି ବିବେଚନା କରାଯାଇଥାଏ। ଏହା ପରକୁ ଗତ କିଛିବର୍ଷ ହେଲା ତାମିଲନାଡୁ ଓ କେରଳକୁ ଶ୍ରମିକ ଗମନ ସଂଖ୍ୟା ବୃଦ୍ଧି ପାଇଛି। ଏହି ରାଜ୍ୟରେ ଆବଶ୍ୟକ କାମଧନ୍ଦା ମିଳିବା ସହ ମୂଳମଜୁରୀ ଦର ଅଧିକ ରହୁଛି। ଓଡ଼ିଶାରେ ଜଳସେଚନ ବ୍ୟବସ୍ଥାରେ ସେପରି ଆଖିଦୃଶିଆ ଉନ୍ନତି ଘଟିପାରୁ ନାହିଁ। ପୁରୁଣା କେନାଲ ବ୍ୟବସ୍ଥାରେ ପାଣି କିପରି ତଳମୁଣ୍ଡ ପର୍ଯ୍ୟନ୍ତ ଯାଇପାରିବ ତାହାର ବ୍ୟବସ୍ଥା କରାଯାଉ ନାହିଁ। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଉଥିବା ଦେଖାଯାଉଛି। ଫଳରେ ଉପକୂଳଠାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ କୃଷି ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ ସରକାରୀ ମନରେଗା ଯୋଜନାର କାର୍ଯ୍ୟଦିବସ ହ୍ରାସ ପାଇଛି ଏବଂ ମଜୁରୀ ମଧ୍ୟ ଉତ୍ସାହଜନକ ନୁହେଁ।

ଦାଦନ ଶ୍ରମିକ ଚାଲାଣର ପ୍ରତିକାର ପାଇଁ ଗତବର୍ଷ ଅକ୍ଟୋବର ମାସରେ ସରକାର ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏଥିରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର ସଦସ୍ୟ ଅଛନ୍ତି। ଇତିମଧ୍ୟରେ ୧୦ ମାସ ବିତିଲାଣି। ଟାସ୍କଫୋର୍ସର ସୁପାରିସ ରାଜ୍ୟବାସୀଙ୍କୁ ଜଣାପଡ଼ିନାହିଁ। ତେଣେ ଅପଞ୍ଜିକୃତ ଶ୍ରମିକ ଚାଲାଣ ନିମନ୍ତେ ଶ୍ରମ ଆଇନରେ ଯେଉଁ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ତାହା ବିଭାଗ ପକ୍ଷରୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ତେଣୁ ମୋଟାମୋଟି ଭାବେ ଦେଖିବାକୁ ଗଲେ ଦାଦନ ଶ୍ରମିକଙ୍କ ନିମନ୍ତେ ସରକାରଙ୍କ କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ କି ଏଥିପ୍ରତି ଆନ୍ତରିକତା ନାହିଁ। ଏହି ଧାରା ଯେତେଦିନ ପର୍ଯ୍ୟନ୍ତ ଜାରି ରହିଥିବ ସେତେଦିନ ପର୍ଯ୍ୟନ୍ତ ଦାଦନ ମାନେ ଭାଗ୍ୟକୁ ଆଦରି ରହିଥିବେ। ●

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## କାହିଁକି ବଢୁଛି ଦୁଷ୍କର୍ମ

ଶ୍ରୀକାନ୍ତ କୁମାର ମହାଳିକ

ଦୁଷ୍କର୍ମ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। କୁନିକୁନି ଝିଅଙ୍କଠାରୁ ଆରମ୍ଭ କରି ବୟସ୍କା ମହିଳାଙ୍କ ପର୍ଯ୍ୟନ୍ତ ଏଥିରୁ ବାଦ୍ ପଡୁ ନାହାନ୍ତି। ଦୁଷ୍କର୍ମ ପରେ ଅତ୍ୟନ୍ତ ନିର୍ମମ ଓ ବୀଭତ୍ସ ଭାବେ ହତ୍ୟା କରାଯାଉଥିବା ଘଟଣା ସମସ୍ତଙ୍କୁ ଆଜି ବ୍ୟଥିତ ଓ ବିବ୍ରତ କରିଛି। ଘରଦ୍ୱାର, ରାସ୍ତାଘାଟ, ହାଟବଜାର, କର୍ମକ୍ଷେତ୍ର କେଉଁଠି ବି ଝିଅ ବା ମହିଳାଟିଏ ଆଜି ନିଜକୁ ସୁରକ୍ଷିତ ମଣି ପାରୁନାହିଁ। ପିତା, ମାତା, ଅଭିଭାବକମାନେ ମଧ୍ୟ ଅହରହ ଭୟ ଓ ଆଶଙ୍କା ମଧ୍ୟରେ ରହୁଛନ୍ତି। ଯୋଗାଯୋଗର ସମସ୍ତ ବ୍ୟବସ୍ଥା ଥିଲେ ମଧ୍ୟ ଝିଅଟିଏ ବା ବୋହୂଟିଏ ଘରୁ ଗୋଡ଼ କାଢ଼ିଲେ ନିରାପଦରେ ଫେରିବ ବୋଲି ଭରସି ପାରୁ ନାହାନ୍ତି। ତେବେ ଏମିତି ଦୁଃଖ ଓ ଯନ୍ତ୍ରଣାଦାୟକ ଘଟଣାମାନ କାହିଁକି ଘଟି ଚାଲିଛି ଏବଂ ଏହାର କାରଣ କ'ଣ ତାହାର ଆଲୋଚନା ଅତ୍ୟନ୍ତ ଜରୁରୀ ମନେହୁଏ।

ବଡ଼ କାରଣ ହେଉଛି ମୋବାଇଲ ଫୋନ୍‌ର ଅସଦ୍ ବ୍ୟବହାର। ମୋବାଇଲ ବର୍ତ୍ତମାନ ଯୁବକମାନଙ୍କୁ ଜଣେ ଜଣେ ଯୌନ ବିକାରଗ୍ରସ୍ତ ରୋଗୀରେ ପରିଣତ କରିଦେଇ ସାରିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଇଣ୍ଟନେଟରୁ ଅଶ୍ଳୀଳ, ନଗ୍ନ ଓ ଯୌନ ଉଦ୍ଦୀପକ ଦୃଶ୍ୟ ସବୁ ଡାଉନଲୋଡ୍ କରି ଅହରହ ଦେଖିବା ଏବଂ ନିଜକୁ ସଂଯତ କରି ନପାରିବା ଯୋଗୁଁ ହିଁ ଏପରି କାଣ୍ଡ ସେମାନେ ଘଟାଇ ଚାଲିଛନ୍ତି। ଯୁବକମାନେ ଏପରି ଉଚ୍ଛୃଙ୍ଖଳିତ ଓ ବିପଥଗାମୀ ହେବା ପଛରେ ସେମାନଙ୍କର ପିତା, ମାତା ଓ ଅଭିଭାବକମାନଙ୍କୁ ଦାୟୀ କରାଯାଇପାରେ। ମୂଳରୁ ପିଲାମାନଙ୍କୁ ଯେଉଁପରି ସଂସ୍କାର ଓ ମାର୍ଗଦର୍ଶନ ଦେବା କଥା, ସେଥିପ୍ରତି ପିତାମାତାମାନେ ଯତ୍ନବାନ୍ ହେଉନାହାନ୍ତି। କେବଳ ଅନୈତିକ ଉପାୟରେ ଅର୍ଥ ଉପାର୍ଜନ କରି କେମିତି ନିଜର ଘର ପୂରଣ କରିବେ, ବିଳାସରେ ରହିବେ, ମଉଜ ମଜଲିସରେ ଜୀବନ ବିତେଇବେ ସେଥିପାଇଁ ସେମାନେ ବ୍ୟସ୍ତ। ନିଜେ ଭୋଗବିଳାସରେ ବୁଡ଼ିରହିବା ସଂଗେସଂଗେ ପିଲାମାନଙ୍କୁ ମଧ୍ୟ ସେଥିରେ ବୁଡ଼ାଇ ରଖୁଛନ୍ତି। ଏପରି ଜୀବନଚର୍ଯ୍ୟା ପିଲାମାନଙ୍କୁ ଉଚ୍ଛୃଙ୍ଖଳିତ କରୁଛି ଏବଂ ଅନୈତିକ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରୁଛି।

ସେହିପରି ପୁଲିସ ପ୍ରଶାସନର ଅବହେଳା ଯୋଗୁଁ ଅନେକ କ୍ଷେତ୍ରରେ ଅପରାଧୀ ଖସି ଯାଉଛନ୍ତି ଏବଂ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛି। ତଦନ୍ତରେ ଅବହେଳା ବା ଜାଣିଶୁଣି ବିଳମ୍ବ କରିବା, ତଦନ୍ତ ରିପୋର୍ଟକୁ ଜାଲିଆତି କରିବା, ସାକ୍ଷ୍ୟ ପ୍ରମାଣକୁ ନଷ୍ଟ କରିବା, ସାକ୍ଷୀକୁ ଉପଯୁକ୍ତ ସୁରକ୍ଷା ଯୋଗାଇ ନଦେବା ଆଦି ଘଟଣା ଦୁଷ୍କର୍ମକାରୀଙ୍କୁ ଖସାଇ ଦେବାରେ ସହାୟକ ହେଉଛି ଏବଂ ଅଧିକ ପ୍ରୋତ୍ସାହିତ କରୁଛି। କେକେତ ଅସାଧୁ ନେତା ନିଜର ସ୍ୱାର୍ଥ ପାଇଁ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା, ସେମାନଙ୍କ ପାଇଁ ଅଯଥା ଓକିଲାତି କରିବା, ପ୍ରଶାସନିକ କଳ ଉପରେ ଚାପ ପ୍ରୟୋଗ କରି ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଆଦି ଘଟଣା ଦୁଷ୍କର୍ମକାରୀଙ୍କ ପାଇଁ ଆଶୀର୍ବାଦ ସ୍ୱରୂପ କାର୍ଯ୍ୟ କରୁଛି।

ଏଭଳି ସାମାଜିକ ବ୍ୟତିକ୍ରମରେ ନାରୀ ନିଜ ପାଇଁ ନିଜେ କିଛି ପରିମାଣରେ ଦାୟୀ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଭୁଲି ପାଶ୍ଚାତ୍ୟ ସଂସ୍କୃତି ଓ ଜୀବନଶୈଳୀକୁ ଆପଣେଇବା ଦ୍ୱାରା ସମାଜରେ ଉଚ୍ଛୃଙ୍ଖଳତା ବଢୁଛି। ଏହା ବାଦ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତିକୁ ମଧ୍ୟ ଅନେକ ପରିମାଣରେ ଦାୟୀ କରାଯାଇ ପାରେ। ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ତଥା ଚରିତ୍ର ଗଠନ। କିନ୍ତୁ ବର୍ତ୍ତମାନର ଏ ବ୍ୟବସାୟଭିତ୍ତିକ ଶିକ୍ଷା ବ୍ୟବସ୍ଥା ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ। ନୀତି, ଆଦର୍ଶ ଓ ଚରିତ୍ରବାନ୍ ନାଗରିକ ସୃଷ୍ଟି ହେବା ପରିବର୍ତ୍ତେ ଗୁଡ଼ାଏ ନୀତି- ଆଦର୍ଶ ବିବର୍ଜିତ ଏବଂ ଚରିତ୍ର ହୀନ ନାଗରିକ ସୃଷ୍ଟି ହେଉଛନ୍ତି। ଦୁଷ୍କର୍ମ ପରି ଅନୈତିକ କାର୍ଯ୍ୟ କରିବା ଏମାନଙ୍କ ପକ୍ଷେ ଆଦୌ ଅସମ୍ଭବ ନୁହେଁ।

ଏସବୁ ବ୍ୟତୀତ ଦୁଷ୍କର୍ମ ଘଟଣା ପଛରେ ଅନ୍ୟ କେତେକ କାରଣ ମଧ୍ୟ ରହିଛି। ଯଥା-ମାଦକ ଦ୍ରବ୍ୟ ସେବନ, ପାରିବାରିକ ଅଶାନ୍ତି, ନିଃସଂଗତା, ସାମୟିକ ଉତ୍ତେଜନା, ପ୍ରେମଜନିତ ଅସଫଳତା, ଭଗବତ୍ ବିଶ୍ୱାସର ଅଭାବ ଇତ୍ୟାଦି। ଏଣୁ ଏ ସମସ୍ୟାର ସମାଧାନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା। ବିଶେଷକରି ଏପରି ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ଉଚିତ୍। ଏଥିପାଇଁ ପ୍ରଶାସନ ଓ ପୁଲିସର ନିଷ୍ପାପର ଉଦ୍ୟମର ଆବଶ୍ୟକତା ରହିଛି। ଦ୍ୱିତୀୟରେ ରାଜନୈତିକ ନେତାମାନେ ପୀଡ଼ିତାମାନେ କିପରି ଉପଯୁକ୍ତ ନ୍ୟାୟ ପାଇବ ସେ ଦିଗରେ ଯତ୍ନବାନ୍ ହେବା ଉଚିତ୍। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନାରୀ ଆଧୁନିକତା ନାଁରେ କୌଣସି ପ୍ରକାର ଅଶ୍ଳୀଳତାକୁ ପ୍ରଶ୍ରୟ ନଦେବା ତା'ପାଇଁ ଶୁଭଙ୍କର ହେବ। ନିଜର ପୋଷାକ ପରିଚ୍ଛଦ, ଚାଲିଚଳଣି ଆଦି ଆମ ସଂସ୍କୃତିର ମର୍ଯ୍ୟାଦା ଭିତରେ ରହିଲେ ନିଜ ପାଇଁ ଏବଂ ସମାଜ ପାଇଁ ମଙ୍ଗଳକର ହେବ। ପିତାମାତା ଓ ଅଭିଭାବକମାନେ ମଧ୍ୟ ଅଧିକ ସଚେତନ ହୋଇ ନିଜେ ସଂସ୍କାରିତ ହେବା ସଂଗେ ସଂଗେ ପିଲାମାନଙ୍କୁ ସଂସ୍କାରିତ କରି ଗଢ଼ିତୋଳିବା ଆବଶ୍ୟକ। ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ମଧ୍ୟ ନିହାତି ଲୋଡ଼ା। ବିଶେଷକରି ନୈତିକ ଶିକ୍ଷାକୁ ଅନିବାର୍ଯ୍ୟ କରାଯିବା ଉଚିତ୍। ଜଣେ ନୀତିବାନ୍ ମଣିଷ କେବେ ବି ଅନ୍ୟର ଅମଙ୍ଗଳ ଚିନ୍ତା କରି ନପାରେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୃଷ୍ଟିକୋଣର ପରିବର୍ତ୍ତନ। ଆମେ ନିଜର ମା', ଝିଅ, ବୋହୂ, ସ୍ତ୍ରୀ ବା ଭଉଣୀମାନଙ୍କ ପ୍ରତି ଯେଉଁ ମନୋଭାବ ପୋଷଣ କରିଥାଉ ଏବଂ ସେମାନଙ୍କର ସୁରକ୍ଷା କାମନା କରିଥାଉ ଯଦି ଠିକ୍ ସେହି ମନୋଭାବ ଅନ୍ୟମାନଙ୍କ ପ୍ରତି ପୋଷଣ କରିବା ତେବେ ଛାଏଁ ଛାଏଁ ଏ ସମସ୍ୟା ଯେ ନିଶ୍ଚୟ ଦୂର ହୋଇଯିବ ଏଥିରେ ସନ୍ଦେହ ନାହିଁ। ●

ଚରଦିଆ(ଭଦ୍ରକ), ମୋ: ୮୬୫୮୪୩୯୭୦୨

## ବିଲୁପ୍ତି ପଥେ ବିଶ୍ୱବ୍ରହ୍ମାଣ୍ଡ!

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ମାନେକରାଯାଏ ଯେ ଆଜକୁ ପ୍ରାୟ ୧୩.୮ ବିଲିୟନ୍ ବର୍ଷ ପୂର୍ବେ ଘଟିଥିବା ବ୍ରହ୍ମବିସ୍ଫୋଟ୍ ବା 'ବିଗ୍‌ବ୍ୟାଙ୍ଗ' ଫଳରେ ବିଶ୍ୱବ୍ରହ୍ମାଣ୍ଡ ଉତ୍ପତ୍ତି ହେଲା। ସେଥି ସମୟରୁ ଏହା ସଂପ୍ରସାରିତ ହୋଇଚାଲିଛି। ଏଥିରେ ସହାୟତା କରୁଛି କୃଷ୍ଣଶକ୍ତି (ଡାର୍କ ଏନର୍ଜି) ନାମକ ଏକ ବିସ୍ମୟକର ଶକ୍ତି। ଅନ୍ୟପକ୍ଷରେ, ବିଶ୍ୱ ବ୍ରହ୍ମାଣ୍ଡର ଅନ୍ୟଏକ ଉପାଂଶ କୃଷ୍ଣବସ୍ତୁ ବା 'ଡାର୍କ ମାଟର୍' ଏଥିରେ ଥିବା ବସ୍ତୁଗୁଡ଼ିକୁ ପରସ୍ପରକୁ ଆକର୍ଷିତ କରିବାର ସାହାଯ୍ୟ କରେ।

ଏବେ କେତେଜଣ ଖଗୋଳ ବିଜ୍ଞାନୀ ମନେ କରୁଛନ୍ତି ଯେ ସମ୍ଭବତଃ କୃଷ୍ଣଶକ୍ତି ସୁସ୍ଥିର ନୁହେଁ। ସମୟକ୍ରମେ ଏହା କମ/ବେଶି ହୋଇଥାଏ। ସେମାନଙ୍କ ମତରେ ଏହା ଦୁର୍ବଳ ହେବାର ସମ୍ଭାବନା ମଧ୍ୟ ରହିଛି। ଯଦି ତାହା ହୁଏ, ତେବେ ବସ୍ତୁ-ବସ୍ତୁ ମଧ୍ୟରେ ଆକର୍ଷଣ ଅଧିକ ହୋଇ ଯାଇପାରେ ଏବଂ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରସାରଣ ବନ୍ଦ ହୋଇପାରେ। ନଚେତ୍ ତାହା ପ୍ରତ୍ୟାବର୍ତ୍ତୀ ହୋଇ ମହାସଂକୋଚନ ବା 'ବିଗ୍ କ୍ରୋଞ୍ଚ'ର କାରଣ ହୋଇପାରେ। ସେମାନେ ଅନୁମାନ କରନ୍ତି ଯେ ଆଗାମୀ ପ୍ରାୟ ୧୦ ବିଲିୟନ୍ ବର୍ଷ ପରେ ଏହି କାରଣରୁ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରସାରଣ ହୁଏତ ବନ୍ଦ ହୋଇଯିବ ଏବଂ ତତ୍ପରେ ତାହା ପତିତ ହେବାକୁ ଲାଗି ପ୍ରାୟ ୩୩ ବିଲିୟନ ବର୍ଷ ପରେ ମହାସଂକୋଚନ ଘଟି ବିଲୁପ୍ତ ହୋଇଯିବ।

ବିଗତ କିଛି ବର୍ଷ ଧରି 'ଡାର୍କ ଏନର୍ଜି ସର୍ଭେ' ଏବଂ ଡାର୍କଏନର୍ଜି ସ୍ପେକ୍ଟ୍ରୋସ୍କୋପି ଇନଷ୍ଟିଚ୍ୟୁଟ୍'ରେ କାର୍ଯ୍ୟରତ ଖଗୋଳ ବିଜ୍ଞାନୀମାନେ ଦେଖିବାକୁ ପାଇଛନ୍ତି ଯେ କୃଷ୍ଣଶକ୍ତି ଏବେ ବିଶ୍ୱବ୍ରହ୍ମାଣ୍ଡକୁ ଦ୍ରୁତ ସଂପ୍ରସାରିତ କରିବାକୁ ଲାଗିଛି। ଏହା ସୂଚାଇ ଦେଇଛି ଯେ ଏହା ଏକ ସ୍ଥିରାଙ୍କ ନୁହେଁ। ଅନ୍ୟପକ୍ଷରେ ତାହା ସମୟକ୍ରମେ ପରିବର୍ତ୍ତିତ ହୋଇପାରେ। ତାହା ଯଦି ସତ୍ୟ ହୁଏ ତା'ହେଲେ କୃଷ୍ଣଶକ୍ତି ଦୁର୍ବଳ ହୋଇ ଏବର ସଂପ୍ରସାରଣର ବେଗ ହ୍ରାସ କରିବାର ସମ୍ଭାବନା ରହିଛି। ସେମାନଙ୍କ ଦ୍ୱାରା ଜୁନ୍ ୨୦୨୫ରେ ପ୍ରକାଶିତ ଏକ ଗବେଷଣା ପତ୍ର 'ଦ ଲାଇଫ୍-ସ୍ପାନ୍ ଅଫ୍ ଆୱାର ୟୁନିଭର୍ସ'ରେ ଗୋଟିଏ ଜଟିଳ ଚିନ୍ତାଧାରା ସୂଚୀତ କରିଛନ୍ତି। ସେଥିରେ ସେମାନେ ପ୍ରସ୍ତାବ ରଖିଛନ୍ତି ଯେ କୃଷ୍ଣଶକ୍ତି ଦୁଇଟି ଉପାଂଶରେ ତିଆରି। ତହିଁରୁ ପ୍ରଥମଟି ହେଲା 'ଅକ୍ସିଅନ୍', ଯାହାକି ଏକ ବିସ୍ମୟକର କଳ୍ପନିକ କଣିକା। ଏହା ଏତେ ହାଲୁକା ଏବଂ ସହଜରେ ଧରା ପଡୁନଥିବା ବସ୍ତୁ ଯେ ତାହା ପ୍ରାୟତଃ ଅନ୍ୟକାହାରି ସହିତ ଆର୍ନ୍ତକ୍ରିୟା କରେ ନାହିଁ। କଳ୍ପନା କରାଯାଇପାରେ ଯେ ଏବର 'ଅକ୍ସିଅନ' ହେଉଛି ଏକ ମୃଦୁ ଶକ୍ତିର କୁଝଟିକା ଯାହାକି ନୀରବରେ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରାସାରଣ ଲାଗି ଶକ୍ତି ଯୋଗଉଛି।

ଦ୍ୱିତୀୟଟି ହେଲା ଏକ ବିଶ୍ୱବ୍ରହ୍ମାଣ୍ଡୀୟ ସ୍ଥିରାଙ୍କ। କିନ୍ତୁ ଏହି ମଡେଲ୍‌ରେ ଏହା ନକାରାତ୍ମକ। ଏଣୁ ଏହା ପ୍ରସର ବା ସ୍ପେସ୍ କୁ ବାହାର ଆଡ଼କୁ ଠେଲୁଥିବା ସକାରାତ୍ମକ ସ୍ଥିରାଙ୍କ ଭଳି ନୁହେଁ। ବରଂ ଏହା ତାହାକୁ ପଛ ଆଡ଼କୁ ଠେଲିଥାଏ। ବର୍ତ୍ତମାନ 'ଆକ୍ସିଅନ୍'ମାନେ ଅଧିକାଂଶ ସଂପ୍ରାସାରଣ କାର୍ଯ୍ୟ କରୁଛନ୍ତି। ତେବେ ଆଶା କରାଯାଏ ଯେ ସମୟକ୍ରମେ ତାହା ଦୁର୍ବଳ ହୋଇଚାଲିବେ, ଯେତେବେଳେ ନକାରାତ୍ମକ ଖଗୋଳୀୟ ସ୍ଥିରାଙ୍କ ଅଧିକ ପ୍ରଭାବଶାଳୀ ହେବାକୁ ଆରମ୍ଭ କରିବେ। ଫଳରେ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରସାରଣ ମନ୍ଥର ଏବଂ ତତ୍‌ପରେ ବିପରୀତ ପଥଗାମୀ ହୋଇଯାଇପାରେ।

ପରିମାଣ ସ୍ୱରୂପ, ନାଟକୀୟ ଭାବେ ମହାସଂକୋଚନ (ବିଗକ୍ରଂଚ) କୁହାଯାଉଥିବା ଏକ ନୂତନ ପ୍ରକିୟାର ଆରମ୍ଭ ହୋଇଯିବ। ତାହା ହେଲେ ତାରକାପୁଞ୍ଜଗୁଡ଼ିକ ପରସ୍ପର ସହିତ ଧକ୍କା ଖାଇବେ। ବିଶ୍ୱବ୍ରହ୍ମାଣ୍ଡ ସଙ୍କୁଚିତ ହେବାକୁ ଲାଗିବ। ତାହା ଉତ୍ତପ୍ତ ଏବଂ ଅତ୍ୟଧିକ ଘନ ହୋଇ ଶେଷରେ 'ସିଙ୍ଗୁଲାରିଟି' ଅବସ୍ଥାକୁ ଆସିଯିବ, ଯେପରି ତାହା ଥିଲା ବ୍ରହ୍ମବିସ୍ଫୋଟ ଆରମ୍ଭ ପୂର୍ବରୁ। ●

ଯମପଡ଼ା(କେନ୍ଦ୍ରାପଡ଼ା),
ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୃତ ବ୍ୟକ୍ତିଙ୍କ ନାମରେ ଶ୍ରମ କାର୍ଡ କରି ଲକ୍ଷାଧିକ ଟଙ୍କା ହଡ଼ପ**

# ପୂର୍ବତନ ଶ୍ରମ ଅଧିକାରୀଙ୍କ ନାମରେ ଏତଲା

ତାଳଚେର ସହର,୧୧।୮ (ସମିସ): ଲୋକଙ୍କ ମୃତ୍ୟୁ ପରେ ତଙ୍କ ନାମରେ ଶ୍ରମକାର୍ଡ କରାଯାଇ ଲକ୍ଷାଧିକ ଟଙ୍କା ମୃତ୍ୟୁକାଳୀନ ସହାୟତା ରାଶି ହଡ଼ପ କରାଯାଇଛି। ତତ୍କାଳୀନ ତାଳଚେର ଶ୍ରମ ଅଧିକାରୀ ତଞ୍ଚକତା କରି ଏପରି କରିଥିବା ବର୍ତ୍ତମାନର ଶ୍ରମ ଅଧିକାରୀ ଥାନାରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତ ବାଘମରା ଗ୍ରାମର ଭରତ ଦେହୁରୀ (୩୮)ଙ୍କ ୨୦୨୦ ଫେବୃଆରୀ ୯ରେ ମୃତ୍ୟୁ ହୋଇଥିଲା। ତାଳଚେର ଆଇସିଡିଏସ୍ ପତ୍ର ସଂଖ୍ୟା ୩୧୫/୧୧-୦୩-୨୦୨୫ରେ ତାଙ୍କ ମୃତ୍ୟୁ ସମ୍ପର୍କରେ ତାଳଚେର ଶ୍ରମ ବିଭାଗକୁ ଲିଖିତ ଭାବେ ଅବଗତ କରାଯାଇଛି। ଅନ୍ୟପଟେ ଭରତ ଦେହୁରୀଙ୍କର ୨୦୨୦ ଫେବୃଆରୀ ୧୭ରେ ମୃତ୍ୟୁ ହୋଇଥିବା ତାଳଚେର ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ୨ଟି ତଥ୍ୟ ଆଧାରରେ ତଦନ୍ତ କରିବା ପରେ ବର୍ତ୍ତମାନର ତାଳଚେର ଶ୍ରମ ଅଧିକାରୀ ଜାଣିବାକୁ ପାଇଛନ୍ତି ଯେ ଭରତଙ୍କ ମୃତ୍ୟୁର ୫ଦିନ ପରେ ତତ୍କାଳୀନ ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇ ଏକ ଶ୍ରମ କାର୍ଡ ପ୍ରଦାନ କରିଛନ୍ତି। ଏହି ଶ୍ରମ କାର୍ଡ ନମ୍ବର ଓଡିଟିସିଆର-୦୦୧୦୫୬୦୪୮-୧୪-୨-୨୦ ରହିଛି। ଯାହା ସମ୍ପୂର୍ଣ୍ଣ ବେଆଇନ ବୋଲି ଜଣାପଡ଼ିଛି। ଏପରିକି, ଭରତଙ୍କ ମୃତ୍ୟୁପରେ ତାଙ୍କର ମିଥ୍ୟା ଟିପଚିହ୍ନ ନେଇ ଶ୍ରମ କାର୍ଡ ପ୍ରସ୍ତୁତ ହୋଇଛି। କେବଳ ସେତିକି ନୁହେଁ, ପୂର୍ବରୁ ତାଳଚେର ଥାନା ଅନ୍ତର୍ଗତ ଦେଉଳବେଡ଼ା ଅଞ୍ଚଳର ଚରଣ ମହାକୁଳଙ୍କର ୨୦୧୩ ଅକ୍ଟୋବର ୧୦ରେ ସାପ କାମୁଡ଼ାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଚରଣଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ପରିବାରଲୋକେ ୨୦୧୩ ଅକ୍ଟୋବର ୨୫ରେ ଅନୁଗୋଳ ପୌରପରିଷଦରେ ଆବେଦନ କରିଥିଲେ। ୨୦୧୪ ମେ' ୧୭ରେ ଚରଣଙ୍କ ସ୍ତ୍ରୀ ଝିଲି ମହାକୁଡ଼ ମୃତ୍ୟୁ ପ୍ରମାଣପତ୍ର ମଧ ଆଣିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଶ୍ରମ କାର୍ଡରେ ଟଙ୍କା ହଡ଼ପ କରିବା ପାଇଁ ଚରଣ ମହାକୁଡ଼ଙ୍କୁ ଜୀବିତ ଦର୍ଶାଯାଇଥିଲା। ଏପରିକି, ଶ୍ରମକାର୍ଡ ପ୍ରସ୍ତୁତ କରିବାର ତିନି ମାସ ପରେ ଚରଣଙ୍କୁ ମୃତ ଦର୍ଶାଯାଇଥିଲା। ହେଲେ, ତାଙ୍କ ସାଙ୍ଗିଆ 'ମହାକୁଳ' ପରିବର୍ତ୍ତେ 'ମହାକୁଡ଼' ଲେଖାଯାଇଥିଲା। ଠିକଣା ବି ପରିବର୍ତ୍ତନ କରାଯାଇଥିଲା। ପୂର୍ବରୁ ତାଙ୍କ ନିଜ ଗାଁର ଠିକଣା ଦିଆଯାଇଥିବା ବେଳେ ଏଥର ତାଙ୍କର ବର୍ତ୍ତମାନ ବାସସ୍ଥାନର ଠିକଣା ଦେଉଳବେଡ଼ା ଗ୍ରାମ ବାସିନ୍ଦା ବୋଲି ମୃତ୍ୟୁ ପ୍ରମାଣପତ୍ରରେ ଦର୍ଶାଯାଇଥିଲା। ୨୦୧୯ ସେପ୍ଟେମ୍ବର ୧୨ରେ ଦେଉଳବେଡ଼ାସ୍ଥିତ ବାସଭବନରେ ତାଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ଆଉ ଏହା ପରେ ପରିବାରଲୋକେ ପୁଣିଥରେ ମୃତ୍ୟୁ ପ୍ରମାଣପତ୍ର ପାଇଁ ୨୦୧୯ ଡିସେମ୍ବର ୨ରେ ତାଳଚେର ପୌର ପରିଷଦରେ ଆବେଦନ କରିଥିଲେ। ଏ ନେଇ ୨୦୨୦ ଜାନୁଆରୀ ୭ରେ ତାଳଚେର ପୌର ପରିଷଦ ପକ୍ଷରୁ ଚରଣଙ୍କ ନାମରେ ମୃତ୍ୟୁ ପ୍ରମାଣପତ୍ର ଜାରି ହୋଇଥିବା ଜଣାପଡ଼ିଛି। ମୃତ୍ୟୁ ପ୍ରମାଣପତ୍ର ପାଇବା ପରେ ଚରଣ ମହାକୁଡ଼ଙ୍କ ସ୍ତ୍ରୀଙ୍କ ପାଖରୁ ସମସ୍ତ କାଗଜପତ୍ର ଆଣିବା ପାଇଁ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଯାଇଥିଲା। ଶ୍ରମକାର୍ଡ ଦ୍ୱାରା ୧ ଲକ୍ଷ ଟଙ୍କା ମିଳିବା ନେଇ ପ୍ରଲୋଭିତ କରାଯଇଥିଲା। କିନ୍ତୁ ଶ୍ରମ କାର୍ଡ ଦ୍ୱାରା ଦୁଇଟି କିସ୍ତିରେ ୨ ଲକ୍ଷ ୫ ହଜାର ଟଙ୍କା ଝିଲିଙ୍କ ବ୍ୟାଙ୍କ ଖାତାକୁ ଆସିଥିଲା। ବ୍ୟାଙ୍କ ଜମାଖାତାକୁ ଟଙ୍କା ଆସିବା ପରେ ତାଳଚେର ଡିଏଲ୍ଓ କାର୍ଯ୍ୟାଳୟର ଜଣେ କର୍ମଚାରୀ ଝିଲିଙ୍କ ପାଖରୁ ଦସ୍ତଖତ ନେଇ ଷ୍ଟେଟ ବ୍ୟାଙ୍କରୁ ୨ ଲକ୍ଷ ୫ ହଜାର ଟଙ୍କା ଉଠାଇ ନେଇଥିଲେ। ଆଉ ଝିଲିଙ୍କୁ ମାତ୍ର ୫୫ ହଜାର ଟଙ୍କା ଦେଇ ଅବଶିଷ୍ଟ ଟଙ୍କା ଭାଗ ବାଣ୍ଟି ନେଇଥିବା ସୂଚନା ମିଳିଥିଲା।

ଝିଲି କହିଛନ୍ତି, ସେ ୨୦୧୩ରେ ଅନୁଗୋଳ ପୌର ପରିଷଦରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଆଣିଥିଲେ। ୨୦୧୯ରେ ତାଙ୍କ ଶ୍ରମ କାର୍ଡ ପାଇଁ ତାଳଚେର ଶ୍ରମ କାର୍ଯ୍ୟାଳୟ ଯାଇଥିଲେ। ସେଠାରେ ଥିବା ଅଧିକାରୀ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ କଥା ପଚାରି ବୁଝିବା ସହ ଝିଲିଙ୍କୁ ତାଙ୍କ ମୃତ ସ୍ୱାମୀଙ୍କ ନାମରେ ଏକ ଶ୍ରମ କାର୍ଡ ଦେଇଥିଲେ ବୋଲି କହିଛନ୍ତି।

ଏ ନେଇ ତାଳଚେର ଡିଏଲ୍ଓ ପାରମିତା ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ବାଘମରା ଗ୍ରାମର ଭରତ ଦେହୁରୀଙ୍କ ମୃତ୍ୟୁ ପରେ କାର୍ଡ ହୋଇଥିବା ପ୍ରମାଣ ପାଇବାରୁ ତାଙ୍କୁ କୌଣସି ଆର୍ଥିକ ସହାୟତା ପ୍ରଦାନ କରାଯାଇ ନାହିଁ। କିନ୍ତୁ ଚରଣ ମହାକୁଡ଼ଙ୍କ ନାମରେ ହୋଇଥିବା ପଞ୍ଜୀକରଣର ଅନିୟମିତତା ଏବଂ ଟଙ୍କା ଉଠାଣକୁ ନେଇ ତାଳଚେର ଥାନାରେ ଏତଲା ଦିଆଯାଇଛି ବୋଲି କହିଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ନିମନ୍ତେ ତାଳଚେର ବ୍ଲକ୍ ଘଣ୍ଟପଡ଼ା ପଞ୍ଚାୟତ ବାଘମରା ଗ୍ରାମର ମୃତ ଭରତ ଦେହୁରୀଙ୍କ ସ୍ତ୍ରୀ ବୁଧେଇ ଦେହୁରୀଙ୍କ ନାମରେ ଏତଲା ଦେଇଥିବା ଜଣାଯାଇଛି। ଅଭିଯୋଗ ଆଧାରରେ ତାଳଚେର ଥାନା ଅଧିକାରୀ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଅଭିଯୁକ୍ତ ତତ୍କାଳୀନ ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇଙ୍କୁ ରାଜ୍ୟ ସରକାର ଡିଭିଜନ ଲେବର୍ କମିଶନର କରି ଅନୁଗୋଳ ଜିଲ୍ଲା ମୁଖ୍ୟାଳୟରେ ବସାଇଛନ୍ତି। ଡିଏଲସି କାର୍ଯ୍ୟାଳୟ ଅନୁଗୋଳ ଅଧୀନରେ ତାଳଚେର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରହିଥିବାରୁ ଇତିଶ୍ରୀ ଗାଗରାଇ ଭବିଷ୍ୟତରେ ମାମଲା ସହ ସଂଲଗ୍ନ ଦସ୍ତାବିଜ୍‌ଗୁଡ଼ିକର ଅପବ୍ୟବହାର କିମ୍ବା ତଦନ୍ତ ବାଟବଣା କରିବାକୁ ପ୍ରମାଣକୁ ନଷ୍ଟ କରିବାକୁ ଉଦ୍ୟମ କରିପାରନ୍ତି ବୋଲି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ତେଣୁ ତୁରନ୍ତ ଡିଏଲସି ଇତିଶ୍ରୀ ଗାଗରାଇଙ୍କୁ ଅନୁଗୋଳ ଜିଲ୍ଲାରୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି ଜୋର ଧରିଛି।

# ଦୁଇ ଛୁଆଙ୍କ ସାମ୍ନାରେ ମାଆକୁ ଗଳାକାଟି ହତ୍ୟା



■ ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ!
■ ବୈଦେଶ୍ୱରରୁ ଦୁଇ ଅଭିଯୁକ୍ତ ଗିରଫ

ଭାପୁର,୧୧।୮ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ପଞ୍ଚାୟତ ଭାପୁର ମହୋତ୍ସବ ପଡ଼ିଆ ନିକଟରେ ରବିବାର ରାତି ୧୧ଟାରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁଇ ଛୁଆଙ୍କ ଆଖି ସାମ୍ନାରେ ଦୁର୍ବୃତ୍ତମାନେ ତାଙ୍କ ମା'କୁ ଗଳାକାଟି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ, ଭାପୁର ଗ୍ରାମର ସ୍ୱର୍ଗତ ମିଟୁ ବେହେରାଙ୍କ ସ୍ତ୍ରୀ ଜୟନ୍ତୀ ବେହେରା (୩୩)। ସେ ଭାପୁର ଉଚ୍ଚ ବିଦ୍ୟାଳୟରେ ପାଚିକା ଭାବେ ୪ ମାସ ହେଲା କାମ କରୁଥିଲେ। ଜୟନ୍ତୀଙ୍କ ଜଣେ ଦୂର ସଂପର୍କୀୟ ଦିଅର ଓ ତା'ର ଜଣେ ସହଯୋଗୀ ଏହି କାଣ୍ଡ ଭିଆଇଥିବା କୁହାଯାଉଛି। ଏହି ଘଟଣାରେ ଫତେଗଡ଼ ପୁଲିସ ତ୍ୱରିତ ପଦକ୍ଷେପ ନେଇ ମାତ୍ର ୩ ଘଣ୍ଟା ଭିତରେ ଦୁଇ ଅଭିଯୁକ୍ତଙ୍କୁ କଟକ ବୈଦେଶ୍ୱର ଅଞ୍ଚଳରୁ ଗିରଫ କରିଛି। ସେମାନେ ହେଲେ, ମନୋଜ ବେହେରା ଓ ରାଜା।

ମିଟୁ ପାଣି ପାଇପ୍ ମିସ୍ତ୍ରି ଭାବେ ଭାପୁର ଗ୍ରାମ୍ୟ ଜଳଯୋଗାଣ ବିଭାଗରେ କାର୍ଯ୍ୟ କରୁଥିଲେ। ବିଦ୍ୟୁତ୍ ଆଘାତରେ ୨ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପାଖରେ ରହି କଟକ ଜିଲ୍ଲା ବୈଦେଶ୍ୱର ଥାନା ବୈଦେଶ୍ୱର ଗ୍ରାମର ତାଙ୍କର ମାଉସୀ ପୁଅ ମନୋଜ ପାଇପ୍ କାମ ଶିଖୁଥିଲେ। ମିଟୁଙ୍କ ମୃତ୍ୟୁ ପରେ ମନୋଜ ଓ ଜୟନ୍ତୀଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା। ଜୟନ୍ତୀ ଶାଶୂ-ଶଶୁର ଓ ଦିଅର-ଦେଢ଼ଶୁରଙ୍କଠାରୁ ଅଲଗା ହୋଇ ନିଜର ଭାପୁର ମହୋତ୍ସବ ପଡ଼ିଆ ନିକଟ ଏକ ଦୁଇ ମହଲା କୋଠାଘରେ ରହୁଥିଲେ। ପାଖରେ ତାଙ୍କର ୧୧ବର୍ଷର ଝିଅ ଓ ୫ ବର୍ଷର ପୁଅ ରହୁଥିଲେ। ରବିବାର ମିଟୁଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଥିଲା। ରାତି ୧୦ଟା ସମୟରେ ମନୋଜ ଓ ତା'ର ସହଯୋଗୀ ରାଜା ଜୟନ୍ତୀଙ୍କ ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ରାତି ୧୧ଟାରେ ଜୟନ୍ତୀଙ୍କ ଗଳାକାଟି ଦୁଇଜଣଯାକ ପଳାଇଥିଲେ। ମାଆଙ୍କ ଏପରି ଅବସ୍ଥା ଦେଖି ଦୁଇ କୁନି ପୁଅ-ଝିଅ ପଡ଼ୋଶୀଙ୍କୁ ଡାକି ସମସ୍ତ ଘଟଣା କହିଥିଲେ। ପଡ଼ୋଶୀମାନେ ଘରକୁ ଯାଇ ଜୟନ୍ତୀଙ୍କ ମୃତ୍ୟୁ ହୋଇଥିବା ଦେଖି ତାଙ୍କ ଶଶୁର ଓ ଦିଅରଙ୍କୁ ଫୋନ୍ କରି ଜଣାଇଥିଲେ। ଖବର ପାଇ ସଙ୍ଗେସଙ୍ଗେ ଶିକ୍ଷକ ଥିବା ଦିଅର ଆସି ଭାଉଜଙ୍କ ମୃତ୍ୟୁ ଖବର ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୁଅ-ଝିଅଙ୍କଠାରୁ ସମସ୍ତ କଥା ବୁଝି ସଙ୍ଗେସଙ୍ଗେ ବୈଦେଶ୍ୱର ଥାନା ସହାୟତାରେ ଏକ କୋଠଘରେ ଶୋଇଥିବା ଦୁଇ ଅଭିଯୁକ୍ତ ମନୋଜ ଓ ରାଜାଙ୍କୁ କାବୁ କରି ଫତେଗଡ଼ ଥାନାରେ ଅଟକ ରଖିଛି। ସୋମବାର ସକାଳେ ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ତଦନ୍ତ କରିବା ସହ ନୟାଗଡ଼ରୁ ସାଇଣ୍ଟିଫିକ୍ ଟିମ୍ ଡକାଇଥିଲେ। ୩ ଜଣିଆ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ପଠାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

■ ୨୭ ବର୍ଷ ପରେ କେନ୍ଦ୍ରାପଡା ଡବଲ ମର୍ଡର ମାମଲାର ରାୟ ପ୍ରକାଶ

# ୬ ଅଭିଯୁକ୍ତଙ୍କ ଆଜୀବନ ଜେଲ୍ ଦଣ୍ଡ ହାଇକୋର୍ଟରେ କାଏମ୍

କଟକ,୧୧।୮ (ସମିସ): କେନ୍ଦ୍ରାପଡା ଥାନା ଇନ୍ଦୁପୁର ଅଞ୍ଚଳରେ ଗତ ୨୯ବର୍ଷ ପୂର୍ବରୁ ହୋଇଥିବା ଏକ ଡବଲ ମର୍ଡର ଘଟଣାରେ ୬ଜଣ ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ଅଭିଯୁକ୍ତମାନଙ୍କ ତରଫରୁ ଦାୟର ଆବେଦନକୁ ଖାରଜ କରି ଦୀର୍ଘ ୨୭ବର୍ଷ ପରେ ମାମଲାର ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତ ରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଘଟଣାରେ ୨୦୧୦ମସିହାରୁ ଜାମିନରେ ଥିବା ଅଭିଯୁକ୍ତ ଚଣ୍ଡିଆ ସେଠୀ, କରୁଣାକର ସେଠୀ,ବୁଲୁ ସେଠୀ,ପ୍ରେମାନନ୍ଦ ସେଠୀ, ସୁରଥ ସେଠୀ ଓ ବସନ୍ତ ସେଠୀଙ୍କୁ ବାକି ଜେଲ ଦଣ୍ଡ ଭୋଗ କରିବା ପାଇଁ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

୧୯୯୬ ଜୁନ ୧୯ ରାତିରେ ଉଧାର ଟଙ୍କା ପରିଶୋଧ ନ ହେବାକୁ କେନ୍ଦ୍ର କରି ଶଙ୍କର୍ଷଣ ସେଠୀ ଓ ତାଙ୍କ ଭିଣୋଇ ବାବୁଲି ସେଠୀଙ୍କୁ ଉପରୋକ୍ତ ଅଭିଯୁକ୍ତମାନେ ଠେଙ୍ଗା ଓ ଭୁଜାଲିରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତ ଶଙ୍କର୍ଷଣଙ୍କଠାରୁ ଅଭିଯୁକ୍ତ କରୁଣାକର ଏକ ହଜାର ଟଙ୍କା ଉଧାର ନେଇ ଫେରସ୍ତ ଦେଉନଥିଲେ। ଏହାକୁ କେନ୍ଦ୍ର କରି ଉଭୟ ଶଙ୍କର୍ଷଣ ଓ ବାବୁଲିଙ୍କୁ ଡାକି ନେଇ ଅଭିଯୁକ୍ତମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ଥିତି ସାଂଘାତିକ...

ଏହାକୁ ରୋକିବାକୁ ଯେପରି ସରକାର ସମ୍ପୂର୍ଣ୍ଣ ଅସମର୍ଥ ଏବଂ ଉପାୟଶୂନ୍ୟ ହୋଇ ପଡ଼ିଥିବା ପରି ମନେ ହେଉଛି। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପଛରେ ବୁଦ୍ଧିଜୀବି ମହଲ ସରକାରଙ୍କୁ ଦାୟୀ କରୁଛନ୍ତି। ଗତ ୩ଟି ସ୍ପର୍ଶକାତର ଘଟଣାରେ ସରକାର ପ୍ରକୃତ ଦୋଷୀଙ୍କୁ ସାମ୍ନାକୁ ଆଣୁନାହାନ୍ତି। ରାଜନୈତିକ ବାଧ୍ୟବାଧକତା ହେଉ ବା କୌଣସି ଅଦୃଶ୍ୟ ଚାପ ପୁଲିସ ତଥା କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟାକୁ ବାଟବଣା କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ପ୍ରଶାସନର ତଳସ୍ତରରୁ କେନ୍ଦ୍ରମନ୍ତ୍ରୀଙ୍କ ଯାଏଁ ନିଜ ଗୁହାରି ଜଣାଇ ନିରାଶ ହେବା ପରେ ନିଜ ଦେହରେ ପେଟ୍ରୋଲ ଢାଳି ଜୀବନ ହାରିଥିଲେ ବାଲେଶ୍ୱରର ସୌମ୍ୟାଶ୍ରୀ। ଘଟଣାକୁ ନେଇ ବିରୋଧୀ ଦଳ ଆନ୍ଦୋଳଠାରୁ ଓଡ଼ିଶା ବନ୍ଦ କରିଥିଲେ। ବିରୋଧୀ ଦଳଙ୍କ ପ୍ରବଳ ହଲ୍ଲାବୋଲ ପରେ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପଛରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ର ନେତାଙ୍କ ସଂପୃକ୍ତି ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଏହାପରେ ଆଶ୍ଚର୍ଯ୍ୟଜନକ ଭାବେ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଆଇଜି ସାଇନ. ଏସ୍ ରାତିଅଧିଆ ଛୁଟିରେ ଚାଲିଗଲେ। ତଦନ୍ତ ପ୍ରକ୍ରିୟାକୁ ବାଟବଣା କରିବା ପାଇଁ ଏବଂ ନିଜ ଛାତ୍ର ସଂଗଠନର କର୍ମକର୍ତ୍ତାଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଏପରି ପଦକ୍ଷେପ ନେଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି।

ସେହିପରି ବଲଙ୍ଗା ଘଟଣାରେ ମଧ ପୁଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ଏବଂ ସାଧାରଣ ଲୋକେ। ଅଭିଯୁକ୍ତଙ୍କୁ ଖସାଇ ଦେବା ପାଇଁ ପୁଲିସ ସୁଇସାଇଡ ଥିଓରୀ ରଚିଥିବା ନେଇ ବିଜେଡି ସାଂଘାତିକ ଅଭିଯୋଗ ଆଣିଥିଲା। କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇରେ ମଧ ଜଣେ ଛାତ୍ରୀ ଆତ୍ମଦାହ କରିଥିବା ବେଳେ ପୁଲିସ ଏହାର କାରଣ ଖୋଜି ବାହାର କରିପାରି ନାହିଁ। ପୁଲିସ ସତରେ କୌଣସି କାରଣ ପାଉନାହିଁ, ନାଁ ଏହା ପଛରେ ଅନ୍ୟ କୌଣସି ଭିତିରି ମନ୍ଦ ଉଦ୍ଦେଶ୍ୟ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଯଦି ପ୍ରଥମ ଘଟଣାରୁ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତେ, ତାହେଲେ ଏପରି ଘଟଣା ବାରମ୍ବାର ଘଟନ୍ତା ନାହିଁ। ସରକାର ଏବଂ ପୁଲିସର ନିଷ୍କ୍ରିୟତା ହିଁ ରାଜ୍ୟରେ ନାବାଳିକାଙ୍କ ସୁରକ୍ଷାକୁ ବିପନ୍ନ କରୁଛି ବୋଲି ବିରୋଧୀ ତଥା ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।

### ରାସ୍ତାରେ ବିରୋଧୀ...

ମଧ୍ୟରେ ଥିଲେ ସମାଜବାଦୀ ପାର୍ଟି ମୁଖ୍ୟ ଅଖୀଳେଶ ଯାଦବ, ମହୁଆ ମୈତ୍ର, ମିତାଲି ବାଗ, ସୁସ୍ମିତା ଦେବ, ସଂଜନା ଏବଂ ଜ୍ୟୋତିମଣି। ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ ମହୁଆ ଓ ମିତାଲି ଅଚେତ ହୋଇପଡ଼ିଥିଲେ। ତେବେ ପୁଲିସ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ମଲିକାର୍ଜୁନ ଖଡ଼ଗେ, ଜୟରାମ ରମେଶଙ୍କ ସମେତ ଅନେକ ସାଂସଦଙ୍କୁ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାକୁ ନେଇ ଅଟକ ରଖିଥିଲା। କିଛି ସମୟ ପରେ ପୁଲିସ ସମସ୍ତଙ୍କୁ ଛାଡ଼ିଦେଇଥିଲା। ଡିଏମ୍‌କେର ଟିଆର ବାଲୁ, ଶିବ ସେନାର ସଂଜୟ ରାଉତଙ୍କ ସମେତ ବାମପନ୍ଥୀ ଦଳର ନେତାମାନେ ମଧ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

ସେମାନେ ଅଭିଯୋଗ କରିଥିଲେ ଯେ ନିର୍ବାଚନ କମିସନ ଏବଂ ଶାସକ ଦଳ ହାତ ମିଳାଇ ଲୋକମାନଙ୍କୁ ସେମାନଙ୍କ ଭୋଟ୍ ଦେବାର ଅଧିକାରରୁ ବଞ୍ଚିତ କରୁଛନ୍ତି। ନିର୍ବାଚନ ଜିତିବା ଲାଗି କମିସନ ଓ ବିଜେପି ମିଳିମିଶି ଜାଲିଆତି କରୁଛନ୍ତି। ରାହୁଲ ଗାନ୍ଧୀ କହିଥିଲେ ଯେ ଏହା ରାଜନୈତିକ ଲଢ଼େଇ ନୁହେଁ। ଏହା ହେଉଛି ସମ୍ବିଧାନର ସୁରକ୍ଷା ପାଇଁ ସଂଘର୍ଷ।

ଇତିମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଏମ୍‌କେ ଷ୍ଟାଲିନ 'ଭୋଟ ଚୋରି' ବିରୋଧରେ ରାହୁଲ ଗାନ୍ଧୀ ଚଳାଇଥିବା ଅଭିଯାନକୁ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ କମିସନ ହେଉଛି ଏକ ସ୍ୱୟଂଶାସିତ ସଂସ୍ଥା। କିନ୍ତୁ ବିଜେପି ଏହାକୁ ଭୋଟ ଜାଲିଆତି ମେସିନରେ ପରିଣତ କରିଦେଇଛି। ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏହା ବିରୋଧରେ ସଂଘର୍ଷ ଜାରି ରହିବ। ସେ କହିଲେ ଯେ କର୍ଣ୍ଣାଟକର ମହାଦେବପୁରାରେ ଯାହା ହୋଇଛି, ତାହା ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଲୋକମତ ଚୋରି କରିବାକୁ ଏକ ବିରାଟ ଷଡ଼ଯନ୍ତ୍ର।

### ଝିଅ ଆଖି ଆଗରେ...

ଅପରପକ୍ଷେ, ଗୁରୁତର ନାବାଳିକାକୁ ପ୍ରଥମେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏହି ହତ୍ୟାକାଣ୍ଡ ପଛରେ ଗାୟତ୍ରୀଙ୍କ ପୁରୁଷବନ୍ଧୁ ସୁନୀଲର ହାତ ଥିବା ପୁଲିସ୍ ସନ୍ଦେହ କରୁଛି। ସୁନୀଲ ସହ ଯୋଗାଯୋଗ କରିବାକୁ ପୁଲିସ୍ ଚେଷ୍ଟା କରି ବିଫଳ ହୋଇଛି। ଘଟଣା ପରଠାରୁ ସୁନୀଲ ଏବଂ ଗାୟତ୍ରୀଙ୍କ ମୋବାଇଲ ଏକାସଙ୍ଗେ ବନ୍ଦ ରହିବା ପୁଲିସ୍‌ର ସନ୍ଦେହକୁ ଅଧିକ ଘନୀଭୂତ କରିଛି। ପୁଲିସ ହାତରେ ସୁନୀଲର ଫଟୋ ଲାଗିଛି। ତାକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଚଳାଇଛି। ଏହାସହ ଘର ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ଯାଞ୍ଚ କରୁଥିବା ଜଣାପଡ଼ିଛି। ଗାୟତ୍ରୀଙ୍କ ହତ୍ୟାକାଣ୍ଡର ଏକମାତ୍ର ସାକ୍ଷୀ ତାଙ୍କ ନାବାଳିକା ଝିଅ। ତେଣୁ ତା' ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାକୁ ପଚରାଉଚରା କରି ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ କହିଛନ୍ତି।

ସୂଚନାଯୋଗ୍ୟ, ଶ୍ରୀମାନଗର ଦ୍ୱିତୀୟ ଲାଇନରେ ରମେଶ ପାତ୍ରଙ୍କ ଘରେ ଗତ ୩ ତାରିଖରୁ ଗାୟତ୍ରୀ ଓ ତାଙ୍କ ଝିଅ ଭଡ଼ାରେ ରହିଥିଲେ। ତାଙ୍କ ସ୍ୱାମୀ ସାଧୁଚରଣ ସ୍ୱାଇଁ ଭୁବନେଶ୍ୱରରେ ରହନ୍ତି। ଶନିବାର ରକ୍ଷାବନ୍ଧନ ଅବସରରେ ଗାୟତ୍ରୀ ହିଞ୍ଜିଳିରେ ରହୁଥିବା ତାଙ୍କ ଭାଇ ଚିତ୍ରସେନ ସ୍ୱାଇଁଙ୍କ ଘରକୁ ଯାଇଥିଲେ ଏବଂ ରବିବାର ସନ୍ଧ୍ୟାରେ ଫେରି ଆସିଥିଲେ। ସେଦିନ ରାତି ପ୍ରାୟ ୧୦ଟାରେ ସେ ସାଧୁଙ୍କ ସହ ଫୋନ୍‌ରେ ମଧ କଥା ହୋଇଥିଲେ। ତେବେ ଆଜି ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ଗାୟତ୍ରୀ କିମ୍ବା ତାଙ୍କ ଝିଅ ଘରୁ ନବାହାରିବାରୁ ଘର ମାଲିକ ରମେଶଙ୍କ ସନ୍ଦେହ ହୋଇଥିଲା। ଘର ଭିତରେ ଫ୍ୟାନ୍ ଓ ଲାଇଟ୍ ଲାଗିଥିବା ବେଳେ ବାହାରପଟୁ ତାଲା ପଡ଼ିଥିବା ଦେଖି ରମେଶଙ୍କ ସନ୍ଦେହ ବଢ଼ିଥିଲା। ଏ ସଂପର୍କରେ ସେ ଗାୟତ୍ରୀଙ୍କ ସ୍ୱାମୀ ସାଧୁଙ୍କୁ ଫୋନ ଯୋଗେ ଜଣାଇଥିଲେ। ପରେ ସାଧୁ ତାଙ୍କ ଶଳା ଚିତ୍ରସେନଙ୍କୁ ଜଣାଇଥିଲେ। ଚିତ୍ରସେନ ସେଠାରେ ପହଞ୍ଚି ତାଲା ଭାଙ୍ଗି ଘର ଭିତରକୁ ଯିବା ବେଳକୁ ରକ୍ତ ଜୁଡୁବୁଡୁ ଗାୟତ୍ରୀ ଓ ଭାଣିଜୀ ତଳେ ନିଶ୍ଚଳ ଅବସ୍ଥାରେ ପଡ଼ି ରହିଥିଲେ। ସେତେବେଳକୁ ଗାୟତ୍ରୀଙ୍କ ମୃତ୍ୟୁ ହୋଇସାରିଥିଲା।

ଖବର ପାଇ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ନିମଖଣ୍ଡି ଥାନା ଆଇଆଇସି କୃଷ୍ଣ ଶାହା ଏବଂ ପରେ ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହତ୍ୟାକାରୀକୁ ଗାୟତ୍ରୀଙ୍କ ଝିଅ ଚିହ୍ନିଥିବା ମାମୁ ଚିତ୍ରସେନ ପୁଲିସ୍‌କୁ କହିଛନ୍ତି।

### ବିଭ୍ରାନ୍ତ କରୁଛନ୍ତି...

ନିର୍ବାଚନ କମିସନ ସେସଂପର୍କରେ ସମସ୍ତ ଉତ୍ତର ଦେଇ ସାରିଛନ୍ତି। ଏହାସତ୍ତ୍ୱେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ସପକ୍ଷରେ ଯୁକ୍ତି କରିବାକୁ ଯାଇ ସେ କହିଛନ୍ତି ଯେ ଏଭଳି ପ୍ରକ୍ରିୟା ନୂଆ ନୁହେଁ। ଆଗରୁ ମଧ ହୋଇଛି। ଏହା ଏକ ନିୟମିତ ପ୍ରକ୍ରିୟା। ବିରୋଧୀ ଦଳମାନେ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲାଗି ଷଡ଼ଯନ୍ତ୍ର ଚଳାଇଛନ୍ତି। ଇଭିଏମ୍, ରାଫେଲ୍, ଭାରତୀୟ ସେନା ସମେତ ବିଭିନ୍ନ ପ୍ରସଙ୍ଗରେ ସେମାନେ ମିଥ୍ୟା ପ୍ରଚାର କରୁଛନ୍ତି। ନିର୍ବାଚନ ଜିତିଲେ ସବୁ ଠିକ୍, ହାରିଲା ପରେ ନିର୍ବାଚନ କମିସନଙ୍କୁ ସେମାନେ ଦୋଷ ଦେଉଛନ୍ତି। ଏଭଳି ଅରାଜକତା ସୃଷ୍ଟି କରିବା ବଦଳରେ ବିରୋଧୀ ଦଳମାନେ ସତ୍ୟପାଠ ମାଧ୍ୟମରେ ଅଭିଯୋଗ ଓ ଏହାର ପ୍ରମାଣ ଉପସ୍ଥାପନ କରନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ନୂଆ ଆୟକର ବିଲ୍...

ନୂତନ ସଂସ୍କରଣ ଉପସ୍ଥାପନ କରିଛନ୍ତି। ଏଥିରେ ସିଲେକ୍ଟ କମିଟିର ଅଧିକାଂଶ ସୁପାରିସ ସାମିଲ କରାଯାଇଛି। ସରକାର ଗତ ସପ୍ତାହରେ ଆୟକର ବିଲ୍- ୨୦୨୫କୁ ପ୍ରତ୍ୟାହାର କରିନେଇଥିଲେ। ଏହି ବିଲ୍ ଚଳିତବର୍ଷ ଫେବୃଆରୀ ୧୩ ରେ ଆଗତ କରାଯାଇଥିଲା। ଏହି ନୂଆ ବିଲ୍ ୬୦ ବର୍ଷ ପୁରୁଣା ଆୟକର ଆଇନ ୧୯୬୧ରେ ପରିବର୍ତ୍ତନ ଆଣିଛି। ବିଲ୍ ପ୍ରତ୍ୟାହାର କରିବାର କାରଣ ଦର୍ଶାଇ ସୀତାରମଣ କହିଥିଲେ ଯେ କିଛି ପରାମର୍ଶ ମିଳିଛି ଯାହାକୁ ସାମିଲ କରାଯିବା ଆବଶ୍ୟକ, ଯାହା ଦ୍ୱାରା ଆଇନର ପ୍ରକୃତ ଅର୍ଥ ବୁଝି ହେବ। ବିଲ୍‌ର ଚିଠାରେ କିଛି ତ୍ରୁଟି ଅଛି, ବାକ୍ୟ ସଂଶୋଧନ କରିବାକୁ ପଡିବ ଏବଂ କିଛି ପରିବର୍ତ୍ତନ କରିବାକୁ ପଡିବ। ସେ ଏହା ମଧ କହିଛନ୍ତି ଯେ ପୂର୍ବ ବିଲ୍‌କୁ ପ୍ରତ୍ୟାହାର କରାଯାଇଥିଲା ଯାହା ଦ୍ୱାରା କୌଣସି ଦ୍ୱନ୍ଦ୍ୱ ନ ଉପଜୁଜେ। ଅପଡେଟ୍ ହୋଇଥିବା ଆୟକର ବିଲ୍ ୨୦୨୫ରେ ସିଲେକ୍ଟ କମିଟିର ୨୮୫ଟି ସୁପାରିସକୁ ସାମିଲ କରାଯାଇଛି।

### ୪୮ ଘଣ୍ଟାରେ ଲଘୁଚାପ...

ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା ଏବଂ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ନେଇ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଲଘୁଚାପ ଯୋଗୁଁ ୧୩ ତାରିଖ ବେଳକୁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିବା ସହ ସମୁଦ୍ର ଅଶାନ୍ତ ରହିବ। ତେଣୁ ଏହି ସମୟରେ ସମୁଦ୍ର ମଧକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

### ସାରା ରାଜ୍ୟରେ...

ସେହି ଶିକ୍ଷାଗତ ଯୋଗ୍ୟତା ଥାଇ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅନ୍ୟାନ୍ୟ କ୍ୟାଡରଭୁକ୍ତ କର୍ମଚାରୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତାକୁ ନେଇ ବେତନରେ ଅଭିବୃଦ୍ଧି କରାଯାଇଛି। ଏହି ମର୍ମରେ ବିଗତ ଦିନରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କ ପ୍ରବେଶ କାଳୀନ ବେତନ ୨୦୧୭ ମସିହା ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ଲେଭଲ-୯ କରାଯିବାକୁ ଦାବି ହୋଇ ଆସୁଛି; କିନ୍ତୁ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ସେହିଭଳି ୨୦୨୪ ମସିହା ଜାନୁଆରୀ ମାସଠାରୁ ରାଜ୍ୟ ସରକାର ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କୁ କ୍ୟାଡରଭୁକ୍ତ କରିଥିଲେ ମଧ ଆଜି ଯାଏଁ ସେମାନଙ୍କର ପଦବୀ ପୁନର୍ଗଠନ, ନୂତନ ପଦବୀ ସୃଷ୍ଟି ଉପରେ କୌଣସି ପ୍ରକାରର ପଦକ୍ଷେପ ନେଇ ନାହାନ୍ତି। ଓଲଟି ପଦବୀ ପୁନର୍ଗଠନ ଆଳରେ ସମସ୍ତ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କର ପଦୋନ୍ନତି ବନ୍ଦ ରହିଛି। ଏଥିସହିତ ରାଜ୍ୟ ସରକାର ବିଗତ କିଛି ଦିନ ତଳେ ଓଡିଶା ରାଜସ୍ୱ ସେବା - ୨୦୧୧ ନିୟମାବଳୀର ସଂଶୋଧନ କରିବାକୁ ଯାଇ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ମାନଙ୍କର ଓଡ଼ିଶା ରାଜସ୍ୱ ସେବା ପଦବୀକୁ ପଦୋନ୍ନତି ହେବାର ସ୍ୱପ୍ନକୁ ଭାଙ୍ଗି ଦେଇଛନ୍ତି। ଏହିଭଳି ବୈମାତୃକ ମନୋଭାବ ଯୋଗୁଁ ଏହି ଆନ୍ଦୋଳ ଡାକରା ଦିଆଯାଇଛି ବୋଲି ସଂଘ କହିଛି।

ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଗତ ଜୁନ ୨୨ ତାରିଖରେ ରାଜ୍ୟ କାର୍ଯ୍ୟକାରୀ ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଜୁଲାଇ ୭ ତାରିଖରୁ କଳାବ୍ୟାଚ ପରିଧାନ କରାଯାଇଥିଲା। ଜୁଲାଇ ୯ ତାରିଖ ଦିନ ରାଜ୍ୟ ସରକାରଙ୍କଠାରୁ ଡାକରା ଆସିବା ସହ ରାଜସ୍ୱ ମନ୍ତ୍ରୀ ରାଜ୍ୟ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଏକ ମାସ ବିତିବାକୁ ବସିଥିଲେ ମଧ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଓଡ଼ିଶାର ୩୦ ଟି ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଉର୍ଦ୍ଧ୍ୱ ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲା ସମୂହ ଛୁଟିରେ ଯାଇଛନ୍ତି।


**AFFIDAVIT**

I am **Kajipopy Khatun**, daughter of Kazi Serabuddin, residence of Vill Barbil, PO/PS: Barbil, Dist: Keonjhar, Odisha, Pin-758035, has declared before the Executive Magistrate of Keonjhar, Odisha vide affidavit no-2 dated 07.08.2025 that after my marriage with Sahadat Mandal, my name has changed to Popy Mondal daughter of Kazi Sorabuddin. So, Popy Mondal and Kajipopy Khatun is one and same person and my father Serabuddin and Sorabuddin is one and same person in all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 11.08.2025, I Gitanjali Bishoi resident At/Po- Sandhikendu, Ps-Badagada, Dist-Ganjam, Odisha, PIN-761109 declare that I have changed my name from Gita Bisoyi to Gitanjali Bishoi . Henceforth, He shall be known as **GITANJALI BISHOI** for all purposes.

GITANJALI BISHOI

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Suru Bhuyan, S/o- Dinabandhu Bhuyan resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha dated 06/08/2025, state that my actual and correct name as per Voter Id is **Suru Bhuyan** but in Aadhar Card my name has been wrongly mentioned as Musa Khatei. My name should be corrected as **Suru Bhuyan**, S/o- **Dinabandhu Bhuyan**.

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Tukuna Behera, S/o- Duruj Behera resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha dated 06/08/2025, state that my actual and correct name as per Voter Id is **Tukuna Behera** but in Aadhar Card my name has been wrongly mentioned as Ramesh Pattanaik. My name should be corrected as **Tukuna Behera**, S/o- **Duruj Behera**.

**LOST**

ମୁଁ ମଙ୍ଗୁଳି ବାରିକ, ଠିକଣା- ସା/ପୋ- ଗତାପଟା, ଥାନା- ବଡମ୍ବା, ଜିଲ୍ଲା- କଟକ, ଓଡ଼ିଶା ଜଣାଉଛି କି ମୁଁ ଆମ ଗ୍ରାମ ଗତାପାଟରୁ ବଡମ୍ବା ତହସିଲ ଅଫିସକୁ ଆସୁଥିବା ସମୟରେ ମୁଁ ଧରିଥିବା ବ୍ୟାଗରେ ମୋର ଏକ କବଲା (ଯାହାର ନଂ- ୧୨୯୫, ତା- ୦୩.୦୫.୧୯୯୩) ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଇଥାନ୍ତି ତେବେ ମୋବାଇଲ ନମ୍ବର ରେ- ୯୬୬୨୯୮୨୭୦୩ ଜଣାଇବାକୁ ଅନୁରୋଧ।

ମଙ୍ଗୁଳି ବାରିକ

**AFFIDAVIT**

By virtue of an affidavit No.1518, before The Executive Magistrate, Rasulpur on dated- 02/08/2025, I **Surendra Das**, S/o- Lachaman Das, resident of At- Kolathala, Po-Sadanandapur, Ps- Kuakhia, Dist-Jajpur, Pin- 755009, Odisha I have changed my minor son's name from **Puspalata Sahani** (old name) to **Anshuman Das** (new name). Henceforth, he shall be known as **Anshuman Das** (new name) for all future purposes

**Sd/- Surendra Das**

**AFFIDAVIT**

By virtue of an affidavit No.2730 before The Executive Magistrate Dasarathapur, Jajpur on dated- 08/08/2025, I **Biswajit Mohanty**, S/o Bipin Bihari Mohanty, resident of At- Charbatia, Po-Badakuanl, Ps- Mangalpur, Dist- Jajpur, Pin- 755013, Odisha I have changed my minor daughter's name from **Barsa Priyadarsani Mohanty** (old name) to **Rajnandini Mohanty** (new name). Henceforth, she shall be known as **RAJNANDINI MOHANTY** (new name) for all future purposes.

**Sd/- Biswajit Mohanty**

**AFFIDAVIT**

By virtue of an affidavit no.1438 sworn before the Executive Magistrate , Cuttack on dt- 20/02/2025, I **Hemant Kumar Rana**, S/o- Gopinath Rana, resident of At/Po/Ps- Kanpur, Dist- Cuttack, Odisha. I am the deponent. My son's name has changed from **Aryan Mahapatra** (old name) to **Aryan Rana** (New name) which is mentioned date of birth is 24/10/2012. Henceforth, both the names **Aryan Mahapatra** and **Aryan Rana** is one & same person he will be known as **Aryan Rana** for all future purposes.

**Sd/- Hemant Kumar Rana**

**AFFIDAVIT**

I, Kailash Agarwal, aged about 58 years, S/o- Late Shivaji Lal Agarwal, resident of At: C4-13,1A, 1st Floor, Civil Township, Ps- Raghunathapalli, Dist- Sundargarh, Odisha, Pin- 769004 declare by this affidavit No. 1587, dtd. 11/08/2025, that now onwards I shall be known as **KAILASH KUMAR AGARWAL** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 10/08/2025. I, **Kishor Kumar Behera** (Applicant name), S/O- Ghasiram Behera, Permanent resident of At- Digsira, P.O. Kushkela, P.S. Sindhekela, Dist- Balangir, (Odisha), PIN- 767066, now residing at the same place affirm that I have changed my minor son's name from **Chandan Kumar Behera** (old name) to **Chandan Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Chandan Behera** (new name).

**Kishor Kumar Behera**

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Gopal Behera, S/o- Trinath Behera resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha No. A-6 dated 06/08/2025, state that my actual and correct name as per Voter Id is **Gopal Behera** but in Aadhar Card my name has been wrongly mentioned as Subas Pattanaik. My name should be corrected as **Gopal Behera**, S/o- **Trinath Behera**.

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Prasanta Kumar Bhuyan, S/o- Suru Bhuyan resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha No. A-5 dated 06/08/2025, state that my actual and correct name as per Voter Id is **Prasanta Kumar Bhuyan** but in Aadhar Card my name has been wrongly mentioned as Narayan Pattanaik. My name should be corrected as **Prasanta Kumar Bhuyan**, S/o- **Suru Bhuyan.**

**AFFIDAVIT**

By virtue of an affidavit sworn before the Notary Public, Bargarh, vide no.415 dtd.11.8.2025 I, Sunil Kumar Addapali, S/o- Late Raghunath Addapali resident of Vill.- Bandutikira, Ward No.9, Bargarh, Po./Ps./Tah./Dist.- Bargarh, Odisha state that, my actual name is **Sunil Kumar Addapali**. But in my daughter Sefali Patro's Board Certificate my name has been wrongly mentioned as Sunil Kumar Patro. That, **Sunil Kumar Addapali** and **Sunil Kumar Patro** both the names are of same and one person.

**AFFIDAVIT**

I, Rukuni Pangi, D/o- Damu Muduli, W/o- Satrughana Pangi, resident of Vill.- Muduliput, Po.-Hikimput, Ps.- Nandapur, Dist.- Koraput, Odisha, Pin-764037 declare by this affidavit dtd.- 07/08/2025 that, I have changed my name from **Rukuni Muduli** to **Rukuni Pangi**. Now onwards I shall be known as **Rukuni Pangi** for all future purposes.

**LOST**

ଆମେ ପ୍ରଦୀପ କୁମାର ବେହେରା, ବୟସ ୪୫, ପିତା ବାସୁଦେବ ବେହେରା, ସାକିନ - ଗୋବିନ୍ଦ, ପୋଷ୍ଟ- ଦେଲାଙ୍ଗ, ଥାନା- ପିପିଲି, ଜିଲ୍ଲା- ପୁରୀ, ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁ କି ଯେ ଆମ ପିତା ବାସୁଦେବ ବେହେରାଙ୍କ ନାମରେ ଥିବା ରେଜିଷ୍ଟ୍ରି ଦଲିଲ ନମ୍ବର- ୧୧୧୧, ତା ୩୦.୦୪.୧୯୮୩ରିଖରେ ହୋଇଥିଲା। ଗତ ତା ୦୧.୦୮.୨୦୨୫ରିଖରେ ନେବାକୁ କରିବା ପାଇଁ ଯାଉଥିବା ସମୟରେ ବାଟରେ ହଜିଯାଇ ଅଛି। ଯଦି କେହି ବ୍ୟକ୍ତି ପାଇଛନ୍ତି ଆମକୁ ଫେରାଇବାକୁ ଅନୁରୋଧ। ନାମ- ପ୍ରଦୀପ କୁମାର ବେହେରା, ଯୋଗାଯୋଗ ନମ୍ବର - ୯୪୩୮୮୪୪୨୨୨

### ନିମ୍ନମାନର ମଧ୍ୟାହ୍ନଭୋଜନ ଅଭିଯୋଗ

# ଖାଉନାହାନ୍ତି ଛାତ୍ରଛାତ୍ରୀ; ଘରୁ ଆଣୁଛନ୍ତି ଟିଫିନ୍

ଆଳି, ୧୧।୮ (ସମିସ): ମଧ୍ୟାହ୍ନଭୋଜନରେ ଛାତ୍ରଛାତ୍ରୀଙ୍କୁ ଡାଲମା ବଦଳରେ ପାଣିଆ ଡାଲି, ପୋକରା ଚାଉଳରେ ପ୍ରସ୍ତୁତ ଭାତ ଦିଆଯାଉଛି। ଏହାକୁ ଖାଉନାହାନ୍ତି ଛାତ୍ରଛାତ୍ରୀ। ଘରୁ ଟିଫିନ୍ ଆଣୁଥିବା ଅଭିଯୋଗ ହେଉଛି। ଏହା ଗୋଦାବରୀଶ ସରକାରୀ ବିଦ୍ୟାଭବନ କ୍ଷେତ୍ରରେ ଦେଖିବାକୁ ମିଳିଛି।

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗୋଦାବରୀଶ ସରକାରୀ ବିଦ୍ୟାଭବନ ମଧ୍ୟାହ୍ନଭୋଜନ ମେନୁ ଚାର୍ଟରେ ଡାଲମା ଥିବାବେଳେ ଛାତ୍ରଛାତ୍ରୀଙ୍କୁ ପୋକରା ଚାଉଳର ଭାତ ସଙ୍ଗକୁ ପାଣିଆ ଡାଲି ପରସା ଯାଉଥିବା ନେଇ ଅଭିଭାବକ ଅଭିଯୋଗ କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ସହ ମଧ୍ୟାହ୍ନଭୋଜନରେ ଉନ୍ନତମାନର ଖାଦ୍ୟ ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଉକ୍ତ ବିଦ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ପାଇଁ ଘରୁ ଟିଫିନ ନେଇ ବିଦ୍ୟାଳୟ ଆସୁଥିବା ଅଭିଭାବକ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟରେ ୩ ଶହରୁ ଅଧିକ ଛାତ୍ରଛାତ୍ରୀ ପଢୁଥିବାବେଳେ ସରକାର ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ଖାଦ୍ୟ ପରଶା ଗଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାରମ୍ବାର ତାଗିଦ କରିଆସୁଥିଲେ ମଧ୍ୟ ଆଳିରେ ଏହାର ଭିନ୍ନଚିତ୍ର ଦେଖିବାକୁ ମିଳୁଛି। ମଧ୍ୟାହ୍ନଭୋଜନରେ ପିଲାମାନେ ପୋକରା ଚାଉଳ ଭାତ ସହ କେବଳ ପାଣିଆ ଡାଲି ଖାଉଛନ୍ତି। ଏଭଳି ନିମ୍ନମାନର ଖାଦ୍ୟ ଛାତ୍ରଛାତ୍ରୀ ଖାଉନାହାନ୍ତି। ବାଧ ହୋଇ ଘରୁ ଟିଫିନ ଆଣୁଥିବା ଅଭିଭାବକ ସାଗର ମଲିକ, ଆରତୀ କର, ସୁବାସ ମଲିକ, ମାନସୀ ମଲିକ, ସୁମିତ୍ରା ମଲିକ, ପ୍ରଭାତୀ ମଲିକ, ମହେଶ୍ୱର ମଲିକ, କୁଳମଣି ମଲିକ, ରତ୍ନାକର ମଲିକ ପ୍ରମୁଖ ଅଭିଯୋଗ ଆଣିଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଭଦ୍ରା ଘଡ଼ାଇଙ୍କୁ ପଚାରିବାରୁ ସେ ଏହି ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ବ୍ଲକ ସହକାରୀ ଶିକ୍ଷା ଅଧିକାରିଣୀ ଜ୍ୟୋତିପୁଷ୍ପା ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ସେ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ପିଲାମାନଙ୍କଠାରୁ ବୁଝିବି ଓ ସ୍ଥିତି ପରଖିବି। ଯଦି ଅଭିଯୋଗରେ ସତ୍ୟାସତ୍ୟ ଥାଏ, ତେବେ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅସହାୟ ପରିବାରକୁ ସହାୟତା



ଡେରାବିଶ, ୧୧।୮ (ସମିସ): ଡେରାବିଶ ବ୍ଲକ୍ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଦରବୋଲ ଗ୍ରାମର ରତ୍ନାକର ସାମଲଙ୍କ (୬୬) ୨ ତାରିଖ ଶନିବାର ଦିନ ଏଣ୍ଡର ହଳଦିଆ ହାଟକୁ ଯାଇ ଘରକୁ ଫେରି ନ ଥିଲେ। ପରଦିନ ସକାଳୁ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ ନିକଟରେ ତାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ରତ୍ନାକରଙ୍କ ମୃତ୍ୟୁରେ ତାଙ୍କ ପରିବାରରେ ଥିବା ଛୋଟ ୫ ଝିଅ ଓ ପତ୍ନୀ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ମଜୁରୀ ଓ ଭାଗଚାଷ କରି ରତ୍ନାକର ପରିବାର ପ୍ରତିପୋଷଣ କରୁଥିଲେ। ରୋଜଗାରକ୍ଷମ ରତ୍ନାକରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଶୁଦ୍ଧିକ୍ରିୟା କରିବା ନିମନ୍ତେ ଅକ୍ଷମ ହୋଇପଡ଼ିଥିଲା। ଏହି ଦୁଃଖଦ ଖବର ପାଇ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ଚେୟାରମ୍ୟାନ ମନୋଜ ପ୍ରଧାନ ବିପନ୍ନ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଶ୍ରୀ ପ୍ରଧାନଙ୍କ ସହିତ କଳିଙ୍ଗ ଆବାସିକ ବିଦ୍ୟାଳୟର ଶିକ୍ଷକ ରମେଶ ମହାକୁଳ, ଦୁର୍ଗାପ୍ରସାଦ ପଣ୍ଡା, ଅବିନାଶ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କିଲ୍ ଇଣ୍ଡିଆ ମିଶନ ଆଲୋଚନାଚକ୍ର




ଡେରାବିଶ,୧୧।୮ (ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ପରିସରରେ ସ୍କିଲ୍ ଇଣ୍ଡିଆ ମିଶନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ମେରା ଯୁବ ଭାରତ ପକ୍ଷରୁ ଡେରାବିଶ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସହଭାଗିତାରେ ଅନୁଷ୍ଠିତ ଏହି ଏକଦିବସୀୟ କର୍ମଶାଳରେ ମହାବିଦ୍ୟାଳୟର ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମେରା ଯୁବ ଭାରତ କେନ୍ଦ୍ରାପଡ଼ା ଶାଖାର ଯୁବ ଅଧିକାରୀ ଗୋଲି ତିରୁପତି ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ସ୍କିଲ ଇଣ୍ଡିଆ ମିଶନ୍ ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସହକାରୀ ଶିଳ୍ପ ଅଧିକାରୀ ବାଇନ ବେହେରା ଓ କୁଳମଣି ବେହେରା ଯୋଗଦେଇ ସରକାରଙ୍କ ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ଦକ୍ଷତା ମିଶନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଛତା ଷ୍ଟେଟବ୍ୟାଙ୍କ ଗ୍ରାମୀଣ ପ୍ରଶିକ୍ଷଣ ଅନୁଷ୍ଠାନରର ପ୍ରଶିକ୍ଷକ ପ୍ରଭାତ ମହାନ୍ତି ଛାତ୍ରଛାତ୍ରୀ ଏମ୍ଏସଏମ୍ଇ ମାଧ୍ୟମରେ ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେବା ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସାମିଲ ହୋଇ ଉତ୍କର୍ଷ ଭାରତ ଗଠନ କରିବାକୁ ପ୍ରବର୍ତ୍ତାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଗୁରୁଚରଣ ସେଠୀ ଓ ମହାବିଦ୍ୟାଳୟ ଜାତୀୟ ସେବା ଅଧିକାରୀ ରଘୁନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବଛାତ୍ରୀଙ୍କୁ ମେଧାବୀ, ପରିଶ୍ରମୀ ଓ ନିଶାମୁକ୍ତ ହୋଇ ଦେଶ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ ବିଶ୍ୱଜିତ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମେରା ଯୁବ ଭାରତ କେନ୍ଦ୍ରାପଡ଼ା ଶାଖାର ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନା କରିଥିଲେ।

### ■ ସଦାନନ୍ଦପୁର-ପଞ୍ଚୁପାଣ୍ଡବ ଛକ କେନାଲ

## ପ୍ରଶାସନର ନିମ୍ନମାନର ସଫେଇ, ଚାଷୀ କଲେ ସଫା

ପଞ୍ଚୁପାଣ୍ଡବ,୧୧।୮ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ପଟାମୁଣ୍ଡାଇ ୮ନଂ (କ) କେନାଲର ସଦାନନ୍ଦପୁରଠାରୁ ପଞ୍ଚୁପାଣ୍ଡବ ଛକ ପର୍ଯ୍ୟନ୍ତ କେନାଲ ସଫା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚୁପାଣ୍ଡବ ଛକଠାରୁ ପଣସୁଧା ପର୍ଯ୍ୟନ୍ତ ସଫା ହୋଇଥିବାବେଳେ ଅବଶିଷ୍ଟ ସଫା ହେଲାନାହିଁ। ଛତା ଡିଭିଜନର ସଦାନନ୍ଦପୁରରେ ଥିବା କେନାଲ ସଫା କାମ ନିମ୍ନମାନର ହୋଇଥିବାବେଳେ ପୁଣି ଚାଷୀ କେନାଲ ସଫା କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ କେନାଲ ସଫା ହେଉଥିବାବେଳେ ଏ କେନାଲ କେବେ ସଫା ହେବ, ସେ ନେଇ ଚାଷୀ ପ୍ରଶ୍ନ କରିଛନ୍ତି।

ସଦାନନ୍ଦପୁର-ପଞ୍ଚୁପାଣ୍ଡବ କେନାଲ ଛତା ଡିଭିଜନରେ କିଛି ଅଂଶ ଥିବାବେଳେ ଅଧିକାଂଶ ଅଚ୍ଛୁତୀପୁର କେନ୍ଦୁପାଟଣା ସେକ୍ସନରେ ଯାଉଥିବା ଜଣାପଡ଼ିଛି। ଏବେ ସବୁ କେନାଲରେ ପାଣି ଆସୁଥିବାବେଳେ ଏ କେନାଲରେ ପାଣି କେବେ ଛଡ଼ା ଯିବ, ଚିନ୍ତାରେ ଚାଷୀ। ଏହି କେନାଲରେ କେତେକ ଜାଗାରେ ଅଳିଆ ଆବର୍ଜନା ପଡ଼ି ରହିଥିବାବେଳେ କେତେକ ଲୋକେ କେନାଲ ଭିତରେ ମାଟି ପକାଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। କେନାଲ ବିଭିନ୍ନ ଗଛଲତାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁଁ ଡେରାବିଶ ବ୍ଲକ ଅଞ୍ଚଳରେ ଚାଷ କାର୍ଯ୍ୟ ଧିମେଇ ଯାଇଥିବା ଦେଖିବାକୁ ମିଳୁଛି। ପ୍ରାୟ ସପ୍ତାହେ ହେବ ଆକାଶ ମେଘାଚ୍ଛନ୍ନ ରହୁଥିଲେ ହେଁ ବର୍ଷା ହେଉନାହିଁ। ଏଥିସହ ଟାଣ ଖରାରେ ରୁଆ ବେଉଷଣ ହୋଇଥିବା ଜମି ଶିଖିବାକୁ ବସିଲାଣି। ଖାଲୁଆ ସ୍ଥାନରେ ଚାଷଜମିରେ ପାଣି ଥିଲେ ମଧ୍ୟ ଡ଼ିପ ଓ ମଧ୍ୟମ କିସମ ଜମି ଶୁଖିଲା ପଡ଼ିଛି। କେତେକ ଜାଗାରେ ଧାନତଳି ଗଜା ମରୁଡି ହେଉଥିବାବେଳେ କିଛି ରୁଆ ଧାନ ଜମି ଶୁଖିଲା ପଡ଼ିଥିବା ଅଭିଯୋଗ ହେଉଛି। ଚାଷକାର୍ଯ୍ୟ ବ୍ୟାହତ ହେଉଥିବାରୁ ଚାଷୀ ହତାଶ ହୋଇପଡିଛନ୍ତି। ଏମିତିକି ଛତା ଡିଭିଜନରେ ଥିବା ବହୁ କାଡ଼ା ନାଳ ସଫା ହୋଇ ନ ଥିବା ଅଭିଯୋଗ ହେଉଛି। ଦୁଇ ସେକ୍ସନ ଅଧିକାରୀ କେନାଲ ସଫା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଆଳି ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



ଆଳି, ୧୧।୮ (ସମିସ): ଆଳି ନାଗରିକ ମଞ୍ଚର ଦ୍ୱାଦଶ ବାର୍ଷିକ ଉତ୍ସବ ଆଳି ଡାକବଙ୍ଗଳା ନିକଟ ଏ ମାର୍ଟ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଧନେଶ୍ୱର ରାଉତ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଧାନଶିକ୍ଷକ ତଥା କବି ପ୍ରମୋଦ ମଲ୍ଲିକ, ବରିଷ୍ଠ ଉପଦେଷ୍ଟା ମାୟାଧର ରାଉତ ପ୍ରମୁଖ ଯୋଗଦେଇ ସଚେତନ ନାଗରିକ ଓ ବୁଦ୍ଧିଜୀବୀଙ୍କୁ ନେଇ ଗଢ଼ାଯାଇଥିବା ନାଗରିକ ମଞ୍ଚ ଅଞ୍ଚଳର ସମସ୍ୟା ସମାଧାନ, ଶାନ୍ତିଶୃଙ୍ଖଳା ଓ ଭାଇଚାରା ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ବରିଷ୍ଠ ନାଗରିକ ଓ ଅତିଥିଙ୍କୁ ଉପସ୍ଥିତ ଭଉଣୀମାନେ ରାଖୀ ବାନ୍ଧିବା ପରମ୍ପରା ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ମଞ୍ଚର ସମ୍ପାଦକ ଅକ୍ଷୟ ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରି ନାଗରିକ ମଞ୍ଚର ଦୀର୍ଘ ୧୨ ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଡ଼କ ବନ୍ଧୁ ସୁଶାନ୍ତ ତରାଇ, କାର୍ଯ୍ୟକାରୀ ସଭାପତି ଦଶରଥ ମଲିକ, କବି ଗୋବିନ୍ଦ ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ବୀରକିଶୋର ପଣ୍ଡା, ମଞ୍ଜୁଲତା ସାମଲ, କବିୟତ୍ରୀ ସନ୍ନିଭା ମିଶ୍ର ଦାଶ, ମିନତୀ ମହାନ୍ତି, ପୁଷ୍ପିତା ମହାନ୍ତି, ବବିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଯୁଗ୍ମସମ୍ପାଦକ ସହଦେବ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ମଈପୁରା ନଦୀରୁ ଜାଲ ଓ ଡିଙ୍ଗି ଜବତ

ରାଜନଗର,୧୧।୮ (ସମିସ): ଗତକାଲି ରାତି ୨ଟା ସମୟରେ ଭିତରକନିକା ଜାତୀୟ ଉଦ୍ୟାନର ମଈପୁରା ନଦୀରେ ବେଆଇନ ଭାବେ ଜାଲ ବସାଇ ମାଛ ଧରୁଥିବା ଖବରପାଇ ଡିଏଫଓଙ୍କ ନିର୍ଦ୍ଦେଶରେ ଏସିଏଫ ଗଗନ ବିହାରୀ ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଗୁପ୍ତି ଫରେଷ୍ଟର ବିଭୂତି ତରାଇ, ତ୍ରିଦୀପ ପ୍ରଧାନ, ବିଶ୍ୱରଞ୍ଜନ ତରାଇ, ଦେବପ୍ରସାଦ ମୁଣ୍ଡା ଓ ବନ କର୍ମଚାରୀ ୧୦ଟି ମୁଣା ଜାଲ ଓ ଡିଙ୍ଗି ଜବତ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ଜାଲ ବସାଇଥିବା ମତ୍ସ୍ୟଜୀବୀ ଖସି ପଳାଇଥିଲେ। ଡିଙ୍ଗିରୁ ୨୫ କିଲୋ ମାଛ ଜବତ କରାଯାଇଛି।

## ସରୋଜିନୀ ପରିଡ଼ାଙ୍କ ଶ୍ରାଦ୍ଧୋତ୍ସବ

କେନ୍ଦ୍ରାପଡ଼ା,୧୧।୮ (ସମିସ): ବାରୁଅସ୍ଥ ଭାବଗ୍ରାହୀ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଅକ୍ଷୟ ମହାନ୍ତି କକ୍ଷରେ ଲୋକ କବି ଭାବଗ୍ରାହୀ ପରିଡ଼ାଙ୍କ ଧର୍ମପତ୍ନୀ ସରୋଜିନୀ ପରିଡାଙ୍କ ଅଷ୍ଟମ ଶ୍ରାଦ୍ଧୋତ୍ସବ ଓ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସରୋଜିନୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସନ୍ଧ୍ୟାରେ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ, ମୁଖ୍ୟବକ୍ତା ଭାବେ ପଣ୍ଡିତ ପଦ୍ମନାଭ ଦାଶ ଓ ସମ୍ମାନିତ ଅତିଥି ଭାବେ ମହନ୍ତ ହୃଷିକେଶ ଦାଶ ମହାରାଜ, ପ୍ରଧାନଶିକ୍ଷକ ଅଜୟ ସ୍ୱାଇଁ, ସତୀର୍ଥର କୋଷାଧ୍ୟକ୍ଷ ଭାଗବତ ଷଡ଼ଙ୍ଗୀ, କବି ଅମର ରାଉତ, ଗଗନ ଜେନା, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ନିରୁପମା ଜେନା ସ୍ୱାଗତ ସଙ୍ଗୀତ ଓ ବଳଦେବଜୀଉଙ୍କ ଭଜନ ଗାଇଥିଲେ। ଗୀତିକାର ବିମଳ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥି ପରିଚୟ ଦେଇଥିଲେ। ପ୍ରବଚକ ବିକ୍ରମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ସବୁଜ ବାହିନୀର ସ୍ୱନକ୍ଷତ୍ର ଉତ୍ସବ



ରାଜନଗର,୧୧।୮ (ସମିସ): ରାଜନଗର ବ୍ଲକରେ ପରିବେଶ କ୍ଷେତ୍ରରେ କାମ କରୁଥିବା ସେଚ୍ଛାସେବୀ ସଂଗଠନ ସବୁଜ ବାହିନୀର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେସି ମଣ୍ଡପରେ ଆୟୋଜିତ ଉତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସେଚ୍ଛାସେବୀ ଯୋଗ ଦେଇଥିଲେ। ଶେଷଦେବ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ଦୋଳଗୋବିନ୍ଦ ଜେନା, ମୁଖ୍ୟବକ୍ତା ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ସମ୍ମାନିତ ଅତିଥି ଭାବେ ଜିତା ପଟ୍ଟନାୟକ, ତଥାଗତ ବିଶ୍ୱାଳ, ବଜାଜ ଫାଇନାନ୍ସର ପରିଚାଳକ ବଳଦେବ ମିଶ୍ର, ଅବସରପ୍ରାପ୍ତ ସେନା କର୍ମଚାରୀ ଅଚ୍ୟୁତ ପ୍ରଧାନ, ସମାଜସେବୀ ସରୋଜିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସବୁଜ ବାହିନୀର ମୁଖ୍ୟ ପ୍ରତିଷ୍ଠାତା ସୌରଭ ଜେନା ଅନୁଷ୍ଠାନର ଆଭିମୁଖ୍ୟ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ବାପିନା ରାଉତ, ହିମାଂଶୁ ନାୟକ, ବାଦଲ ଜେନା, ପ୍ରିୟରଞ୍ଜନ ରାଉତ, ସେହ୍ନାଶିଷ ଜେନା, ପ୍ରକାଶ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଧନେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟର ସମ୍ବର୍ଦ୍ଧନା ଉତ୍ସବ

ରାଜନଗର, ୧୧।୮ (ସମିସ): ସ୍ଥାନୀୟ କେସି ମଣ୍ଡପରେ ଧନେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କୃତୀ ଛାତ୍ରୀ ଓ ଲୋକପ୍ରିୟ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ସମାଜସେବୀ ତଥା ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ବାପା ଧନେଶ୍ୱର ସାହୁଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀରେ ଆୟୋଜିତ ସଭାରେ ମାଟ୍ରିକ ପରୀକ୍ଷାରେ ମହାକାଳୀ ହାଇସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କୁ ୧୦ ହଜାର ଟଙ୍କର ଚେକ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବନ୍ୟାରେ ପାଣିରେ ପଶି ଗର୍ଭବତୀ ମହିଳାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି, ଡାକ୍ତର ମନୋରଞ୍ଜନ ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଅବସରପ୍ରାପ୍ତ ସୈନିକ ଗଗନ ସ୍ୱାଇଁ, ନିରଞ୍ଜନ ରାଉତ, ବିଜୟ ନାୟକ, ବୈବ୍ରତ ନାରାୟଣ ବିଶ୍ୱାଳ, କୈଳାସ ପରିଡା, ରଞ୍ଜନ ମହାନ୍ତି, ସର୍ବେଶ୍ୱର ମହାନ୍ତି, ଦେବେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜନଗର ଡିଏଫ୍ଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଜନଗର,୧୧।୮ (ସମିସ): ରାଜନଗର ବନ୍ୟପ୍ରାଣୀ ଡିଭିଜନରେ କାର୍ଯ୍ୟରତ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ଇତିମଧ୍ୟରେ ସମ୍ବଲପୁର ଟେରିଟୋରିଆଲ ଡିଭିଜନକୁ ଡିଏଫ୍ଓ ଭାବେ ବଦଳି ହୋଇଯାଇଛି। ପୂର୍ବତନ ଡିଏଫଓ ଶ୍ରୀ ଯାଦବ କାର୍ଯ୍ୟକାଳ ମଧ୍ୟରେ ଭିତରକନିକା ଲୁଣା ଜଙ୍ଗଲର ସୁରକ୍ଷା ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମୁଦ୍ର ଢେଉ ହେଉ କି ବାତ୍ୟାକୁ ସାମ୍ନା କରି ଭିତରକନିକାର ହେନ୍ତାଳବଣର ପରିସଂସ୍ଥା ବୃଦ୍ଧି ନେଇ ଅନେକ ପଦକ୍ଷେପ ନେଇଛନ୍ତି। ଆଜି ଡିଭିଜନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସିଏଫ ମାନସ ଦାସ, ଗଗନ ବିହାରୀ ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତରଂଜନ ବେଉରା, କପିଳେନ୍ଦ୍ର ପ୍ରଧାନ, ସଂଜୟ କୁମାର ପ୍ରଧାନ, କାର୍ତ୍ତିକେଶ୍ୱର ଖଣ୍ଡେଇ, ଫରେଷ୍ଟର ବିଭୁତି ଭୂଷଣ ତରାଇ, ବିଜୟ କୁମାର ପାତ୍ର, ମହନ୍ତ ମଲ୍ଲିକ, ନିର୍ମଳ ନାୟକ, ବରିଷ୍ଠ କିରାଣି ବିଭୁତି ମଲ୍ଲିକ, ରଞ୍ଜନ ପାଢ଼ୀ, ସାମ୍ବାଦିକ ଭାସ୍କର ରାଉତରାୟ, ଫରେଷ୍ଟଗାର୍ଡ ସୁନୀଲ ରାଉତରାୟ ପ୍ରମୁଖ ଯୋଗଦେଇ ବିଦାୟ ଡିଏଫଓ ଶ୍ରୀ ଯାଦବଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସହିତ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।




## କଲେଜ ଆଗରେ ଚାକିରି ଆଶାୟୀଙ୍କ ଅନଶନ



ରାଜନଗର, ୧୧।୮ (ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଆଗରେ ଆଜି ୮ ଜଣ ଚାକିରି ଆଶାୟୀ ଅନଶନରେ ବସିଥିଲେ। ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପଦବୀ ପାଇଁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସଞ୍ଜୟ ମହାରଣା, ଦେବପ୍ରସାଦ ସାହୁ, ସୁନୀଲ ସାହୁ, ବ୍ରହ୍ମାନନ୍ଦ ସେଠୀ, ରାଜକିଶୋର ସ୍ୱାଇଁ, ପ୍ରହଲ୍ଲାଦ ଦାସ ପ୍ରମୁଖ କଲେଜ ଗେଟ୍ ଆଗରେ ଅନଶନରେ ବସିଥିଲେ। ତେବେ ଅଧ୍ୟକ୍ଷଙ୍କ ସହ ଆଲୋଚନା ପରେ ଅନଶନକାରୀ ଉଠିଥିଲେ।

## ସ୍ଥାୟୀ ନିଯୁକ୍ତି ଦାବିରେ ଗାଁ ସାଥୀଙ୍କ ବିଡିଓଙ୍କୁ ଦାବିପତ୍ର

ରାଜକନିକା,୧୧।୮ (ସମିସ): ରାଜକନିକା ବ୍ଲକ୍ର କାର୍ଯ୍ୟରତ ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ବିଡିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଭାନୁମତୀ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦୮ ରୁ ୧୭ ବର୍ଷ ଧରି ସେବା ଯୋଗାଇ ଆସୁଥିବା ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି କରାଯାଇନାହିଁ। ଗାଁ ସାଥୀଙ୍କ ଡାଟା ବେଶ୍ ପୂରଣ କରାଯାଇ ସରକାରୀ ସ୍ତରରେ ନିଯୁକ୍ତ କରାଯିବା ନେଇ ଗାଁ ସାଥୀ କମିଟି ସଭାପତି ପରମେଶ୍ୱର ବେହେରାଙ୍କ ସମେତ ସଭ୍ୟାସଭ୍ୟ ନିରୋଦ ପରିଡା, ପ୍ରଭାତ ନାୟକ, ନିରୁପମା ବିଶ୍ୱାଳ, ପ୍ରମିଳା ବେହେରା, ଜ୍ୟୋତ୍ସ୍ନାରାଣୀ ବେହେରା, ରୀନା ପାଢୀ, ସୁନାଲତା ନାୟକ, ଅଜୟ ବାରିକ, ଜୟନ୍ତ ମହାନ୍ତି, ଦିଲ୍ଲୀପ ବେହେରା, ସୁକାନ୍ତ ମଲିକ, ତଅପୋଇ ନାୟକ, ରୁଦ୍ରନାରାୟଣ ମିଶ୍ର, ସ୍ୱର୍ଣ୍ଣଲତା ଦ୍ୱିବେଦୀ, ଅନୀତା ଦାଶ, ନବଘନ ମଲିକ, ଅକ୍ଷୟ ମଲିକ, ଅଞ୍ଜଳି ସ୍ୱାଇଁ, ସରୋଜ ବେହେରା, ନୀଳାମ୍ବର ସେଠୀ ଓ ଅଜାମ୍ବିଳ ରାଉତ ଦାବିପତ୍ର ପ୍ରଦାନ କରିଛନ୍ତି।



## ତାଳମଞ୍ଜି ଓ ସ୍ୱର୍ଣ୍ଣଚମ୍ପା ବୃକ୍ଷରୋପଣ



ଡେରାବିଶ, ୧୧।୮ (ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁରସ୍ଥ କେନ୍ଦ୍ରାପଡ଼ା କେନାଲର ୧୩ନଂ ଶାଖା କେନାଲ ବନ୍ଧରେ ୨୦୦ରୁ ଊର୍ଦ୍ଧ୍ୱ ତାଳମଞ୍ଜି ଓ ଦୁଇଟି ସ୍ୱର୍ଣ୍ଣଚମ୍ପା ବୃକ୍ଷରୋପଣ କରାଯାଇଛି। ପ୍ରକୃତିବନ୍ଧୁ ଜେନାମଣି ବଳଙ୍କ ନେତୃତ୍ୱରେ ନରସିଂହପୁର ଗ୍ରାମର ଯଶୋବନ୍ତ ନାରାୟଣ ପଣ୍ଡା ଓ ସୁରେନ୍ଦ୍ର ଶତପଥୀ କେନାଲ ବନ୍ଧର ବାମ ପାର୍ଶ୍ୱର୍ ବନ୍ଧରେ ୨୦୦ରୁ ଅଧିକ ତାଳମଞ୍ଜି ରୋପଣ କରିଥିଲେ। ଏଥିସହ ଦୁଇଟି ସ୍ୱର୍ଣ୍ଣଚମ୍ପା ବୃକ୍ଷ ରୋପଣ କରିଥିଲେ। ପ୍ରକୃତିବନ୍ଧୁ ଜେନାମଣି ଦୀର୍ଘ ୨୦ ବର୍ଷ ହେବ ବୃକ୍ଷରୋପଣ କରିଆସୁଥିବାବେଳେ ଚଳିତ ବର୍ଷ ୧୦୦୦ ତାଳମଞ୍ଜି ରୋପଣ କରିବାକୁ ଶପଥ ନେଇଛନ୍ତି। ସେ ଚଳିତବର୍ଷ କେନ୍ଦ୍ରାପଡ଼ା କେନାଲ ବନ୍ଧ, ଲୁଣାନଦୀ ବନ୍ଧ ଓ ତାଙ୍କ ଗ୍ରାମ ସମେତ ନିକଟସ୍ଥ ଗ୍ରାମରେ ଥିବା ବିଭିନ୍ନ ସରକାରୀ ଜାଗା, ଶ୍ମଶାନ ଓ ଗୋଚର ଜମିରେ ୬୦୦ରୁ ଅଧିକ ତାଳମଞ୍ଜି ରୋପଣ କରିସାରିଲେଣି।

## ମରାମତି ହେଲା ବେଣୀପୁର-ଇନ୍ଦୁପୁର ବିରୂପା ନଦୀବନ୍ଧ ରାସ୍ତା

ପଞ୍ଚୁପାଣ୍ଡବ/ଡେରାବିଶ,୧୧।୮ (ସମିସ):



'ସକାଳ' ପ୍ରଭାବ

ଡେରାବିଶ ବ୍ଲକ ବେଣୀପୁର-ଛୋଟି ବିରୂପା ନଦୀବନ୍ଧ ରାସ୍ତା ମରାମତି ଆରମ୍ଭ ହୋଇଛି। ଏହି ରାସ୍ତା ଶୋଚନୀୟ ହୋଇପଡ଼ିଥିଲା। 'ସକାଳ' ଖବରକାଗଜରେ ଏ ନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ରାସ୍ତା ମରାମତି ଆରମ୍ଭ ହୋଇଥିବା ଦେଖିବାକୁ ମିଳୁଛି। ବେଣୀପୁର ଲକ୍ ପୋଲଠାରୁ ଇନ୍ଦୁପୁର ବଜାର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହାକୁ ଦେଖି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ନିଜେ ରାସ୍ତାକୁ ଦେଖି ତୁରନ୍ତ ମରାମତି କରିବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ତୁରନ୍ତ ଆରଡି ବିଭାଗ ପକ୍ଷରୁ ମରାମତି ହୋଇଥିବା ଜଣାପଡିଛି।

ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ କେତେକ ଜାଗାରେ ରାସ୍ତା କଡ଼ ଧସିଯାଇଥିବା ଦେଖିବାକୁ ମିଳିଥିଲା। ରାସ୍ତାରୁ ମେଣ୍ଟାଲ ଉଠି ଏଣେତେଣେ ପଡ଼ିରହିଥିଲା। ଫଳରେ ରାସ୍ତାରେ ଯାତାୟାତ କରିବା ସମସ୍ୟା ସୃଷ୍ଟି ହେଉଥିଲା। ଏହି ରାସ୍ତାର ଗୋଟେ ପଟେ ଯିବାକୁ ହେଲେ ବେଣୀପୁରରୁ ଇନ୍ଦୁପୁର ଓ ଆରପଟକୁ ଗଲେ ଇନ୍ଦୁପୁରରୁ ବାଲିଚନ୍ଦ୍ରପୁରକୁ ଶହଶହ ଗାଡ଼ି ଚଳାଚଳ କରୁଛି। ବସ୍ କଟକ ଓ ଭୁବନେଶ୍ୱରକୁ ଯାତାୟାତ କରୁଥିବାବେଳେ କେନ୍ଦ୍ରାପଡ଼ାକୁ ସ୍କୁଲ, କଲେଜ, ଡାକ୍ତରଖାନା ଓ ବିଭିନ୍ନ ମନ୍ଦିରକୁ ଏହା ପ୍ରମୁଖ ରାସ୍ତା ଅଟେ। ଯେତେ ଅଭିଯୋଗ ହେଲେ ସୁଦ୍ଧା ସରକାର ହେଉ କି ପ୍ରଶାସନିକ ଅଧିକାରୀ ଏହା ଉପରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇବା ସହ ବେଣୀପୁର, ଛୋଟି, ମଙ୍ଗଳପୁର ପଞ୍ଚାୟତ ଲୋକ ଓ ଛୋଟି ବଜାରର ବ୍ୟବସାୟ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ। ଏବେ ଏହି ରାସ୍ତାର ମରାମତି ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଆରଡି ବିଭାଗ ଏଇ ଶୈଳେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି ଏବେ ଆମ ବିଭାଗ ପକ୍ଷରୁ ବେଣୀପୁରରୁ ମଙ୍ଗଳପୁର ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇଛି। ପୁଣି ଛୋଟି ପର୍ଯ୍ୟନ୍ତ ରାସ୍ତା ମରାମତି ହେବ। ମରାମତି ସରିଲା ପରେ ଏହି ରାସ୍ତା ଜଳ ସମ୍ପଦ ବିଭାଗରେ ଯାଉଥିବାରୁ ଏହାକୁ ଆର୍ ଆଣ୍ଡ ବି ପକ୍ଷରୁ ସମ୍ପୂର୍ଣ୍ଣ ରାସ୍ତା କାମ ହେବ। ମରଣଯନ୍ତା ପାଲଟିଥିବା ରାସ୍ତାକୁ ମରାମତି ଆରମ୍ଭ ହୋଇଥିବାରୁ ପାଟକୁରା ବିଧାୟକ, ପ୍ରଶାସନ ଅଧିକାରୀ ଓ 'ସକାଳ' ଖବରକାଗଜକୁ ସ୍ଥାନୀୟ ଲୋକେ କୃତଜ୍ଞତା ଜଣାଇଛନ୍ତି।

**ଗତ ନିର୍ବାଚନରେ ଭୋଟ ଚୋରି ଅଭିଯୋଗ ଉଠାଇଲା କଂଗ୍ରେସ**

# ଡିଜିଟାଲ ଭୋଟର ଲିଷ୍ଟ ଓ ସିସିଟିଭି ଫୁଟେଜ୍ ପ୍ରଦାନ ଦାବି

ଜଗତସିଂହପୁର,୧୧।୮ (ସମିସ)




ଅଖିଳ ଭାରତ କଂଗ୍ରେସ କମିଟି ନିଷ୍ପତ୍ତି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ପରାମର୍ଶକ୍ରମେ ଆଜି ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଭୋଟ ଚୋରି ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସର୍କିଟ ହାଉସଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ପର୍ଦ୍ଦାଫାସ କରାଯାଇଥିବା ଭୋଟ ଚୋରି ସମ୍ପର୍କିତ ୨ଟି ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଂଯୋଜକ ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଉପାଧ୍ୟକ୍ଷ ଅମୀୟ ପାଣ୍ଡବ ଯୋଗଦେଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସାରା ଦେଶରେ ଆରମ୍ଭ ହୋଇଥିବା ମହାଅଭିଯାନରେ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ନିର୍ବାଚନ କମିଶନଙ୍କ କାର୍ଯ୍ୟକଳାପରେ ସ୍ୱଚ୍ଛତା ଓ ସ୍ପଷ୍ଟତା ଆଣିବାକୁ ହେଲେ ପ୍ରତିଟି ଦେଶପ୍ରେମୀ ଏହି ଗଣଆନ୍ଦୋଳନରେ ସାମିଲ ହେବା ଆଜିର ଆହ୍ୱାନ ଓ ଆବଶ୍ୟକତା ବୋଲି ଶ୍ରୀ ପାଣ୍ଡବ ମତବ୍ୟକ୍ତ କରିଥିଲେ।

ରାହୁଲ ଗାନ୍ଧୀ ନିଜସ୍ୱ ଅନୁସନ୍ଧାନ ଦ୍ୱାରା ଲୋକଲୋଚନକୁ ଆଣିଥିବା ଭୋଟ ଚୋରିର ୫ଟି କୌଶଳ ସମ୍ପର୍କରେ ଜନଗଣଙ୍କୁ ଅବଗତ କରାଇବା ସହ ଭୋଟ ଚୋରି ରୋକିବାକୁ ସମସ୍ତେ ଆଗେଇ ଆସିବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। ସେହିପରି ୯୬୫୦୦ ୦୩୪୨୦ ନମ୍ବରରେ ମିସ୍ କଲ ଦେଇ କିମ୍ବା ଦଳ ପକ୍ଷରୁ ପ୍ରକାଶିତ କ୍ୟୁଆର କୋଡ୍ସ୍କାନକରିରାହୁଲଗାନ୍ଧୀଙ୍କ ଏହିଗଣତନ୍ତ୍ର ବଞ୍ଚାଅ ମହାସଂଗ୍ରାମରେ ସାମିଲ ହେବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। ନିର୍ବାଚନ ଗଣତନ୍ତ୍ରର ମୂଳଦୁଆ ହୋଇଥିବାରୁ ଏହାର ସୁରକ୍ଷା ଓ ସୁଦୃଢ଼ୀକରଣ ପାଇଁ ଅଭିପ୍ରେତ ଏହି ଆନ୍ଦୋଳନର ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହଯୋଗ କାମନା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବାଲିକୁଦା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଇଂ ନଳିନୀ ସ୍ୱାଇଁ, ପାରାଦୀପ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ସର୍ବେଶ୍ୱର ପଣ୍ଡା, ମହନୀ ରାଉତ, ବାଲିକୁଦା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ବିକ୍ରମ ପରିଡା, ତିର୍ତ୍ତୋଲ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ନିହାର ନାୟକ, ଜଗତସିଂହପୁର ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଭୟ ମହାନ୍ତି, ଜଗତସିଂହପୁର ବ୍ଲକ୍ କଂଗ୍ରେସ କମିଟିର ପୂର୍ବତନ ସଭାପତି ମାନସ ରଥ, ପାରାଦୀପ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି କେଦାର ବିଶ୍ୱାଳ, ଯୁବ ଆଇଏନଟିଉସିର ଜିଲ୍ଲା ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ଇମତିଆଜ ଅହମ୍ମଦ ଖାନ୍, ଛାତ୍ର ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ପ୍ରୀତମ ପରିଜା ପ୍ରମୁଖ ଯୋଗ ଦେଇଥିଲେ।

## ନିଃସ୍ୱାର୍ଥ ସେବା ସଂଗଠନକୁ ସେବା ସମ୍ମାନ

ଜଗତସିଂହପୁର,୧୧।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁଜ ବାହିନୀର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଃସ୍ୱାର୍ଥ ସେବା ସଂଗଠନ ଚାରିଟେବୁଲ ଟ୍ରଷ୍ଟିକୁ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ନିଃସ୍ୱାର୍ଥ ସେବା ସଂଗଠନ ଜଗତସିଂହପୁର ଜିଲ୍ଲା ଓ ଅନ୍ୟ ଜିଲ୍ଲାରେ ବୃକ୍ଷରୋପଣ, ପରିବେଶ ସୁରକ୍ଷାଠାରୁ ଆରମ୍ଭ କରି ଅବହେଳିତ, ନିଷ୍ପେସିତ, ଅସହାୟ ଲୋକଙ୍କୁ ସହଯୋଗର ହାତ ବଢ଼ାଇ ଆସିଛି। ବାତ୍ୟା, ବନ୍ୟା ଓ ଘରପୋଡ଼ି ଭଳି ବିପତ୍ତି ସମୟରେ ଲୋକଙ୍କ ସାହାରା ହୋଇ ଛିଡ଼ା ହୋଇଆସିଛି। ସଂଗଠନର ଏହି କାର୍ଯ୍ୟ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ସବୁଜ ବାହିନୀ ସଂଗଠନ ପକ୍ଷରୁ ପ୍ରତିଷ୍ଠାତା ସୌରଭ ଜେନା ଓ ଅନ୍ୟ ଅତିଥି ନିଃସ୍ୱାର୍ଥ ସେବା ସଂଗଠନ ଚାରିଟେବୁଲ ଟ୍ରଷ୍ଟକୁ ସମ୍ମାନିତ କରିଥିଲେ।

## ତାଳଦଣ୍ଡା କେନାଲ ବନ୍ଧରେ ତାଳ ଚାରାରୋପଣ

ତିର୍ତ୍ତୋଲ,୧୧।୮ (ସମିସ): ଉତ୍କଳ ଗ୍ରାମ ସ୍ୱରାଜ୍ୟ ଓ ଟ୍ରି ଫର୍ ଲାଇଫ ପକ୍ଷରୁ ତାଳଦଣ୍ଡା କେନାଲ୍ ବନ୍ଧର ଦଣ୍ଡାସାହିଠାରୁ ବାଲିପାଟଣା ପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ତାଳ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଆଦିକବି ଶାରଳା ଦାସ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କୃଷ୍ଣଚନ୍ଦ୍ର ସାହୁ,



ସମାଜସେବୀ ଭବେଶ ଚୌଧୁରୀ, ଉତ୍କଳ ଗ୍ରାମ ସ୍ୱରାଜ୍ୟ ସଭାପତି ଆଇନଜୀବୀ ମନୋଜ ଦାସ, ଟ୍ରି ଫର୍ ଲାଇଫ୍‌ର ସଭାପତି ଅନୀଲ ମହାନ୍ତି, ରମେଶ ବେହେରା, ଅକ୍ଷୟ ପରିଜା, ହିମାଂଶୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଦୁଇ ସଂଗଠନର ସଭାପତି ତାଳଦଣ୍ଡା କେନାଲ ବନ୍ଧରେ ପାଖାପାଖି ୯୦ କିଲୋମିଟରରେ ଆଗାମୀ ଦିନରେ ତାଳ ଚାରା ଲଗାଯିବାକୁ ସ୍ଥିର ହୋଇଥିବା ସୂଚନା ଦେଇଥିଲେ।

**ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

## ୨ଟି ଅଭିଯୋଗର ତ୍ୱରିତ ସମାଧାନ

ଜଗତସିଂହପୁର/ ରଘୁନାଥପୁର,୧୧।୮ (ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।



ଏହି ଜନଅଭିଯୋଗ ଶିବିରରେ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ୨ଟିର ତ୍ୱରିତ ସମାଧାନ କରିଛନ୍ତି। ଆଜି ଆୟୋଜିତ ଶିବିରରେ ୯୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୮୦ଟି, ଗୋଷ୍ଠୀଗତ/ ଗ୍ରାମ ସମସ୍ୟା ସମ୍ପର୍କିତ ୧୬ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ୍ କାର୍ଡ ସମ୍ବନ୍ଧୀୟ ୧୫ଟି, ଆବାସ ଯୋଜନା ସମ୍ପର୍କିତ ୧୩ଟି, ଜମିଜମା ସମସ୍ୟା ସମ୍ପର୍କିତ ୭ଟି, ପୁଲିସ୍ ସହାୟତା ପାଇବା ପାଇଁ ୪ଟି, ପେନସନ ପାଇବା ପାଇଁ ୯ଟି ଓ ଅନ୍ୟାନ୍ୟ ୩୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

## ଶ୍ରୀରାମ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳିତ

ବାଲିକୁଦା,୧୧।୮ (ସମିସ): ମାଛଗାଁସ୍ଥ ଡଃ ଶ୍ରୀରାମ ଦାଶ ପାଠାଗାର ପରିସରରେ ପ୍ରଜ୍ଞାପୁରୁଷ ଶ୍ରୀରାମ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଶ୍ରୀରାମ ଦାଶ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ମାଟିର ମହକ ଡଃ ଶ୍ରୀରାମ ଦାଶ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।



ଶିକ୍ଷକ ନେତା ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାନସଭା ସଚିବ ଦାଶରଥି ଶତପଥୀ, ମୁଖ୍ୟବକ୍ତା ଭାବେ ବାଲିକୁଦା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରଦୀପ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ମାଛଗାଁ ସମିତି ସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶୁଭେନ୍ଦୁ ଦାଶ, ପୂର୍ବତନ ଶିକ୍ଷକ ଅରୁଣ ମହାନ୍ତି, ବସନ୍ତ ଜେନା, ରବୀନ୍ଦ୍ର ନାୟକ, ସଞ୍ଜୟ ପାଳ, ସାମ୍ବାଦିକ ରାଧାକାନ୍ତ ମିଶ୍ର, ଶ୍ରୀଧର ତ୍ରିପାଠୀ, ରାଜେନ୍ଦ୍ର ଦାଶ, ମାନସ କାନୁନଗୋ, ଅଜୟ ରାଉତ, ବିଧାନ ରାଉଳ, ନୀଳକଣ୍ଠ ମଲ୍ଲିକ, ରାଧାଶ୍ୟାମ ବାରିକ, ସୁଦାମ ବାରିକ, ହେମନ୍ତ ଦାଶ ପ୍ରମୁଖ ଯୋଗଦେଇ ଡଃ ଦାଶଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ତଥା ସାମ୍ବାଦିକ ମନୋଜ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ

ବାଲିକୁଦା,୧୧।୮ (ସମିସ): ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ମେଡିକାଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସରକାରଙ୍କ ପକ୍ଷରୁ ଦୀର୍ଘ ୭ ବର୍ଷ ପୂର୍ବେ ବୋରିକିନା ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ଘୋଷଣା କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ବ୍ୟବସ୍ଥା କରାଯାଇ ନ ଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଅନୁରୋଧ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ଆନୁସଙ୍ଗିକ ସରଞ୍ଜାମ ଓ ବ୍ୟବସ୍ଥା ଦିଗରେ ବିଧାୟକ ଶ୍ରୀ ଜେନା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା




ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସରକାରୀ ବାସଗୃହ ଯୁଦ୍ଧକାଳୀନ ଭିତ୍ତିରେ ପୁନଃନିର୍ମାଣ ସହିତ ଜଳଯୋଗାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ମରାମତି ପାଇଁ ବୈଠକରେ ସ୍ଥିର କରାଗଲା। ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୬ଟି ଉପ-ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକ୍ରମ ଓ ଗାଁ କଲ୍ୟାଣ ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ବିଡିଓ ସାଗର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା, ବୋରିକିନା ସରପଞ୍ଚ ସାଗରିକା ପରିଡା, ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ ସାହୁ, ଡା. ଗୀତାଞ୍ଜଳି ସାହୁ, ଡା. ସୁବ୍ରତ ସାହୁ, ଫାର୍ମାସିଷ୍ଟ ଜ୍ୟୋତିପ୍ରକାଶ ନାୟକ, ବିପିଏମ ବନବିହାରୀ ମହାରଣା, ଡା. ସୁବ୍ରତ ସାହୁ, ଡା. ରାଜେଶ ରାଉତ, ଡା. ଅଂଶୁମାନ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ରୋଗୀ ସେବା ଓ ମେଡିକାଲର ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡା. ଗୀତାଞ୍ଜଳି ସାହୁ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ମେଡିକାଲ କର୍ମଚାରୀ ଦିଲ୍ଲୀପ ମୁଦୁଲି, ଅର୍ଜୁନ ପୃଷ୍ଟି, ସମୀର ଗୋଚ୍ଛାୟତ, କବିତା ଗୋଚ୍ଛାୟତ, ଟିକି ବାରିକ, ସତ୍ୟଜିତ ସାହୁ ପ୍ରମୁଖ ସହାୟତା କରିଥିଲେ। ଡା. ଗୀତାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।

## ‘ଆ ସଙ୍ଗାତ ଆରେ’ ଓ ‘ଆମ ଘର ସରଗପୁର’ ଲୋକାର୍ପିତ




କୁଜଙ୍ଗ,୧୧।୮ (ସମିସ): ଶିଶୁ ସାହିତ୍ୟ ରଚନା ସମୟରେ ସାହିତ୍ୟିକ ନିଜକୁ ଶିଶୁ ଭଳି ଭାବିବାକୁ ହୁଏ। ଶିଶୁ ବୁଝିଲା ପରି ଛନ୍ଦ ସୃଷ୍ଟି କରି ଶିଶୁଙ୍କ ମନଲାଖି ଶିଶୁ ଗୀତ ରଚନା କରିପାରିଲେ, ତାହା କାଳଜୟୀ ହୋଇପାରିବ ବୋଲି ଡକ୍ଟର ରଘୁ ସାହୁଙ୍କ ଶିଶୁ ଗୀତ ପୁସ୍ତକ “ଆ ସଙ୍ଗାତ ଆରେ’ ଓ “ଆମ ଘର ସରଗପୁର’ ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସୂଚନା ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜର ପୂର୍ବତନ ସମ୍ପାଦକ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ବର୍ତ୍ତମାନ ସାହିତ୍ୟରେ ଶିଶୁ କବିତାର ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କବି ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ, ରାଜୀବ ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ବିଶ୍ୱାଳ, ଡକ୍ଟର ରବୀନ୍ଦ୍ର ବିହାରୀ, ହିମାଂଶୁ ଆଚାର୍ଯ୍ୟ, ସୁରଞ୍ଜନ ଲେଙ୍କା, ସୁଧାଂଶୁ ଶତପଥୀ, ଜଗନ ସାହୁ, ଡକ୍ଟର କେଶବ ଦଳେଇ, ଡକ୍ଟର ଗଙ୍ଗାଧର ସାମନ୍ତରାୟ, ବାବୁରାମ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏ ଅବସରରେ କୃତି ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଡକ୍ଟର ରୋଜାଲିନ ଧନ୍ୟବାଦ ପ୍ରଦାନ କରିଥିଲେ। ଲୋକାର୍ପଣ ପୂର୍ବରୁ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ କବି ପ୍ରଭାତୀ ମାଝୀ, ଦୀପ୍ତି ଖଣ୍ଡୁଆଳ ଓ ସବିତା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କବି କୈଳାସ ସ୍ୱାଇଁଙ୍କ ସଭାପତିତ୍ୱରେ କବି ସନ୍ତୋଷ ସାମଲ, ଉମାକାନ୍ତ ନାୟକ, ଗୋଲୋକ ବିହାରୀ ପଲେଇ, ଡକ୍ଟର ପ୍ରତାପ ମହାପାତ୍ର, ପୀତାମ୍ବର ମହାପାତ୍ର, ଡକ୍ଟର ବିଷ୍ଣୁପ୍ରିୟା ଦାଶ, ସବିତା ମହାପାତ୍ର, ଅନଙ୍ଗ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କବି ବାସବ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭୁତି ଦାଶ ଧନ୍ୟବାଦ ଦେଇଥିଲେ।

### କାମରେ ଲାଗୁନି ମିଶନ ଶକ୍ତି ଗୃହ

ଏରସମା/ ତିର୍ତ୍ତୋଲ,୧୧।୮ (ସମିସ): ତିର୍ତ୍ତୋଲ ବ୍ଲକ୍ ଅଧୀନ ଇବ୍ରିସିଂ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ମିଶନ ଶକ୍ତି ଗୃହ କାର୍ଯ୍ୟରେ ଲାଗୁନି। ଉକ୍ତ ଗୃହ କାର୍ଯ୍ୟ ୨ ବର୍ଷରୁ ଅଧିକ ଦିନ



ପୂର୍ବରୁ ସମ୍ପୂର୍ଣ୍ଣ ହୋଇସାରିଲାଣି। ତାହା କାର୍ଯ୍ୟରେ ଲାଗୁନି। ସେହି ଘର ଉପରେ ଅନାବନା ଗଛ ମାଡ଼ିଗଲାଣି। ଏହି ଗୃହକୁ କାମରେ ଲଗାଇବାକୁ ସାଧାରଣରେ ଦାବି କରାଯାଇଛି।

**ଅଲ୍ ଓଡ଼ିଶା ରାଜସ୍ୱ ଅମଲା ସଙ୍ଘର କାମ ବନ୍ଦ ଆନ୍ଦୋଳନ**

## ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଜଗତସିଂହପୁର ଜିଲ୍ଲା କର୍ମଚାରୀ

ଜଗତସିଂହପୁର,୧୧।୮ (ସମିସ)

ଓଡ଼ିଶାର ସମସ୍ତ ଜିଲ୍ଲାରେ କାର୍ଯ୍ୟରତ ରାଜସ୍ୱ ଅମଲଙ୍କ ୧୦ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏ ସମ୍ପର୍କରେ ଆଲୋଚନା ଓ ପତ୍ରାଳାପ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲା ସାମୂହିକ ଛୁଟିରେ ଥିବାବେଳେ ଜଗତସିଂହପୁର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ଛୁଟିରେ ଅଛନ୍ତି। ସୂଚନା ମୁତାବକ, ଗତ ୮ ତାରିଖରେ ରାଜସ୍ୱ ଅମଲା ନିଜ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେନାହିଁ, ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି




ସଂଘର ଜଗତସିଂହପୁର ଜିଲ୍ଲା ସଭାପତି ନିହାର ଦାସ ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନ ସମୟରେ ଜନସାଧାରଣ ଯାହା ଅସୁବିଧାର ସମ୍ମୁଖୀନ ହେବେ, ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି। ଜିଲ୍ଲା ସଭାପତି ନିହାର ଦାସ ପ୍ରକାଶ କରିଛନ୍ତି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ୧୦ ଦଫା ଦାବି ପୂରଣ କରିବା ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗତମାସ ୯ ତାରିଖରେ ପ୍ରାୟ ଅଢ଼େଇ ଘଣ୍ଟା ଧରି ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହ ଆଲୋଚନା କରି ୧୫ ଦିନ ମଧ୍ୟରେ ଦାବି ପୂରଣ ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଜୁଲାଇ ୧୪ ତାରିଖରେ ହେବାକୁ ଥିବା ରାଜସ୍ୱ ଅମଲାଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିଲା। ୧୦ ତାରିଖ ସୁଦ୍ଧା ସରକାର ରାଜସ୍ୱ ଅମଲାଙ୍କ ଦାବି ପୂରଣ କରିବା ତ ଦୂରର କଥା, ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦ ପ୍ରତିଶତରୁ ୩୩ ପ୍ରତିଶତ କରିବା ସହ ଲେବେଲ-୯ରେ ଜଣେ ଜିଲ୍ଲାସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଫଳରେ ସମସ୍ତ ରାଜସ୍ୱ ଅମଲାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦୋନ୍ନତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ସେମାନେ ନାର୍ଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ଦକ୍ଷତାର ସହ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ଏହି ଆନ୍ଦୋଳନ ଫଳରେ ସରକାରୀ ସେବା ପାଇବାକୁ ଜନସାଧାରଣ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ସଙ୍ଘ କ୍ଷମା ପ୍ରାର୍ଥନା କରିଛି।

## ମହିଳାଙ୍କୁ ହତ୍ୟା ଉଦ୍ୟମ

କୁଜଙ୍ଗ,୧୧।୮ (ସମିସ): ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ ହୋଇଛି। ମହିଳାଙ୍କ ତଣ୍ଟି, ଗାଲ ଓ ହାତରେ କ୍ଷତ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକେ ଯୁବକକୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ଯୁବକ ଜଣକ ଗଞ୍ଜାମ ଜିଲ୍ଲା ଶେରଗଡ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। କୁଜଙ୍ଗ ପୁଲିସ ଘଟଣାର ତନାଘନା ଆରମ୍ଭ କରିଛି। କୁଜଙ୍ଗ ଥାନା ବଜେଇପୁର ପଞ୍ଚାୟତ ତକ୍ତିଆବାରାଟାଁ ଗ୍ରାମର ପ୍ରଭାତୀ ରାଉତ (୨୮ ବର୍ଷ) ବ୍ୟାଙ୍କ କାର୍ଯ୍ୟରେ ପାଟପୁର ଆସୁଥିଲେ। ଏହି ସମୟରେ ଶେରଗଡ ଅଞ୍ଚଳର ରାଜେଶ ବେହେରା (୩୧ ବର୍ଷ) ଓ ତା'ର ଦୁଇ ସହଯୋଗୀ ପାଟପୁରସ୍ଥ ଲେଭେଲ କ୍ରସିଂ ନିକଟରେ ମହିଳାଙ୍କୁ ଆକ୍ରମଣ କରିଥିଲେ। ମହିଳାଙ୍କ ତଣ୍ଟିରେ ଗଭୀର କ୍ଷତ ହେବା ସହିତ ଗାଲ ଓ ହାତରେ ଗଭୀର କ୍ଷତ ହୋଇଥିଲା। ସ୍ଥାନୀୟ ଲୋକେ ରାଜେଶ ବେହେରାଙ୍କୁ କାବୁ କରିନେଇଥିଲେ। ପରେ ମହିଳାଙ୍କୁ କୁଜଙ୍ଗ ମେଡିକାଲ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ଲୋକଙ୍କ ମାଡ଼ରେ ଆହତ ଅଭିଯୁକ୍ତ ରାଜେଶ ମଧ୍ୟ କୁଜଙ୍ଗ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟ ଦୁଇ ସହଯୋଗୀ ଫେରାର ହୋଇଯାଇଛନ୍ତି। ହତ୍ୟା ଉଦ୍ୟମର କାରଣ ଅସ୍ପଷ୍ଟ ରହିଛି।

## ‘ଶିକ୍ଷକ ଅନୈତିକ କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ’

ତିର୍ତ୍ତୋଲ,୧୧।୮ (ସମିସ): ଶିକ୍ଷକ ସବୁ ପ୍ରକାର ଅନୈତିକ କାର୍ଯ୍ୟରୁ ନିବୃତ୍ତ ରହନ୍ତୁ। ଯଦ୍ୱାରା ସମସ୍ତ ଶିକ୍ଷକ ସମାଜ ମୁଣ୍ଡ ଟେକି ହୋଇପାରିବେ ବୋଲି ତିର୍ତ୍ତୋଲଠାରେ ବ୍ଲକ୍ ଶିକ୍ଷକ ମହାସଂଘ ସାଂଗଠନିକ ବୈଠକରେ ନିଖିଳ



ଉତ୍କଳ ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲକ ବିହାରୀ ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ସଭାପତି ଶ୍ରୀ ଦାସଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ‘ଭୂମିପୁତ୍ର ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ସ୍ଥାନୀୟମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ସବୁ ବର୍ଗର ଶିକ୍ଷକଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଧର୍ମାନନ୍ଦ ମଲ୍ଲିକ, ବାସବ ନନ୍ଦ, ଦୀପକ କର, ପବିତ୍ର କର, ଅକ୍ଷୟ ସାହୁ, ସୁରେନ୍ଦ୍ର ମହାପାତ୍ର, କ୍ୟାପଟେନ ଜ୍ଞାନେନ ସାମନ୍ତରାୟ, ଯୁଗଳ ରାମ ଦାସ, ଅକ୍ଷୟ ନାୟକ, ବିଜୟ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଓ ପରାମର୍ଶଦାତା ଭାବେ ରହିଛନ୍ତି।

● ତିର୍ତ୍ତୋଲ କଲେଜ ଛାତ୍ରଙ୍କ ଅନଶନ

## ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ତିର୍ତ୍ତୋଲ, ୧୧।୮ (ସମିସ): ଆଦିକବି ସାରଳା ଦାସ ମହାବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ର ସଂଗଠନ ଛାତ୍ର ଆଜି କଲେଜ କାର୍ଯ୍ୟାଳୟ



ଆଗରେ ଆମରଣ ଅନଶନରେ ବସିଥିଲେ। ଛାତ୍ରୀ ନିବାସ କାର୍ଯ୍ୟକ୍ଷମ କରିବା, ପଛ ଭାଗରେ ପାଚେରି ନିର୍ମାଣ, କ୍ୟାଣ୍ଟିନ ପ୍ରତିଷ୍ଠା, ଆଇଡିପି କୋଠା ଘରକୁ ସଡ଼କ ନିର୍ମାଣ, ପ୍ରେକ୍ଷାଳୟ ନିର୍ମାଣ, ପରିସ୍ରାଗାର ଓ ଖେଳ ପଡିଆର ପୁନରୁଦ୍ଧାର, ଛାତ୍ରଙ୍କ ପାଇଁ ସାଧାରଣ କୋଠାରୀ ନିର୍ମାଣ, ଅଣଛାତ୍ର ପ୍ରବେଶ ନିଷେଧ ଆଦି ୧୧ ଦଫା ଦାବି କରାଯାଇଥିଲା। ଅପରାହ୍ନରେ ବିଡିଓ ଦୀପକ ସ୍ୱାଇଁ, ଏବିଡିଓ ସତ୍ୟଜିତ ସ୍ୱାଇଁ, ତହସିଲଦାର ମହେଶ୍ୱର ବେହେରା ପହଞ୍ଚି ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମମତା ରାଉତଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

## ସହିଦ ଖୁଦିରାମଙ୍କ ଫାଶୀ ଦିବସ ପାଳନ

ନାଉଗାଁ,୧୧।୮ (ସମିସ): ୧୯୦୮ ଆଜିର ଦିନରେ ୧୮ ବର୍ଷର ଖୁଦିରାମ ବୋଷଙ୍କୁ ଇଂରେଜ ଶାସକ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ। ଆଜି ତାଙ୍କର ଫାଶୀ ଦିବସ



ପାଳିତ ହୋଇଛି। ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦକ କମ୍ରେଡ ସୁବାସ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସହିଦ ଖୁଦିରାମଙ୍କ ଜୀବନର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ବିପ୍ଳବୀ ସଂଗୀତ ଗାନ କରାଯାଇଥିଲା। ଇତିଶ୍ରୀ ବିଶ୍ୱାଳ, ଅଭିପ୍ସା ମୁଦୁଲି, ଗଉରୀ ସାମଲ, ଅନନ୍ୟା ପ୍ରିୟଦର୍ଶିନୀ, ଆଦିତ୍ୟ ମୁଦୁଲି, ରାମଚନ୍ଦ୍ର ଭୋଇ, ଦୀପ୍ତିରଞ୍ଜନ ବିଶ୍ୱାଳ, ପ୍ରଜିତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାରାଦୀପ ପୌରପାଳିକା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ପାରାଦୀପ,୧୧।୮ (ସମିସ): ପାରାଦୀପ ପୌରପାଳିକା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ପାରାଦୀପର ସବୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ମହିଳା ସମିତି, ସ୍ୱୟଂସହାୟିକା ଗୋଷ୍ଠୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଭିନ୍ନ ଶିଳ୍ପସଂସ୍ଥାର ଶ୍ରମିକ ସାମିଲ ହୋଇଥିଲେ। ଶୋଭାଯାତ୍ରା ପାରାଦୀପ କଲେଜ ନିକଟରୁ ବାହାରି ବଡ଼ପଡିଆ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସର୍ବେଶ୍ୱର ବଳିୟାରସିଂ, ପାରାଦୀପ କଲେଜ ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ, ସାଂସଦଙ୍କ ପାରାଦୀପ ପ୍ରତିନିଧି ଗୌତମ ନାୟକ, ପୌରପାଳିକା ପାରିଷଦ ଯୋଗ ଦେଇଥିଲେ।

## ଭାରତୀୟ ହାଇକମିସନକୁ ପାଣି, ଗ୍ୟାସ୍ ବନ୍ଦ କଲା ପାକିସ୍ତାନ

ଇସଲାମାବାଦ, ୧୧।୮ (ଏଜେନ୍ସି): ଅପରେସନ ସିନ୍ଦୂର ଦ୍ୱାରା ଝଟ୍‌କା ଖାଇବା ପରେ ପାକିସ୍ତାନ ଏବେ ନିଜର ପରାଜୟକୁ ହଜମ କରିପାରୁନାହିଁ। ଫଳରେ ପାକିସ୍ତାନ ହୀନ କାର୍ଯ୍ୟ କରିବାକୁ ପଛାଉ ନାହିଁ। ଇସଲାମାବାଦସ୍ଥିତ ଭାରତୀୟ ହାଇକମିଶନରେ ନିୟୋଜିତ ଥିବା କର୍ମଚାରୀଙ୍କ ଉପରେ ପାକିସ୍ତାନ ରାଗ ସୁଝାଉଛି। ଭାରତୀୟ ଅଧିକାରୀ ଓ କର୍ମଚାରୀଙ୍କୁ ମୌଳିକ ସୁବିଧା ସୁଯୋଗ ଦେବାକୁ ପାକିସ୍ତାନ ବାରଣ କରିଛି ବୋଲି ଜଣାଯାଇଛି। ପାକିସ୍ତାନ ପାଣି, ଏଲ୍‌ପିଜି ଗ୍ୟାସ୍, ଓ ଖବର କାଗଜ ଦେବାକୁ ବାରଣ କରିଛି। ପାକିସ୍ତାନର ଏଭଳି କାର୍ଯ୍ୟ ଭିଏନା କନଭେସନର ଘୋର ଉଲ୍ଲଂଘନ କରୁଛି। ତେବେ ଏ ସଂକ୍ରାନ୍ତରେ ଭାରତ ଓ ପାକିସ୍ତାନ୍ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସିନ୍ଧୁ ଜଳ ଚୁକ୍ତିରୁ ଭାରତ ଓହରିଯିବା ପରେ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି। ଭାରତୀୟ ହାଇକମିଶନରେ ସୁଇ ନର୍ଦ୍ଦନ ଗ୍ୟାସ ପାଇପଲାଇନ୍ ଲିମିଟେଡ (ଏସ୍‌ଏନଜିପିଏଲ୍) ପାଇପ୍ ଲାଇନ୍ ଗ୍ୟାସର ସପ୍ଲାଇ କରିଥାଏ। କିନ୍ତୁ ଏହାକୁ ଜାଣିଶୁଣି ବନ୍ଦ କରିଦିଆଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପୁଣି ସ୍ଥାନୀୟ ଏଲ୍‌ପିଜି ସିଲଣ୍ଡର ବିକ୍ରି କରୁଥିବା ଲୋକଙ୍କୁ ପାକିସ୍ତାନ ଅଧିକାରୀମାନେ ଧମକ ଦେଇ ଭାରତୀୟ ହାଇକମିଶନ ଅଧିକାରୀଙ୍କୁ ନ ଦେବାକୁ ଧମକ ଦେଇଛନ୍ତି। ଫଳରେ ଭାରତୀୟ କର୍ମଚାରୀଙ୍କୁ ଖୋଲା ବଜାରରେ ମହଙ୍ଗା ମୂଲ୍ୟରେ ସିଲିଣ୍ଡର କିଣିବାକୁ ପଡୁଛି। ସେହିପରି ପାଣି ବିକ୍ରେତାଙ୍କୁ ମଧ୍ୟ ଧମକ ଦିଆଯାଇଛି। ସାମାନ୍ୟ ଭାବେ ଉପଲବ୍ଧ ପାଣି ଖାଇବା କିମ୍ବା ପିଇବା ଯୋଗ୍ୟ ହୋଇ ନଥିବାରୁ କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ସବୁ ବାସହରାଙ୍କୁ ହଟାଇବେ ଟ୍ରମ୍ପ

ୱାଶିଂଟନ, ୧୧।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ଘୋଷଣା କରି ବିବାଦ ସୃଷ୍ଟି କରିଛନ୍ତି। ରାଜଧାନୀ ୱାଶିଂଟନରୁ ସବୁ ବାସହରା ଲୋକଙ୍କୁ ହଟାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧ ସମସ୍ୟାକୁ ନିୟନ୍ତ୍ରଣ ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ଏହି ବାସହରାଙ୍କୁ ରହିବା ପାଇଁ ରାଜଧାନୀଠାରୁ ବହୁତ ଦୂରରେ ସ୍ଥାନ ଦିଆଯିବ। କିନ୍ତୁ ଅପରାଧୀଙ୍କୁ କେଉଁଠାକୁ ପଠାଯିବ ନାହିଁ। କାରଣ ଏମାନେ ଜେଲ୍‌ରେ ହିଁ ରହିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସାମାଜିକ ଗଣମାଧ୍ୟମରେ କେତୋଟି ତମ୍ବୁ, ଆବର୍ଜନାର ଫଟୋ ପୋଷ୍ଟ କରି ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ୱାଶିଂଟନକୁ ଏବେ ପୁଣିଥରେ ସଫା ସୁତୁରା କରାଯିବା ସହ ସୁରକ୍ଷିତ ରଖିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏଥିପାଇଁ ସେ ୱାଶିଂଟନରେ ନ୍ୟାସନାଲ ଗାର୍ଡ ସହିତ ୪୫୦ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି।

## ମୋଦୀଙ୍କ ସହ କଥାହେଲେ ଜେଲେଁସ୍କି

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସନ୍ଧ୍ୟାରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କିଙ୍କ ସହ କଥା ହୋଇଛନ୍ତି। ରୁଷ ସହ ଚାଲିଥିବା ଯୁଦ୍ଧର ଯଥାଶୀଘ୍ର ଶାନ୍ତିପୂର୍ଣ୍ଣ ସମାଧାନ ନେଇ ଭାରତର ସ୍ଥିର ମାନସିକତା ଓ ଭୂମିକା ସମ୍ପର୍କରେ ମୋଦୀ ତାଙ୍କୁ ଅବଗତ କରାଇଥିଲେ। ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସବୁପ୍ରକାର ସହଯୋଗ କରିବାକୁ ବଦ୍ଧପରିକର ବୋଲି ମୋଦୀ ଏକ୍ସରେ ସୂଚନା ଦେଇଛନ୍ତି। ଏହି ସମୟରେ ରୁଷରୁ ସୀମିତ ପରିମାଣର ତୈଳ ଆମଦାନୀ କରିବା ପାଇଁ ଜେଲେଁସ୍କି ମୋଦୀଙ୍କୁ କହିଥିଲେ। ବିପୁଳ ପରିମାଣରେ ତୈଳ ଓ ଶକ୍ତି ସାମଗ୍ରୀ କ୍ରୟ କରିବା ଦ୍ୱାରା ଯୁଦ୍ଧରେ ରୁଷିଆକୁ ଆର୍ଥିକ ସହାୟତା ଓ ବଳ ମିଳୁଥିବା ଉଲ୍ଲେଖ କରିଥିଲେ।

## ବିହାର ବନ୍ୟାରେ ୧୦ ଲକ୍ଷ ପ୍ରଭାବିତ

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଉତ୍ତରପ୍ରଦେଶ ଓ ବିହାରରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିଛି। ବିହାରର ୭ଟି ଜିଲ୍ଲାର ୧୦ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଗଙ୍ଗା ସମେତ ବିହାରରେ ୧୦ଟି ପ୍ରମୁଖ ନଦୀର ଜଳସ୍ତର ବିପଦ ସଂକେତ ଉପରେ ରହିଛି। ଏପର୍ଯ୍ୟନ୍ତ ୧୧ ଜଣ ଲୋକ ମୃତ୍ୟୁବରଣ କଲେଣି। ସେହିପରି ଉତ୍ତରପ୍ରଦେଶ ମୁରାଦାବାଦର ରାମଗଙ୍ଗା ନଦୀରେ ବନ୍ୟା ଆସିଛି। ଗତ ୨୪ ଘଣ୍ଟା ମଧ୍ୟରେ ୟୁପିରେ ୫୪ ଜିଲ୍ଲାରେ ୫.୯ ମିମି ବର୍ଷା ହୋଇଛି। ସେହିପରି ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ କାରଣରୁ ଏନ୍‌ଏଚ୍-୩୦୫ ସମେତ ୩୬୦ରୁ ଊର୍ଦ୍ଧ୍ୱ ସଡକ ବନ୍ଦ ହୋଇଛି। ଏପର୍ଯ୍ୟନ୍ତ ୧୧୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୭ ଜଣ ନିଖୋଜ ଅଛନ୍ତି। ଅନ୍ୟପଟେ ଉତ୍ତରାଖଣ୍ଡରେ ଉତ୍ତରକାଶୀରୁ ରବିବାର ୨୦ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

## ଖାଇକୁ ପିକ୍‌ଅପ୍ ଖସି ୬ ମହିଳା ମୃତ

ମୁମ୍ବଇ, ୧୧।୮ (ଏଜେନ୍ସି): ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଖେଡ ତାଲୁକାରେ ସୋମବାର ଦ୍ୱିପହରେ ବଡ଼ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ଜିପ୍ ନିୟନ୍ତ୍ରଣ ହରାଇ ଖାଇକୁ ଖସି ପଡ଼ିବାରୁ ୬ ମହିଳା ମୃତ୍ୟୁବରଣ କରିଛନ୍ତି। ୨୨ରୁ ଊର୍ଦ୍ଧ୍ୱ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। କୁଣ୍ଡେଶ୍ୱର ମନ୍ଦିରକୁ ଦର୍ଶନ ପାଇଁ କ୍ଷମତାରୁ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ପିକ୍‌ଅପ୍‌ରେ ଯାତ୍ରା କରୁଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

## ୧ରୁ ଦିଲ୍ଲୀ-ୱାଶିଂଟନ୍ ବିମାନ ଉଡାଣ ବନ୍ଦ

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ସେପ୍ଟେମ୍ବର ୧ରୁ ଦିଲ୍ଲୀରୁ ୱାଶିଂଟନ ଯାଉଥିବା ବିମାନ ଉଡାଣକୁ ବନ୍ଦ କରାଯିବ ବୋଲି ଏୟାର ଇଣ୍ଡିଆ ତରଫରୁ ସୋମବାର ଘୋଷଣା କରାଯାଇଛି। ପରିଚାଳନା ଗତ କାରଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଉଡାଣ ପାଇଁ ବହୁ ଏୟାର ଇଣ୍ଡିଆ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଉପଲବ୍ଧ ହେବ ନାହିଁ। ଅହମଦାବାଦ ବିମାନ ଦୁର୍ଘଟଣାର ଦୁଇମାସ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକ ସଂଖ୍ୟାରେ ବିମାନ ନ ଥିବାରୁ ଓ ଏୟାର ଇଣ୍ଡିଆର ପୂରା ନେଟ୍‌ୱର୍କର ବିଶ୍ୱସନୀୟତାକୁ ବଜାୟ ରଖିବା ପାଇଁ ଏହାର ଆବଶ୍ୟକତା ଥିଲା ବୋଲି କୁହାଯାଇଛି। ୨୦୨୬ ଶେଷ ଆଡକୁ ବିମାନ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି।

# ଗାଜାରେ ଇସ୍ରାଏଲ ସେନାର ଆକ୍ରମଣ

## ୫ ସାମ୍ବାଦିକ ନିହତ, ସାମ୍ବାଦିକଙ୍କୁ ହମାସ୍ ଆତଙ୍କବାଦୀ କହିଲା ଆଇଡିଏଫ୍

## ଗାଜାରେ ଏ ପର୍ଯ୍ୟନ୍ତ ଗଲାଣି ୨୦୦ ସାମ୍ବାଦିକଙ୍କ ଜୀବନ

ଗାଜା, ୧୧।୮ (ଏଜେନ୍ସି): ଗାଜାରେ ଇସ୍ରାଏଲ ସେନା (ଆଇଡିଏଫ)ର ବର୍ବରତା ସୀମା ଟପିଛି। ସାଧାରଣ ନାଗରିକଙ୍କ ଜୀବନ ନେଉଥିବା ଆଇଡିଏଫ୍ ଏବେ ସାମ୍ବାଦିକଙ୍କୁ ହତ୍ୟା କରିବାକୁ ବି ପଛାଇ ନାହିଁ। ଇସ୍ରାଏଲ ସେନା ରବିବାର ରାତିରେ ଗାଜାର ଅଲ୍-ସିଫା ଡାକ୍ତରଖାନା ନିକଟରେ ଶିବିର ବନାଇ ରହୁଥିବା ସାମ୍ବାଦିକଙ୍କ ଉପରେ ଜୋରଦାର ଆକ୍ରମଣ କରିଛି। ଏଥିରେ ଅତିକମ୍‌ରେ ୫ ଜଣ ସାମ୍ବାଦିକଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ରିପୋର୍ଟର ଅନସ ଅଲ-ସରିଫ (୨୮) ଏବଂ ମହମ୍ମଦ କରିକେହ, କ୍ୟାମେରାମ୍ୟାନ ଇବ୍ରାହିମ ଜହିର, ମୋଆମେନ ଅଲିଭା ଏବଂ ମହମ୍ମଦ ନୌଫଲ ସାମିଲ ଅଛନ୍ତି। ଏହି ଆକ୍ରମଣରେ ସାମ୍ବାଦିକଙ୍କ ସମେତ ମୋଟ ୭ ଜଣଙ୍କ ମୃତ୍ୟୁ ହୋଇଛି। ରିପୋର୍ଟର ଅନସଙ୍କୁ ନିଶାଣ କରି ଏହି ଆକ୍ରମଣ ହୋଇଥିବା ଇସ୍ରାଏଲ ସ୍ୱୀକାର କରିଛି।





ଆଇଡିଏଫ ଅନସଙ୍କୁ ଆତଙ୍କବାଦୀ କହିଛି। ସେ ହମାସର ଆତଙ୍କବାଦୀ ସେଲ୍‌ର ମୁଖ୍ୟ ଭାବେ କାମ କରିଥିଲା ବୋଲି କୁହାଯାଇଛି। ସେ ଇସ୍ରାଏଲ ନାଗରିକ ଏବଂ ସୈନିକଙ୍କ ଉପରେ ରକେଟ୍ ଆକ୍ରମଣ କରୁଥିଲା। ଗାଜାରେ ରିପୋର୍ଟିଂ କରୁଥିବା ପରିଚିତ ସାମ୍ବାଦିକଙ୍କ ମଧ୍ୟରୁ ଅନିସ ଅନ୍ୟତମ ଥିଲେ। ରିପୋର୍ଟିଂ ପାଇଁ ତାଙ୍କୁ ୨୦୧୮ ରେ ପାଲେଷ୍ଟାଇନରେ 'ଶ୍ରେଷ୍ଠ ଯୁବ ସାମ୍ବାଦିକ'ର ପୁରସ୍କାର ମିଳିଥିଲା। ସେ ମୃତ୍ୟୁର କିଛି ସମୟ ପୂର୍ବରୁ ଇସ୍ରାଏଲ ସେନା ବୋମାମାଡ଼ର ଭିଡିଓ ସେୟାର କରିଥିଲେ। କ୍ରମାଗତ ଦୁଇ ଘଣ୍ଟା ହେଲା ଇସ୍ରାଏଲ ବୋମା ମାଡ଼ କରୁଥିବା କହିଥିଲେ। ଏହା ପୂର୍ବରୁ ୨୦୨୩ ଡିସେମ୍ବରରେ ଅନସଙ୍କ ପିତା ଇସ୍ରାଏଲ ବୋମାମାଡ଼ରେ ପ୍ରାଣ ହରାଇ ଥିଲେ। ସେ ଜବାଲିଆ ଶରଣାର୍ଥୀ ଶିବିରରେ ଥିଲେ। ପିତାଙ୍କ ମୃତ୍ୟୁ ସତ୍ତ୍ୱେ ସେ ଗାଜାରେ ରିପୋର୍ଟିଂ ଜାରି ରଖିଥିଲେ।

୨୨ ମାସ ହେଲା ଗାଜାରେ ଚାଲିଥିବା ଯୁଦ୍ଧରେ ଏ ପର୍ଯ୍ୟନ୍ତ ୨୦୦ ସାମ୍ବାଦିକଙ୍କ ଜୀବନ ଗଲାଣି। ଅନସଙ୍କ ମୃତ୍ୟୁକୁ ନେଇ ଗାଜାର ସାମ୍ବାଦିକ ସୁରକ୍ଷା ସମିତି (ସିପିଜେ) ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ବିନା ପ୍ରମାଣରେ ସାମ୍ବାଦିକଙ୍କୁ ଆତଙ୍କବାଦୀ କହିବା ଏବଂ ସାମ୍ବାଦିକଙ୍କ ସ୍ୱାଧୀନତା ପ୍ରତି ଇସ୍ରାଏଲର ଆଭିମୁଖ୍ୟକୁ ଦର୍ଶାଉଛି। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଗାଜାକୁ କବ୍‌ଜା କରିବା ପାଇଁ ଯୋଜନା କରିଥିଲେ। ଗାଜା ଷ୍ଟ୍ରିପ୍‌ର ଉତ୍ତରାଞ୍ଚଳରେ ଥିବା ଗାଜା ସିଟିକୁ କବ୍‌ଜା ପାଇଁ ଇସ୍ରାଏଲ ସୁରକ୍ଷା କ୍ୟାବିନେଟ ମଧ୍ୟ ସେନାକୁ ମଞ୍ଜୁରି ଦେଇଥିଲା। ପ୍ରଧାନମନ୍ତ୍ରୀଙ୍କ ଅଫିସ ପକ୍ଷରୁ ଏହାର ସୂଚନା ଦିଆଯାଇଥିଲା। ତେବେ ଏହି ଯୋଜନାକୁ ଇସ୍ରାଏଲ ସେନାମୁଖ୍ୟ ବିରୋଧ କରିଥିଲେ।

## ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ଦେବ ଅଷ୍ଟ୍ରେଲିଆ

କାନବେରା, ୧୧।୮ (ଏଜେନ୍ସି): ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେବାକୁ ଆଉ ଏକ ଦେଶ ଘୋଷଣା କରିଛି। ବ୍ରିଟେନ, ଫ୍ରାନ୍ସ, କାନାଡ଼ା ପରେ ଏବେ ଅଷ୍ଟ୍ରେଲିଆ ଏହି ଘୋଷଣା କରିଛି। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ୍ ଆସନ୍ତା ମାସରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ସୋମବାର କହିଛନ୍ତି। ଯେତେବେଳେ ଫ୍ରାନ୍ସ ଏହି ଘୋଷଣା କରିଥିଲା, ସେତେବେଳେ ଅଷ୍ଟ୍ରେଲିଆ ଏହାକୁ ସମର୍ଥନ କରି ନ ଥିଲା। ଏଭଳି ନିଷ୍ପତ୍ତି ନେବ ନାହିଁ ବୋଲି କୁହା ଯାଇଥିଲା। କିନ୍ତୁ ଗତ ଦୁଇ ସପ୍ତାହ ହେଲା ବ୍ରିଟେନ, ଫ୍ରାନ୍ସ, ନ୍ୟୁଜିଲାଣ୍ଡ ଓ ଜାପାନ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ନ୍ୟୁଜିଲାଣ୍ଡର ବୈଦେଶିକ ମନ୍ତ୍ରୀ ବିଙ୍ଗଷ୍ଟନ ପିଟର୍ସ ମଧ୍ୟ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେବାକୁ ବିଚାର କରାଯାଉଛି ବୋଲି କହିଛନ୍ତି। ଗାଜାରେ ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଓ ଏହା ଏକ ଦୁଃସ୍ୱପ୍ନ ପରି ଲାଗୁଛି। ଇସ୍ରାଏଲ କ୍ରମାଗତ ଭାବେ ଅନ୍ତର୍ଜାତୀୟ ଆଇନକୁ ଅଣଦେଖା କରୁଛି । ତେଣୁ ଏ ସବୁ ସମସ୍ୟାର ସମାଧାନ ପାଇଁ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେବାର ସମୟ ଆସିଯାଇଛି ବୋଲି ସେ କହିଛନ୍ତି। ତେବେ ଏଥିପାଇଁ ଅଷ୍ଟ୍ରେଲିଆ କେତୋଟି ସର୍ତ୍ତ ରଖିଛି। ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇବା ପରେ ପାଲେଷ୍ଟାଇନ୍ ତା'ର ଅଞ୍ଚଳରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରଶୟ ଦେବା ଉଚିତ ନୁହଁ ବୋଲି ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, ଭାରତ ସମେତ ବିଶ୍ୱର ୧୪୫ଟି ଦେଶ ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେବାକୁ ଘୋଷଣା କରିସାରିଛନ୍ତି।

# ମୁନୀରଙ୍କ ପରମାଣୁ ଧମକକୁ ଭାରତର କଡ଼ା ଜବାବ

ଟେକ୍ସାସ୍, ୧୧।୮ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ଅସିମ ମୁନୀରଙ୍କ ପରମାଣୁ ଧମକକୁ ଭାରତ କଡ଼ା ଜବାବ ଦେଇଛି। ଭାରତ ପରମାଣୁ ବ୍ଲାକମେଲ ଅର୍ଥାତ ପରମାଣୁ ବୋମା ଧମକ ଆଗରେ ନଇଁଯିବ ନାହିଁ। ନିଜକୁ କିପରି ସୁରକ୍ଷିତ ରଖାଯିବ ତାହା ଆମକୁ ଭଲ ଭାବେ ଜଣା। ପରମାଣୁ ଅସ୍ତ୍ର ଦେଖାଇବା ପାକିସ୍ତାନର ପୁରୁଣା ଅଭ୍ୟାସ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ମୁନୀରଙ୍କ ଏଭଳି ମନ୍ତବ୍ୟ ଦାୟିତ୍ୱହୀନାତକୁ ସୂଚାଉଛି। ପୁଣି ବିଶ୍ୱରେ ମହାଶକ୍ତି ଭବେ ସର୍ବମାନ୍ୟ ହୋଇଥିବା ଆମେରିକା ଭଳି ଦେଶରେ ରହି ଏଭଳି ଧମକ ଦେବାକୁ ଆଦୌ ହାଲକା ଭାବେ ଗ୍ରହଣ କରାଯାଇପାରି ନାହିଁ। ଏହା ଦୁର୍ଭାଗ୍ୟଜନକ ବୋଲି ଭାରତ ହୃଦୟଙ୍ଗମ କରିଛି। ଯେଉଁ ଦେଶରେ ପରମାଣୁ ଅସ୍ତ୍ର ସୁରକ୍ଷିତ ନାହିଁ, ସେହି ଦେଶରେ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ସମ୍ପର୍କ ଥିବା ଧରି ନିଆଯାଏ। ଭାରତ ଓ ଆମେରିକା ମଧ୍ୟରେ ଟାରିଫ୍‌କୁ ନେଇ ସଂଘର୍ଷ ଚାଲିଥିବା ବେଳେ ମୁନୀରଙ୍କ ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହଁ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



**ଭାରତ ଏଭଳି ଧମକ ଆଗରେ ନଇଁବ ନାହିଁ**

**ଆମେରିକା ମାଟିରୁ ମୁନୀରଙ୍କ ଧମକ ଦୁର୍ଭାଗ୍ୟଜନକ**

ମୁନୀର ଏବେ ଆମେରିକା ଗସ୍ତରେ ଅଛନ୍ତି। ଗତ ଦୁଇମାସରେ ସେ ଦ୍ୱିତୀୟଥର ଆମେରିକା ଯାଇଛନ୍ତି। ଭାରତ ସିନ୍ଧୁ ନଦୀ ଉପରେ ଡ୍ୟାମ ବନାଇଲେ ଆମେ ମିସାଇଲ ମାଡ଼ କରି ତାହକୁ ଭାଙ୍ଗିଦେବୁ ବୋଲି ସେ ରବିବାର କହିଥିଲେ। ସିନ୍ଧୁ ନଦୀ ଭାରତର ପାରିବାରିକ ସମ୍ପତ୍ତି ନୁହଁ। ଆମେ ପାଖରେ ମିସାଇଲର ଅଭାବ ନାହିଁ। ସିନ୍ଧୁ ଚୁକ୍ତି ଭାରତ ରଦ୍ଦ କଲେ, ପାକିସ୍ତାନରେ ୨୫ କୋଟି ଲୋକ ଅନାହାର ମୃତ୍ୟୁ ସଂକଟରେ ପଡ଼ିବେ। ପାକିସ୍ତାନ ଏକ ପରମାଣୁ ଶକ୍ତିସମ୍ପର୍ଣ୍ଣ ରାଷ୍ଟ୍ର। ଯଦି ଆମେ ବୁଡ଼ିବୁ, ତାହାଲେ ଅଧା ଦୁନିଆକୁ ସାଙ୍ଗରେ ନେଇ ବୁଡିବୁ ବୋଲି ସେ ଧମକ ଦେଇଥିଲେ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ମୁନୀର ତାଙ୍କ ପ୍ରଥମ ଆମେରିକା ଗସ୍ତ ଅବସରରେ ପ୍ରସ୍ତାବ ଦେଇଥିଲେ। ଅନ୍ୟପଟେ ଇସ୍ରାଏଲ ବନ୍ଧୁ ରାଷ୍ଟ୍ର ଭାରତକୁ ଅକୁଣ୍ଠ ସମର୍ଥନ ଦେଇଛି। ଭାରତକୁ ସମର୍ଥନ ଜାରି ରଖିବୁ ବୋଲି କୁହାଯାଇଛି।

## ସଂସଦଙ୍କ ୧୮୪ ଫ୍ଲାଟ୍ ଉଦ୍‌ଘାଟନ କଲେ ମୋଦୀ



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ଥାନୀୟ ବାବା ଖଡକ ସିଂ ମାର୍ଗରେ ସାଂସଦଙ୍କ ପାଇଁ ନିର୍ମିତ ହୋଇଥିବା ୧୮୪ଟି ନୂଆ ଫ୍ଲାଟ୍‌କୁ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ସବୁ ଫ୍ଲାଟ୍ ଟାଇପ୍-୭ର ବହୁତଳ ଆପାର୍ଟମେଣ୍ଟ। ମୋଦୀ ଅପରେସନ ସିନ୍ଦୂରର ଚାରା ମଧ୍ୟ ଲଗାଇଥିଲେ। ସେ ମଧ୍ୟ ଏହି ଫ୍ଲାଟ ନିର୍ମାଣରେ ନିୟୋଜିତ ଶ୍ରମିକମାନଙ୍କୁ ଭେଟିଥିଲେ। ୪ଟି ଟାୱାରରେ ଏହି ଫ୍ଲାଟଗୁଡିକ ରହିଛି। ଏହି ଟାୱାର ବା ସୌଧଗୁଡିକର ନାମ ଭାରତର ୪ଟି ପ୍ରମୁଖ ନଦୀଙ୍କ ନାମରେ ନାମିତ। ସେଗୁଡିକ ହେଲା କୃଷ୍ଣା, ଗୋଦାବରୀ, କୋଶୀ ଓ ହୁଗୁଳି। ସଂସଦଙ୍କ ପାଇଁ ଆବଶ୍ୟକ ସଂଖ୍ୟାରେ ବାସଭବନ ନ ଥିବାରୁ ଏହି ସବୁ ଫ୍ଲାଟ ନିର୍ମାଣ କରାଯାଇଛି। ସୀମିତ ଜମି ଥିବାରୁ ଉଚ୍ଚ ଟାୱାର ନିର୍ମାଣ କରାଯାଇଛି। ଅଳ୍ପ ଜାଗାରେ ନିର୍ମିତ ହୋଇଥିବାରୁ ଏହି ଫ୍ଲାଟଗୁଡିକର ରକ୍ଷଣାବେକ୍ଷଣ ମଧ୍ୟ ସହଜ ହେବ। ଏହି ଫ୍ଲାଟଗୁଡିକରେ ଅତ୍ୟାଧୁନିକ ସୁବିଧା ସୁଯେଗା ଉପଲବ୍ଧ ହେବ। ଏଥିରେ ଗ୍ରୀନ୍ ଟେକ୍ନୋଲୋଜି ବ୍ୟବହୃତ ହୋଇଛି। ଫଳରେ ଏହା ପରିବେଶ ଅନୁକୂଳ ହେବା ସହ ଶକ୍ତି ଅପଚୟକୁ ରୋକିବାରେ ସମର୍ଥ ହେବ। ଏହି ପ୍ରକଳ୍ପକୁ ଜିଆରଆଇଏଚ୍‌ଏ ୩- ଷ୍ଟାର ରେଟିଂର ମାନଦଣ୍ଡରେ ୨୦୧୬ର ନ୍ୟାସନାଲ ବିଲ୍ଡିଂ କୋଡର ନିୟମ ଅନୁସାରେ ନିର୍ମାଣ କରାଯାଇଛି। ସାଂସଦଙ୍କ ଏହି ଫ୍ଲାଟ ସବୁ ୫ ହଜାର ବର୍ଗ ଫୁଟ୍ ବିଶିଷ୍ଟ। ଏଠାରେ ସାଂସଦଙ୍କ ବାସଭବନ ସହ, ତାଙ୍କ କାର୍ଯ୍ୟାଳୟ, ଷ୍ଟାଫଙ୍କ କୋଠରୀ ଓ ସାମୁଦାୟିକ କେନ୍ଦ୍ର ବି ରହିଛି। ସବୁ ଟାୱାର ଭୂକମ୍ପ ନିରୋଧୀ ଓ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥା ପାଇଁ ଦୃଢ଼ ବ୍ୟବସ୍ଥା କରାଯାଇଛି। ଏଗୁଡିକର ନିର୍ମାଣରେ ନୂଆ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି।

## ବିଦାହେଲେ କର୍ଣ୍ଣାଟକ ମନ୍ତ୍ରୀ

**ଭୋଟର ତାଲିକାରେ ଜାଲିଆତି କଂଗ୍ରେସର ବିଫଳତା କହିଥିଲେ ରାଜନ୍ନା**

**ରାହୁଲ ସତ୍ୟର ସାମ୍‌ନା କରିପାରୁନାହାନ୍ତି: ବିଜେପି**

ବେଙ୍ଗାଲୁରୁ, ୧୧।୮ (ଏଜେନ୍ସି): କର୍ଣ୍ଣାଟକମନ୍ତ୍ରୀ କେଏନ ରାଜନ୍ନା ସୋମବାର କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ଭୋଟର ତାଲିକାରେ ଜାଲିଆତିକୁ ନେଇ ନିଜ ଦଳକୁ ସମାଲୋଚନା କରିବାରୁ ସେ କଂଗ୍ରେସ ହାଇକମାଣ୍ଡଙ୍କ ରୋଶର ଶିକାର ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସହ ବରିଷ୍ଠ କଂଗ୍ରେସ ନେତା କେସି ବେଣୁଗୋପାଳ କଥା ହେବା ପରେ ରାଜନ୍ନାଙ୍କୁ ପଦ ଛାଡ଼ିବାକୁ କୁହାଯାଇଥିଲା ବୋଲି ରିପୋର୍ଟ ଆସିଛି। ଭୋଟର ତାଲିକାରେ ନିର୍ବାଚନ କମିଶନ ଜାଲିଆତି କରୁଥିବା ନେଇ କଂଗ୍ରେସ ଅଭିଯୋଗ କରୁଥିବାବେଳେ ସେ ପଦରୁ ଇସ୍ତଫା ଦେଇଛନ୍ତି।

ଏହା ପୂର୍ବରୁ ରବିବାର ତୁମକୁରରେ ରାଜନ୍ନା ନିଜ ଦଳ ଉପରେ ଅଭିଯୋଗ ଲଗାଇ କହିଥିଲେ ଯେ କର୍ଣ୍ଣାଟକରେ ଦଳ କ୍ଷମତାରେ ଥିବାବେଳେ ଭୋଟର ତାଲିକା ପ୍ରସ୍ତୁତ କରାଯାଇଥିଲା। ସେତେବେଳେ ଦଳ କାହିଁକି ଏହାକୁ ନେଇ ଆଖି ବନ୍ଦ କରି ଦେଇଥିଲା? ଯଦି ଆଖି ସାମ୍‌ନାରେ ଜାଲିଆତି ହେଉଥିବାବେଳେ ଆପତ୍ତି ଉଠାଇଲେ ନାହିଁ ତେବେ ଆଜି ଅଭିଯୋଗ କରିବାର ଆବଶ୍ୟକତା ନାହିଁ। ଜଣେ ବ୍ୟକ୍ତିଙ୍କ ନାମ ତିନୋଟି ସ୍ଥାରେ ରେକର୍ଡ ଥିଲା। କମ୍ ଜନସଂଖ୍ୟା ଥିବା ସ୍ଥାନରେ ସନ୍ଦେହଜନକ ନାମ ସାମିଲ କରାଯାଇଥିଲା। ଏ ସବୁ ଆମ ଆଖି ସାମ୍‌ନାରେ ହୋଇଥିଲା। କିନ୍ତୁ ଏହାର ଯାଞ୍ଚ କରାଯାଇ ନ ଥିଲା। ଏହା କଂଗ୍ରେସର ବିଫଳତା। ଇସି ଭୋଟର ତାଲିକାରେ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀଙ୍କୁ ସହଯୋଗ କରିଥିଲେ। ମହାଦେବପୁରାରେ ଅନେକ ଅନିୟମିତତା ହୋଇଥିଲା, କିନ୍ତୁ ଆମ ଦଳ ଚୁପ୍ ରହିଥିଲା। ଅନ୍ୟପକ୍ଷରେ ରାଜନ୍ନାଙ୍କ ଇସ୍ତଫାକୁ ନେଇ ବିଜେପି କଂଗ୍ରେସକୁ ସମାଲୋଚନା କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ସତ୍ୟର ସାମ୍‌ନା କରିପାରୁ ନାହାନ୍ତି ବୋଲି କୁହାଯାଇଛି।

**ସେନାର ଆଇନଗତ ଶାଖାରେ ସଂରକ୍ଷଣକୁ ଉଚ୍ଛେଦ କଲେ ସୁପ୍ରିମକୋର୍ଟ**

## ପୁରୁଷଙ୍କ ପାଇଁ ପଦବୀ ସଂରକ୍ଷିତ ରଖିପାରିବେନି

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଭାରତୀୟ ସେନାର ଆଇନଗତ ଶାଖା ଜଜ୍ ଆଡଭୋକେଟ ଜେନେରାଲ (ଜେଏଜି) ରେ ଥିବା ସଂରକ୍ଷଣ ନୀତିକୁ ସୁପ୍ରିମକୋର୍ଟ ସୋମବାର ଉଚ୍ଛେଦ କରି ଦେଇଛନ୍ତି। ଏହି ଶାଖାରେ ୨ ଅନୁପାତ ୧ରେ ପୁରୁଷ ଏବଂ ମହିଳାଙ୍କୁ ନିଯୁକ୍ତି ଦିଆଯାଉଥିଲା। ଦୁଇ ମହିଳା ଆଶାୟୀଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ପୁରୁଷଙ୍କ ପାଇଁ କୌଣସି ପଦବୀକୁ ସରକାର ସଂରକ୍ଷଣ କରି ରଖିପାରିବେ ନାହିଁ। ଏହି ନୀତି ମନମୁଖୀ। ଏହା ସମ୍ବିଧାନର ସମାନତା ଅଧିକାରକୁ ଉଲ୍ଲଘଂନ କରୁଛି। ମହିଳାଙ୍କ ପଦବୀକୁ ସୀମିତ କରିବା ଭୁଲ୍। ସବୁଠାରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ଲିଙ୍ଗଗତ ସମାନତାର ଉଦ୍ଦେଶ୍ୟ। କୌଣସି ଦେଶ ଯୋଗ୍ୟତାକୁ ଛାଡ଼ି ଭେଦଭାବପୂର୍ଣ୍ଣ ନୀତି ଆପଣାଇଲେ ସୁରକ୍ଷିତ ରହିପାରିବ ନାହିଁ। ଏବେଠାରୁ ଯୁଗ୍ମ ଯୋଗ୍ୟ ତାଲିକା ଆଧାରରେ ନିଯୁକ୍ତି କରାଯାଉ। ପୁରୁଷ ଏବଂ ମହିଳାଙ୍କ ପାଇଁ ଅଲଗା ଅଲଗା କୋଟା ନ ରଖାଯାଉ ବୋଲି ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

ସୂଚନା ଅନୁଯାୟୀ ଦୁଇ ମହିଳା ଆବେଦନକାରୀ ଯୋଗ୍ୟ ତାଲିକାର ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଥିଲେ। କିନ୍ତୁ କେବଳ ତିନୋଟି ପଦବୀ ଥିବାରୁ ତାଙ୍କୁ ନିଯୁକ୍ତି ମିଳି ନ ଥିଲା। ମାତ୍ର ତାଙ୍କଠୁ କମ୍ ମାର୍କ ରଖିଥିବା ପୁରୁଷଙ୍କୁ ନିଯୁକ୍ତି କରାଯାଇଥିଲା। ସୁପ୍ରିମକୋର୍ଟ ଏହି ମାମଲାରେ ଜଣେ ଆବେଦନକାରୀଙ୍କୁ ତୁରନ୍ତ ସେବାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜେଏଜିରେ ମୋଟ ୯ ପଦବୀରେ ନିଯୁକ୍ତି ହେବାର ଥିଲା। ସଂରକ୍ଷଣ ନୀତି ଅନୁଯାୟୀ ୬ ପୁରୁଷ ଏବଂ ୩ ମହିଳାଙ୍କୁ ଚୟନ କରାଯାଇଥିଲା। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ ପୂର୍ବରୁ ମହିଳାଙ୍କୁ କମ୍ ସୁଯୋଗ ମିଳିଛି। ଏହାକୁ ଭରଣା କରିବା ପାଇଁ ଅତିକମ୍‌ରେ ୫୦ ପ୍ରତିଶତ ସିଟ୍ ମହିଳାଙ୍କୁ ଦିଆଯାଉ। କିନ୍ତୁ ଯଦି ପୁରୁଷଙ୍କ ଠାରୁ ମହିଳା ଅଧିକ ଯୋଗ୍ୟ ହୋଇଥିବେ ତେବେ ତାଙ୍କୁ ୫୦ ପ୍ରତିଶତରେ ସୀମିତ ରଖିବା ଭୁଲ୍ ହେବ।

# ଦିଲ୍ଲୀରେ ବୁଲା କୁକୁରଙ୍କ ଉତ୍ପାତ: ୨୦୨୪ରେ ୩୭ ଲକ୍ଷଙ୍କୁ କାମୁଡ଼ିଥିଲେ

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଦେଶରେ ବୁଲା କୁକୁର ଆତଙ୍କ ସୃଷ୍ଟି କରିଛନ୍ତି। ରାସ୍ତାରେ ଲୋକଙ୍କୁ ବି ଚଲାଇ ଦେଉନାହାନ୍ତି। କାମୁଡି ଅନେକ ଜୀବନ ମଧ୍ୟ ନେଲେଣି। ଏପରି ସମୟରେ ଦିଲ୍ଲୀ-ଏନ୍‌ସିଆରର ସ୍ଥିତିକୁ ନେଇ ସୁପ୍ରିମକୋର୍ଟ ସୋମବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ୮ ସପ୍ତାହ ମଧ୍ୟରେ ଦିଲ୍ଲୀ ଏବଂ ଏନ୍‌ସିଆରରୁ ସବୁ ବୁଲା କୁକୁରଙ୍କୁ ହଟାଇବାକୁ କୋର୍ଟ ପୌର ନିଗମକୁ କହିଛନ୍ତି। କୁକୁରଙ୍କୁ ତୁରନ୍ତ ଧରି ବନ୍ଧ୍ୟାକରଣ କରିବାକୁ ଏବଂ ସ୍ଥାୟୀ ଭାବେ ଆଶ୍ରୟ ସ୍ଥଳରେ ରଖ। ଏହି କାର୍ଯ୍ୟରେ ଅବହେଳାକୁ ଜମାରୁ ବରଦାସ୍ତ କରାଯିବ ନାହିଁ। ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ କିମ୍ବା କୁକୁର ପ୍ରେମୀ ଏହାକୁ ବିରୋଧ କରେ ତେବେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି।

ଦିଲ୍ଲୀ, ଏମସିଡି ଏବଂ ଏନଏମଡିସିକୁ ସବୁ ଅଞ୍ଚଳରୁ ବିଶେଷ କରି ସମ୍ବେଦନଶୀଳ ସ୍ଥାନରୁ କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟ କହିଛନ୍ତି। ଆବଶ୍ୟକ ପଡ଼ିଲେ ଏଥିପାଇଁ ଅଲଗା ବାହିନୀ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ଓ ନବଜାତକ ଯେପରି କୌଣସି ସ୍ଥିତିରେ ରେବିଜ୍‌ର ଶିକାର

**ଦିଲ୍ଲୀ-ଏନ୍‌ସିଆରରୁ ବୁଲା କୁକୁରଙ୍କୁ ହଟାଅ: ସୁପ୍ରିମକୋର୍ଟ**

ନ ହେବେ ଏବଂ ବିନା ଭୟରେ ଲୋକେ ଘରୁ ବାହାରିବେ ତାହା ସୁନିଶ୍ଚିତ କରିବାକୁ ହେବ। ଦିଲ୍ଲୀ-ଏନସିଆରେ କୁକୁର କାମୁଡା ଜନିତ ମୃତ୍ୟୁକୁ ନେଇ ଉପସ୍ଥାପନ କରାଯାଇଥିବା ରିପୋର୍ଟ ଉପରେ ନିଜ ଆଡୁ ବିଚାର କରି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ୮ ସପ୍ତାହ ମଧ୍ୟରେ ପର୍ଯ୍ୟାପ୍ତ କର୍ମଚାରୀ ଏବଂ ସିସିଟିଭି ସହିତ କୁକୁର ଆଶ୍ରୟ ସ୍ଥଳୀ ନିର୍ମାଣ କର। ବନ୍ଧ୍ୟାକରଣ ପରେ କୁକୁରଙ୍କୁ ବାହାରେ ଛାଡ଼ ନାହିଁ। ୬ ସପ୍ତାହରେ ୫ ହଜାର କୁକୁରଙ୍କୁ ଧରିବା ଅଭିଯାନ ଆରମ୍ଭ କର। ଦିଲ୍ଲୀ, ନୋଏଡ଼ା ଏବଂ ଗୁରୁଗ୍ରାମରୁ ଧରା ଯାଉଥିବା କୁକୁରଙ୍କ ରେକର୍ଡ ରଖ। ଏହି ନିୟମ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସପ୍ତାହେ ମଧ୍ୟରେ କୁକୁର କାମୁଡା ଏବଂ ରେବିଜ ଲାଗି ସହାୟତା ନମ୍ବର ଜାରି କର। ରେବିଜ ଟିକା ମହଜୁଦ ରଖ।

ଖଣ୍ଡପୀଠ କହିଛନ୍ତି ଯେ ସୁପ୍ରିମକୋର୍ଟ ଏହା ନିଜ ପାଇଁ କରୁନାହାନ୍ତି, ଲୋକଙ୍କ ସୁବିଧାକୁ ଦେଖି ଏହି ନିର୍ଦ୍ଦେଶ ଦିଆଯାଉଛି। ତେଣୁ ଏହି କାର୍ଯ୍ୟରେ କୌଣସି ଭାବାବେଗକୁ ଦେଖାଯିବ ନାହିଁ। ଏବେ ନିୟମକୁ ଭୁଲିଯାଅ। ସଲିସିଟର ଜେନେରାଲ ପଶୁପ୍ରେମୀଙ୍କ ପ୍ରସଙ୍ଗ ଉଲ୍ଲେଖ କରିବାରୁ ଖଣ୍ଡପୀଠ କହିଥିଲେ ଯେ ରେବିଜରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ତାଙ୍କ ପୁରୁଣା ଜୀବନକୁ ପଶୁପ୍ରେମୀ ଫେରାଇ ଦେବେକି? ଏବେ ଗଳିଗୁଡିକୁ ବୁଲା କୁକୁର ମୁକ୍ତ କରାଯିବାର ଆବଶ୍ୟକତା ରହିଛି। ଏହି କୁକୁରଙ୍କୁ ପୋଷ୍ୟ ଭାବେ ରଖିବା ପାଇଁ ମଧ୍ୟ କାହାକୁ ଅନୁମତି ଦିଆଯିବ ନାହିଁ। ଏହା ପୂର୍ବରୁ ସରକାରଙ୍କ ପକ୍ଷରୁ ଲୋକସଭାରେ କୁହାଯାଇଥିଲା ଯେ ୨୦୨୪ରେ ୩୭ ଲକ୍ଷ କୁକୁର କାମୁଡା ମାମଲା ସାମନାକୁ ଆସିଥିଲା। ରେବିଜରେ ୫୪ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ପେଟା ପକ୍ଷରୁ ବିରୋଧ କରାଯାଇଛି। ଏପରି ବିସ୍ଥାପନ ଏବଂ କୁକୁରଙ୍କୁ ବନ୍ଦୀ କରି ରଖିବା ନିର୍ଦ୍ଦେଶକୁ ଅବୈଜ୍ଞାନିକ ଏବଂ ପ୍ରଭାବହୀନ କୁହାଯାଇଛି। ଏହା ଦ୍ୱାରା କୁକୁର ସମସ୍ୟାରେ ପଡ଼ିବେ। କୁକୁରଙ୍କ ଯତ୍ନ ନେଉଥିବା ବ୍ୟକ୍ତି ହଙ୍ଗାମା କରିବେ। କିନ୍ତୁ କୁକୁର କାମୁଡାରେ କୌଣସି ଲଗାମ ଲାଗିବ ନାହିଁ।





## ଶୁଷ୍କ ଜମିରେ ଚାଷ ପାଇଁ ସ୍ୱତନ୍ତ୍ର ବର୍ଷା ବ୍ୟବସ୍ଥା

**ଚାଷକାର୍ଯ୍ୟ ପାଇଁ ଜଳ ଏକାନ୍ତ ଅପରିହାର୍ଯ୍ୟ । ଅନ୍ୟ ଋତୁ ଅନୁସାରେ ବର୍ଷାଦିନେ ଚାଷୀଭାଇଙ୍କୁ ଫସଲରେ ଜଳ ସେଚନ ପାଇଁ ଚିନ୍ତା ନ ଥାଏ । ହେଲେ ଅଧୁନା ଜଳବାୟୁ ପରିବର୍ତ୍ତନ କୃଷି କ୍ଷେତ୍ରରେ ଏକ ଭୟଙ୍କର ସ୍ଥିତି ସୃଷ୍ଟି କରିଛି । ତାପମାତ୍ରା, ବର୍ଷାର କମ୍ ପରିମାଣ, ରୋଗପୋକର ଅଚାନକ ବୃଦ୍ଧି ଆଦି ଯୋଗୁଁ ଫସଲର ବିବିଧତା ହ୍ରାସ ପାଉଛି । ତେଣୁ ଏପରି କ୍ଷେତ୍ରରେ ଶୁଷ୍କ ଜମିରେ ଫସଲ ସୃଷ୍ଟି କରିବାକୁ ପାଇଭଟ ବର୍ଷା ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି ।**



ପାଇଭଟ୍ ବର୍ଷା ପ୍ରଣାଳୀକୁ ସେଣ୍ଟର ପାଇଭଟ୍ ଇରିଗେସନ୍ କୁହାଯାଏ । ଏହା ଏକ ଆଧୁନିକ ବୁନ୍ଦା ଜଳ ସେଚନ କୌଶଳ । ଯାହାକି କୃତ୍ରିମ ବର୍ଷା ହୋଇ ଶୁଖିଲା ଜମିରେ ଫସଲ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ସେହିପରି ରାଜସ୍ଥାନ ପରି ଶୁଷ୍କ ମରୁଭୂମି ସ୍ଥାନ, ବାଲିଆ ଅଞ୍ଚଳ ତଥା ବର୍ଷା କମ୍ ହେଉଥିବା ସ୍ଥାନରେ ଚାଷ କରିବା ସବୁଠୁ ବଡ଼ ଆହ୍ୱାନ ହୋଇଥାଏ । ଉକ୍ତ ସ୍ଥାନ ପାଇଁ ଏହି ସ୍ୱତନ୍ତ୍ର ବର୍ଷା ବ୍ୟବସ୍ଥା ପ୍ରଣାଳୀ ବେଶ ଉପଯୋଗୀ । ଏଥିରେ ଜମିରେ ଉନ୍ନତମାନର ପାଇପ୍ ଲାଇନ୍ ସଂଯୋଗ କରାଯାଇଥାଏ । ଏହି କୌଶଳରେ ବର୍ତ୍ତମାନ ସରଦାରଗଡ଼ ଏବଂ ଜୈତସରସ୍ଥିତ କେନ୍ଦ୍ରୀୟ ରାଜ୍ୟ ଫାର୍ମର ୧୨୦୦ ହେକ୍ଟର ଜମିରେ ଫସଲ ସୃଷ୍ଟି କରାଯାଇଛି । ଏହି ସ୍ୱତନ୍ତ୍ର ପ୍ରଣାଳୀରେ ଗହମ, ମୁଗ, ଚଣା ଆଦି ଫସଲକୁ ବର୍ଷା ସିଞ୍ଚିଲା ପରି ଜଳ ସେଚନ କରାଯାଇଥାଏ । ଏହି ସେଚନ ପଦ୍ଧତିରେ କମ୍ ସମୟରେ ଜମିର ସବୁ ସ୍ଥାନକୁ ସମାନ ଭାବେ ପାଣି ଯୋଗାଇ ହୁଏ । ଏହି କୌଶଳ ଜରିଆରେ ଚାଷୀ ନିଜ ସୁବିଧା ଅନୁସାରେ ଜମିରେ ପାଣି ଦେଇଥାଆନ୍ତି । ଏଥିପାଇଁ ପ୍ରଥମେ ଭଲଭାବେ ପାଣି ଢାଳି ଜମିକୁ ଓଦା କରାଯାଏ । ୧୫ ଦିନ ପରେ ୮ ଏମ୍ଏମ୍ କୃତ୍ରିମ ବର୍ଷା କରି ଫସଲ ବଢ଼ାଇବାରେ ସାହାଯ୍ୟ କରାଯାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କୌଶଳରେ ପାଣିର ମାତ୍ରାକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରେ । ମୁଖ୍ୟତଃ ୭୫ ହେକ୍ଟର ଯାଏଁ ସହଜରେ ଜଳସେଚନ କରାଯାଇଥାଏ । ଏହି ସ୍ୱତନ୍ତ୍ର ବର୍ଷା ବ୍ୟବସ୍ଥାରେ ଜଳ ସେଚନ ପାଇଁ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହାର ସଞ୍ଚାଳନ ପାଇଁ ଏକ ବଡ଼ ଷ୍ଟୋରେଜ ଟ୍ୟାଙ୍କର ଉପଯୋଗ କରାଯାଏ ।

## ସଫଳତା ପଥରେ ତାରାଦେବୀ କୃଷକ ଉତ୍ପାଦକ ସଂଗଠନ



**ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରିବା ସହ ସାମାଜିକ ପରିବର୍ତ୍ତନରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି । ଏହି ସଂଗଠନଗୁଡିକ ସାମୂହିକ ଭାବେ ଉତ୍ପାଦନ ଏବଂ ବିକ୍ରୟ ମାଧ୍ୟମରେ ଆର୍ଥିକ ସ୍ଥିତିକୁ ସୁଧାରି ପାରନ୍ତି । ତେବେ କୃଷିକୁ ବ୍ୟବସାୟରେ ପରିଣତ କରିଥିବା ଏମିତି ଏକ ସଂଗଠନ ହେଉଛି ଯାଜପୁର ଜିଲ୍ଲାର 'ତାରାଦେବୀ କୃଷକ ଉତ୍ପାଦକ ସଂଗଠନ' । ବିଭିନ୍ନ ବାଧାବିଘ୍ନକୁ ଖାତିର ନ କରି କଠିନ ପରିଶ୍ରମ ଓ ଧୈର୍ଯ୍ୟ ବଳରେ ଏହି ସଂଗଠନଟି ସଫଳତା ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ।**

୫୧୦ ଜଣ ମହିଳା ସଦସ୍ୟାଙ୍କୁ ନେଇ ୨୦୨୦ ମସିହାରେ ଯାଜପୁର ଜିଲ୍ଲାରେ 'ତାରାଦେବୀ କୃଷକ ଉତ୍ପାଦକ ସଂଗଠନ' ଗଠିତ ହୋଇଥିଲା । କ୍ଷୁଦ୍ର ଓ ନାମମାତ୍ରଚାଷୀଙ୍କ ଆଶାର କିରଣ ଭାବେ ଉଭୟ ଉତ୍ପାଦନ ଓ ବଜାର ବ୍ୟବସ୍ଥାପନରେ ଏହି ସଂଗଠନ ଅଗ୍ରଣୀ ଭୂମିକା ତୁଲାଇଥାଏ । ଏହି ସଂଗଠନଟି ସୋରିଷ ତେଲ, ବଡ଼ି, ପାମ୍ପଡ଼, ଆଚାର, ଦୁଗ୍ଧ ଜାତୀୟ ଉତ୍ପାଦ, ଚାଉଳ, ମୁଢ଼ି, ମସଲା ଡାଲି, ଛତୁ, ପନିପରିବା ଭଳି ସାମଗ୍ରୀର ବିପଣନ କରିବାରେ ସହାୟକ ହୋଇପାରିଛି । ତା' ସହିତ ଧାନ, ବିହନ, ସାର, କୀଟନାଶକ, ଜୈବିକଖତ, ଗୋ ଖାଦ୍ୟ ଭଳି ସାମଗ୍ରୀ ଯୋଗାଇ ଦେଉଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ ଏକ୍ସଲେନ୍ସ' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ମାର୍ଗଦର୍ଶନ ଏବଂ ପ୍ରଶିକ୍ଷଣ, ଏକ୍ସପୋଜର ପରିଦର୍ଶନ ଭଳି ଅନେକ ସହଯୋଗ ଯୋଗାଇ ଦିଆଯାଇଛି । ସରକାରୀ ତଥା ବେସରକାରୀ ସଂସ୍ଥାପକ୍ଷରୁ ସମର୍ଥନ ହସ୍ତଗତ କରିଛି ଏହି ସଂଗଠନ । ଏହି ସଂଗଠନକୁ ଜିଲ୍ଲାର ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ ମଧ୍ୟ କରାଯାଇଛି । ବନ୍ୟା, ବାତ୍ୟା, ଗମନାଗମନର ଅସୁବିଧା ସତ୍ତ୍ୱେ କ୍ଷୀର ଓ ଚିନାବାଦାମର ଭାଲ୍ୟୁ ଆଡିସନ୍, ମୋବାଇଲ ଭ୍ୟାନ୍ ଦ୍ୱାରା ଚଳନ୍ତା ହାଟ, କୃଷକଙ୍କ ପାଖକୁ ଇନ୍‌ପୁଟ ସୁବିଧାରେ ପହଞ୍ଚାଇବା, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ବିପଣନ ସହାୟତା ମୋବାଇଲ ଭ୍ୟାନ୍ ମାଧ୍ୟମରେ ବ୍ୟବସାୟ ପ୍ରଚାର ପାଇଁ ସହରାଞ୍ଚଳରେ ଆଉଟଲେଟ ଖୋଲିବା, ସ୍ଥାନୀୟ ମସଲାର ମୂଲ୍ୟ ବୃଦ୍ଧି ଭଳି ଉଦ୍ୟମ କରିବା ଦିଗରେ ଭଲ ପ୍ରଦର୍ଶନ କରିପାରିଛି । ସଫଳତା ହାସଲ କରିବା ଦିଗରେ ସଂଗଠନଟି ଅନେକ ସମସ୍ୟା ଦେଇ ଗତି କରିଛି ମଧ୍ୟ । ଏହିସବୁ ସମସ୍ୟାର ସମାଧାନ ସ୍ୱରୂପ ଏହି ସଂଗଠନ ଦ୍ୱାରା ଗାଁ ଗାଁରେ ସଚେତନତା କାର୍ଯ୍ୟକ୍ରମ, ତାଲିମ, ଗ୍ରାମସ୍ତରରେ ଡିଜିଟାଲ ସଂଯୋଗ ନିମିତ୍ତ ସେବାକେନ୍ଦ୍ର ଖୋଲିବା, ପ୍ରଶିକ୍ଷଣ ଓ ଅଭିଜ୍ଞତା ବିନିମୟ ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଛି । ଏହି ସଂଗଠନ ସହିତ ଯୋଡ଼ିହୋଇ ଚାଷୀଙ୍କ ଆୟ ବୃଦ୍ଧି ପାଇଛି । ଏହାର ପ୍ରଭାବ କ୍ଷୁଦ୍ର, ନାମମାତ୍ର ଏବଂ ମଧ୍ୟମ ଚାଷୀଙ୍କ ଉପରେ ଅଧିକ ପଡ଼ିଛି । ଏହି ସଂଗଠନ ସେମାନଙ୍କ ଉତ୍ପାଦକୁ ଉଚିତ ମୂଲ୍ୟ ପ୍ରଦାନ କରୁଛି । ତେବେ ଆଗାମୀ ଦିନକରେ ଏହି କମ୍ପାନୀ ଅନେକଗୁଡ଼ିକଯୋଜନାର ସଫଳ ରୂପାୟନ ପାଇଁ ଲକ୍ଷ୍ୟ ରଖିଛି ।

## ସଢ଼େଇରୁ ହ୍ୟାଙ୍ଗିଙ୍ଗ କୁଣ୍ଡ

**ହିନ୍ଦୁଧର୍ମରେ ନଡ଼ିଆକୁ ଶ୍ରୀଫଳ କୁହାଯାଏ । ଏହା ଶୁଭର ପ୍ରତୀକ ହୋଇଥିବାରୁ ପୂଜା-ପାଠ ସବୁଠି ନଡ଼ିଆ ବ୍ୟବହାର ହୋଇଥାଏ । ନଡ଼ିଆର ପ୍ରତ୍ୟେକ ଅଂଶର ବ୍ୟବହାର ଗୁଣ ରହିଛି । ଏହା ଏକ ଗ୍ରୀଷ୍ମମଣ୍ଡଳୀୟ ଫସଲ । ତେବେ ନଡ଼ିଆକୁ ବ୍ୟବହାର କରି ଲୋକେ ସଢ଼େଇକୁ ବର୍ଜ୍ୟ ଭାବି ଫିଙ୍ଗି ଦିଅନ୍ତି । କେହି କେହି ଜାଳେଣି ରୂପେ ଏହାକୁ ବ୍ୟବହାର କରନ୍ତି । ହେଲେ ବର୍ତ୍ତମାନ ଲୋକମାନେ ଘର ଓ ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସଢ଼େଇକୁ କୁଣ୍ଡର ରୂପ ଦେଉଛନ୍ତି । ଏହା ପରିବେଶ ଅନୁକୂଳ । କୃଷି ବ୍ୟବସାୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି ।**



ଘର ସାଜସଜ୍ଜା ସମସ୍ତଙ୍କୁ ପସନ୍ଦ । ତେଣୁ ବାଲ୍‌କୋନିରେ ହ୍ୟାଙ୍ଗିଙ୍ଗ ପ୍ଲାଣ୍ଟର ପାଇଁ ପ୍ଲାଷ୍ଟିକ୍ କିମ୍ବା ସିମେଣ୍ଟ ବଦଳରେ ସଢ଼େଇକୁ ବ୍ୟବହାର କରାଯାଇପାରିବ । ସଢ଼େଇରୁ କୁଣ୍ଡ କରିବାକୁ ପ୍ରଥମେ ନଡ଼ିଆକୁ କୋରି ଏହାର ଦୁଇପାର୍ଶ୍ୱକୁ ଭଲଭାବେ ଧୋଇ ଜଟାକୁ ସଫା କରାଯାଏ । ଉପରୁ ତିନିଟି କଣା କରି ରଶି କିମ୍ବା ଲୁହାର ପତଳା ତାର ବ୍ୟବବାର କରି ଓହଳା କୁଣ୍ଡ କରାଯାଏ । ଆକର୍ଷଣୀୟ ଦିଶିବାକୁ ଏଥିରେ ରଙ୍ଗ ବେରଙ୍ଗର ଡିଜାଇନ୍ କରିପାରିବେ । ଏଥିରେ ହ୍ୟାଙ୍ଗିଙ୍ଗ କୁଣ୍ଡ କିମ୍ବା ସାଧାରଣ କୁଣ୍ଡ ପରି ବାଲକୋନିରେ ସେଟ୍ କରିପାରିବେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନଡ଼ିଆ ଖୋଳରେ ବହୁତ କମ୍ ପାଣି ଆବଶ୍ୟକ କରୁଥିବା ଓ ସୂକ୍ଷ୍ମ ଚେରଯୁକ୍ତ ଗଛ ଲଗାଯାଇଥାଏ । ଏଥିରେ ବିହନ ଅଙ୍କୁରିତ କରାଯିବା ସହ ମାଇକ୍ରୋଗ୍ରୀନ୍ ଲଗାଯାଇପାରିବ ।

ସଢ଼େଇରୁ ପାଣି ଝରିବା ରୋକିବା ପାଇଁ ନଡ଼ିଆର ଆଖିକୁ ଘୋଡାଇବା ବନ୍ଦୋବସ୍ତ କରନ୍ତୁ । ସେହିପରି ବଗିଚା ତଥା ବାଲ୍‌କୋନିରେ ପକ୍ଷୀଙ୍କୁ ଦାନା ଯୋଗାଇବାକୁ ଏଥିରେ ରଶି ଉପଯୋଗ କରି ଓହଳାଇ ପାରିବେ । ସଢ଼େଇକୁ କୋକୋପିଟ୍ ବନାଇବା ପାଇଁ ବ୍ୟବହାର କରାଯାଏ ।

## ଛେଳିଙ୍କ ପାଇଁ ସଜନା ଚାରା

ସ୍ୱଳ୍ପ ସମୟ ଏବଂ କମ୍ ଖର୍ଚ୍ଚରେ ଛେଳି ପାଳନ ଏକ ଭଲ ବ୍ୟବସାୟ । ଛେଳି ପାଳନରେ ଛେଳିର ଓଜନ ଓ ମାଂସବୃଦ୍ଧି ପାଇଁ ସବୁଜ ଚାରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ସଜନା ପତ୍ର ଛେଳିଙ୍କ ପାଇଁ ପୌଷ୍ଟିକ ଚାରା ଭାବେ ଉପଯୋଗୀ । ସଜନାରେ ଭିଟାମିନ୍ ଏ, ସି, ବି୬, ବି କମ୍ପ୍ଲେକ୍ସ, ଇ, ଭିଟାମିନ୍ କେ ଆଦି ପ୍ରଚୁର ପରିମାଣର ଥାଏ । ଏହା ଏକ ଔଷଧୀୟ ବୃକ୍ଷ । ସଜନା ପତ୍ରରୁ ତିଆରି ପେଲେଟ୍‌ସ (ଗୋଲି) କୁ ଛେଳିଙ୍କୁ ଖାଇବାକୁ ଦିଆଯାଇପାରିବ । ଏହା ଛେଳିଙ୍କ ସ୍ୱାସ୍ଥ୍ୟବୃଦ୍ଧି ପାଇଁ ଲାଭଦାୟକ । ବର୍ଷକ ବାରମାସ ସଜନା କଞ୍ଚା ପତ୍ରକୁ ଶୁଖାଇ ଏହାକୁ ଗୁଣ୍ଡ କରି ବଟିକା ବନାଇ ସାଇତି ରଖାଯାଏ । ଏହାର କଅଁଳିଆ ଡାଳକୁ ଅଲଗା କରି ମେସିନ୍ ସାହାଯ୍ୟରେ ଛୋଟ ଛୋଟ ଗୁଳା କରି ସାଇତି ରଖିପାରିବେ । ସଜନା ପତ୍ରରୁ ତିଆରି ବଟିକା ଖାଇବା ଦ୍ୱାରା ଛେଳିଙ୍କ ପାଚନ ଶକ୍ତିରେ ସୁଧାର ଆସିଥାଏ । ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସହ ଛେଳିଙ୍କର ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୋଇଥାଏ । ତେବେ ଛେଳିଙ୍କୁ ସଜନା ପତ୍ରରୁ ବଟିକା ଖୁଆଇବା ପୂର୍ବରୁ ସେମାନଙ୍କ ଖାଦ୍ୟ ତାଲିକାରେ ଧୀରେ ଧୀରେ କରି ଏହାକୁ ଅତିକମ୍‌ରେ ୩୦% ସାମିଲ କରିବା ଜରୁରି । ସଜନା ଚାରାକୁ ଅନ୍ୟ ଚାରା ସହିତ ମିଶାଇ ଖୁଆଇବା ଏକ ଉନ୍ନତ ବିକଳ୍ପ । ଏହା ଦ୍ୱାରା ଛେଳିପାଳକଙ୍କ ଖର୍ଚ୍ଚ ହ୍ରାସ ପାଇବ ।



## ଏ ମାସର ଚାଷ

**ଆମ ଦେଶର ଅଧିକାଂଶ ଲୋକ ଶସ୍ୟ ସହିତ ଋତୁଅନୁଯାୟୀ ବିଭିନ୍ନ ପନିପରିବା ଚାଷ କରିଥାନ୍ତି । ତେଣୁ ଅଗଷ୍ଟ ମାସରେ ଚାଷୀମାନେ ଚାଷ ପୂର୍ବରୁ କିପରି ମାଟି ପ୍ରସ୍ତୁତ କରିବେ, କେଉଁ ପନିପରିବା, ଫଳ ଓ ଫୁଲ ଲଗାଇ ପାରିବେ ସେ ବିଷୟରେ ଜାଣିବା ।**

- ଧାନ ରୋଇବାର ୨ରୁ ୩ ସପ୍ତାହ ହୋଇଥିଲେ ଘାସ ବାଛି ପିଲସାର ପ୍ରୟୋଗ କରନ୍ତୁ । ଶ୍ରୀ ପଦ୍ଧତିରେ ଧାନ ରୋଇଥିଲେ, ରୋଇବାର ୧୦ରୁ ୧୨ ଦିନ ମଧ୍ୟରେ ଉଇଡର ଚଳାଇ ବଳକା ଘାସ ବାଛି ଦିଅନ୍ତୁ ।
- ଅଗଷ୍ଟ ମାସରେ ଭଲ ବର୍ଷା ହୋଇଥାଏ । ବର୍ଷାଜଳକୁ ଉପଯୋଗ କରି ଚାଷୀମାନେ ପନିପରିବା ଯଥା- ମେଥି, ଧଣିଆ, ବାଇଗଣ, ଫୁଲକୋବି, ମୂଳା, ପାଳଙ୍ଗ ଆଦି ଲଗାଇପାରିବେ । ମକା ଫସଲ ୬ରୁ ୭ ସପ୍ତାହ ହୋଇଥିଲେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।





- ଡାଲିଜାତୀୟ ଫସଲ ଯଥା- ହରଡ଼, ମୁଗ, ବିରି ଆଦି ଫସଲରେ ପତ୍ରକଟା ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୪୦୦ ମିଲି ପ୍ରୋଫେନୋଫସ ୫୦% ଇସି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଟମାଟୋ ଫଳିବାକୁ ୬୦ରୁ ୯୦ ଦିନ ସମୟ ଲାଗିଥାଏ । ତେଣୁ ଖତ ମିଶା ମାଟି ପ୍ରସ୍ତୁତ କରି ଜମିରେ ୨୦ରୁ ୨୫ ସେମି ଦୂରରେ ଟମାଟୋ ଚାରା ବା ମଞ୍ଜି ଲଗାଇ ପାରିବେ । ମଞ୍ଜି ବୁଣିବାର ମାସେ ପରେ ମାଟିରେ ଜିଆଖତ ପ୍ରୟୋଗ କରିପାରିବେ । ସପ୍ତାହକୁ ତିନିଥର ପାଣି ସିଞ୍ଚିବା ଭଲ । ସେହିପରି ଲାଉ ଲଗାଇବାର ଏହା ଉପଯୁକ୍ତ ସମୟ । ଜମି ପ୍ରସ୍ତୁତ କରି ବାଉଁଶ କାଠି ଓ ରଶି ଉପଯୋଗ କରି ରଞ୍ଜା କରିବା ଦ୍ୱାରା ଲାଉ ଲତା ଭଲ ଭାବେ ବଢ଼ିପାରେ ।
- ଅଳସୀ ବୁଣିବା କାମ ଶେଷ କରନ୍ତୁ । ଗୋବର ଖତ ମିଶା ମାଟି ବ୍ୟବହାର କରି ଉନ୍ନତ କିସମର ଭେଣ୍ଡି, ଲାଉ, କଲରା, ଜହ୍ନି, ତରଭୁଜ ଆଦି ପନିପରିବା ଚାଷ ଆରମ୍ଭ କରନ୍ତୁ । ତେବେ ଜମି ପ୍ରସ୍ତୁତଠାରୁ ଖତ ପ୍ରୟୋଗ ଏବଂ ମଞ୍ଜି ବୁଣିବା ଯାଏଁ ଉଚିତ ବିଧି ପାଳିବା ଜରୁରି ।

## ଫସଲକୁ ୨୪ ଘଣ୍ଟା ନଜର ରଖିବ ଆଗ୍ରୋଟ୍ରେସ




ବର୍ତ୍ତମାନ ଚାଷୀମାନେ ଚାଷକାର୍ଯ୍ୟରେ ଏଆଇ, ଡ୍ରୋନ ଆଦିର ସାହାଯ୍ୟ ନେଉଛନ୍ତି । ଏହି କ୍ରମରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଦୂର କରିବାକୁ ଆଇଆଇଟି କାନପୁରର ଷ୍ଟାର୍ଟଅପ୍ ଆଗ୍ରୋଟ୍ରେସ୍ ଏଆଇ ଆଧାରିତ ଏକ ଉପକରଣ ବିକଶିତ କରିଛନ୍ତି । ଏହା ୨୪ ଘଣ୍ଟା ଧରି ଜମିରେ ମାଟି ଏବଂ ଆର୍ଦ୍ରତାକୁ ଯାଞ୍ଚ କରି ଖତ ଏବଂ ପାଣିର ଆବଶ୍ୟକତାକୁ ବତାଇ ପାରିବ । କେବଳ ସେତିକି ନୁହେଁ, ଏହି ଉପକରଣ ସାହାଯ୍ୟରେ ଫସଲରେ ପାଣିର ଅଭାବ ବିଷୟରେ ଜାଣିହୁଏ । ଏହାକୁ ଏକ ଏକର ଜମି ପାଇଁ ବ୍ୟବହାର କରାଯାଇପାରିବ । ଉପକରଣଟି ବ୍ୟାଟେରୀ ଚାଳିତ । ଏଥିରେ ସେନ୍ସର ଲାଗିଥିବାରୁ ଏହା ମାଟିର ଆର୍ଦ୍ରତାକୁ ସଠିକ୍ ଭାବେ ଆକଳନ କରିଥାଏ । ଏଥିରେ ମାଇକ୍ରୋ ସିମ୍ ସଂଯୋଗ ଥିବାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ମୋବାଇଲକୁ ମେସେଜ୍ ପଠାଇଥାଏ । ଫଳରେ ଚାଷୀମାନେ ଘରେ ବସି ଫସଲ ଓ ଜମିଅବସ୍ଥା ବିଷୟରେ ତଥ୍ୟ ପାଇପାରନ୍ତି । ସେହପରି ଗଭୀର ଅନୁସାରେ ମାଟିର ଜଳ କ୍ଷମତା ଏବଂ ତାପମାତ୍ରାକୁ ମଧ୍ୟ ଏହି ଉପକରଣ ମାପିପାରେ । ଏହାଦ୍ୱାରା ଚାଷୀଙ୍କର ୪୦ % ଖର୍ଚ୍ଚ ହ୍ରାସ ପାଇବ । ଏନେଇ ଆଗ୍ରୋଟ୍ରେସର ସଂସ୍ଥାପକ ରଜନୀଶ ତିୱାରୀ କୁହନ୍ତି, ଏହି ଉପକରଣକୁ ହରିୟାଣା, ରାଜସ୍ଥାନ ଏବଂ ଗୁଜୁରାଟର ଚାଷୀ ବ୍ୟବହାର କରୁଛନ୍ତି । ଏହାଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ସହ ଚାଷୀଙ୍କ ଆର୍ଥିକ ସ୍ଥିତିରେ ଏହା ଉନ୍ନତି ଆଣିପାରିବ ବୋଲି ସେ କହିଛନ୍ତି ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।
- ଜମିରେ ଧାନ ପ୍ରତିରୋପଣ ଅଗଷ୍ଟ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ କରିଦିଅନ୍ତୁ । ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ କରିନଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ ।
- ସଅଳ ବୁଣାଯାଇଥିବା ଚିନାବାଦାମ ଫସଲରେ ପତ୍ର ସୁଡ଼ଙ୍ଗୀ ପୋକ, ଜଉ ପୋକ, ପତ୍ର ଉକୁଣି ପୋକଗୁଡିକର ପ୍ରାଦୁର୍ଭାବ ଦେଖିଲେ, ଶୁଖିଲାପାଗରେ



ପୋକ ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ବର୍ଷାଦିନେ ଗୁହାଳ ଓଦା ବା ଅପରିଷ୍କାର ରହିଲେ, ଗାଈଙ୍କୁ ନାନା ରୋଗ ହେବାର ସମ୍ଭାବନା ରହିଛି । ଏହା ଦ୍ୱାରା ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଥାଏ । ତେଣୁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରି ଉଚିତ ଟୀକାକରଣ କରାନ୍ତୁ ।
- ଅଗଷ୍ଟ ମାସରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇ ପାରିବ । ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ ଟନ୍ ଗୋବର ଖତ, ୪୦ କେଜି ଯବକ୍ଷାରଜାନ, ୮୦ କେଜି ଫସ୍‌ଫରସ ଓ ୮୦ କେଜି ପଟାସ ସାର ପ୍ରୟୋଗ କରନ୍ତୁ । ୨୫ରୁ ୩୦ ଦିନ ତଳି ବା ଡାଳି କଲମୀ ଉପରବେଳା ରୁଅନ୍ତୁ ।

## ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ

# ଘରୋଇ ମାଟିରେ ଟାଇଟଲ୍ ଜିତିବ ଭାରତ

ମୁମ୍ବାଇ,୧୧।୮ (ଏଜେନ୍ସି)

ଭାରତରେ ଏଥର ଆୟୋଜିତ ହେବ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ। କ୍ରିକେଟ ଖେଳରେ ଶ୍ରେଷ୍ଠତ୍ୱ ହାସଲ କରିଥିଲେ ମଧ୍ୟ ଭାରତୀୟ ଦଳ ବିଶ୍ୱକପ୍ ଜିତିବାରେ ସମର୍ଥ ହୋଇନାହିଁ। ଦଳ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଛି। କିନ୍ତୁ ଜବରଦସ୍ତ ଖେଳ ପ୍ରଦର୍ଶନ ସତ୍ତ୍ୱେ ଦଳ ୨୦୧୭ରେ ବିଶ୍ୱକପ୍ ନ ଜିତିବା ହରମନପ୍ରୀତ କୌରଙ୍କ ଭାରତୀୟ ଦଳର ସବୁଠାରୁ ବଡ଼ ବିପର୍ଯ୍ୟୟ। ଏଭଳି ସ୍ଥିତିରେ ଏଥର ମହିଳା ଦିନିକିଆ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାର କଲମ୍ବୋରେ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଏହି ବିଶ୍ୱକପ୍ ଆଉ ୫୦ ଦିନ ରହିଥିଲାବେଳେ ଆଜି ଏହାର ଟ୍ରଫି ଉନ୍ମୋଚନ କରି ଏହି ଟୁର୍ଣ୍ଣାମେଣ୍ଟକୁ ସର୍ବଶ୍ରେଷ୍ଠ ମହିଳା ବିଶ୍ୱକପ୍‌ରେ ପରିଣତ କରାଯିବ ବୋଲି ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି। ତାଙ୍କ ମତରେ ଆମେ ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ଲାଗି ଏବେଠାରୁ ବ୍ୟବସ୍ଥା କରିଛୁ। ବିଶ୍ୱକପ୍‌ରେ ଯେପରି କୌଣସି ଦଳ ଅଭିଯୋଗ କରିବାର ସୁଯୋଗ ନ ପାଏ ସେଥିଲାଗି ଆମେ ଚେଷ୍ଟା କରିବୁ।

ଅନ୍ୟପକ୍ଷରେ ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଭାରତ ଏଥର ଟାଇଟଲ୍ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ ଓ ଏଥିରେ ସଫଳ ହେବ ବୋଲି ଉତ୍ସବରେ ଯୋଗ ଦେଇ ଆତ୍ମବିଶ୍ୱାସର ସହ ମତପ୍ରକାଶ କରିଛନ୍ତି ଭାରତୀୟ ମହିଳା ଦଳର ଅଧିନାୟିକା ହରମନ୍‌ପ୍ରୀତ୍ କୌର। ଭାରତ ଏଯାଏ ମହିଳା କ୍ରିକେଟରେ କୌଣସି ବିଶ୍ୱ ଟାଇଟଲ ଜିତିପାରି ନାହିଁ। ୨୦୦୫ ଓ ୨୦୧୭ରେ ଦଳ ଦୁଇଥର ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳିଥିଲେ ମଧ୍ୟ ଟାଇଟଲ ଜିତିବାରୁ ବଞ୍ଚିତ ହୋଇଥିଲା। ଏଥର ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଉଥିବାରୁ ଭାରତର ଟାଇଟଲ ଜିତିବା ଆଶା ବୃଦ୍ଧି ପାଇଛି। ବିଶେଷକରି ଘରୋଇ ଦର୍ଶକଙ୍କ ଆଗରେ ଖେଳାଳିଙ୍କ ଉତ୍ସାହ ଅଧିକ ରହିଥାଏ। ଏମାନଙ୍କ ସମର୍ଥନ ଓ ପ୍ରତିଭାବାନ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ପ୍ରଥମ ଟାଇଟଲ କବ୍‌ଜା କରିବ ବୋଲି ହରମନପ୍ରୀତ୍ ଆଶା ରଖିଛନ୍ତି। ସମାନ ଆଶା ମଧ୍ୟ ରଖିଛନ୍ତି ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ୱେଜ୍। ଏମାନଙ୍କ ଅନୁଯାୟୀ ଭାରତର ଶକ୍ତିବୃଦ୍ଧି ପାଇଛି ଓ ଦଳ ଭିନ୍ନ ସ୍ଥାନରେ ଭଲ ଖେଳିଛି। ଏହାକୁ ଆଶା ରଖି ଆମେ ବିଶ୍ୱ ବିଜୟୀ ହେବୁ ବୋଲି ଭାରତୀୟ ଖେଳାଳିମାନେ ଆତ୍ମବିଶ୍ୱାସର ସହ ଆଶା ପୋଷଣ କରିଛନ୍ତି। ନିକଟରେ ଇଂଲଣ୍ଡ ବିପକ୍ଷରେ ୨-୧ରେ ଦିନିକିଆ ସିରିଜ୍ ଜିତିଛି। ଏବେ ଅଷ୍ଟ୍ରେଲିଆ ସହ ଦିନିକିଆ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ଦଳରେ କିଏ ଖେଳିବେ ତାହା ଏକପ୍ରକାର ଚୂଡାନ୍ତ ହୋଇସାରିଛି। ଅଷ୍ଟ୍ରେଲିଆ ସିରିଜ୍ ପରେ ଖେଳାଳି ଦଳ ଘୋଷଣା କରାଯିବ।

ମହିଳା ଦିନିକିଆ ବିଶ୍ୱକପ୍‌ରେ ଭାରତ ଟାଇଟଲ ଜିତିବାକୁ ଆଶାୟୀ ଥିଲାବେଳେ ୨୦୦୫ରେ ରନର୍ସ ଅପ୍ ହୋଇଥିଲା। ଏହାପରେ ୨୦୦୯ରେ ତୃତୀୟ ଓ ୨୦୧୩ରେ ସପ୍ତମ ସ୍ଥାନ ଅଧିକାର କରିଥିଲା। କିନ୍ତୁ ୨୦୧୭ରେ ଭାରତ ଟାଇଟଲ ଜିତିବ ବୋଲି ସମସ୍ତେ ଆଶା କରୁଥିଲାବେଳେ ଦଳ ଫାଇନାଲରେ ଇଂଲଣ୍ଡଠାରୁ ପରାଜିତ ହୋଇ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ହରମନପ୍ରୀତ୍ ସଂଗ୍ରହ କରିଥିବା ୧୭୧ ରନ୍ ଏଯାଏ ସ୍ମରଣୀୟ ହୋଇ ରହିଛି। କିନ୍ତୁ ଏହି ସ୍କୋର ପରେ ଭାରତୀୟ ମହିଳା ଦଳକୁ ଓ ତାରକା ଖେଳାଳିଙ୍କୁ ଭାରତରେ ସମ୍ମାନ ଦେବା ବୃଦ୍ଧିପାଇଥିଲା। କିନ୍ତୁ ଫାଇନାଲରେ ହାରିବା ଭାରତୀୟ ଖେଳାଳିଙ୍କ ହୃଦୟ ଭାଙ୍ଗିଦେଇଥିଲା। ଏହାପରେ ୨୦୨୨ରେ ମଧ୍ୟ ଭାରତର ପ୍ରଦର୍ଶନରେ ଉନ୍ନତି ହୋଇ ନ ଥିଲା। ଦଳ ପଞ୍ଚମ ସ୍ଥାନ ଅଧିକାର କରିଥିଲା। ଭାରତ ଏହି ବିଶ୍ୱକପ୍‌କୁ ୧୯୭୮, ୧୯୯୭ ଓ ୨୦୧୩ରେ ଆୟୋଜନ କରିଥିଲା। ୨୦୧୬ରେ ବାଂଲାଦେଶରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ପରେ ଏସିଆ ମହାଦେଶରେ ଏହା ହେବ ପ୍ରଥମ ଆଇସିସି ଇଭେଣ୍ଟ। ଏହା ପରେ ମୁମ୍ବାଇର ଆଇସିସି ଟ୍ରଫି ଟୁର୍ ଇଭେଣ୍ଟ ଆୟୋଜିତ ହେବ। ଏହା ଭାରତର ବିଭିନ୍ନ ସହର ଓ ସ୍କୁଲରେ ପ୍ରଦର୍ଶିତ ହେବ। ସୋମବାର ଅନୁଷ୍ଠିତ ଇଭେଣ୍ଟରେ ପୂର୍ବତନ ଅଧିନାୟିକା ମିତାଲି ରାଜ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଯୁବରାଜ ସିଂହ, ଆଇସିସି ଅଧ୍ୟକ୍ଷ ଜୟ ଶାହା, ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ସିଇଓ ସଂଯୋଗ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖଯାଏ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗନେଉଥିଲାବେଳେ ପ୍ରତ୍ୟେକ ଦଳ ଅନ୍ୟ ସହ ଗୋଟିଏ ଲେଖାଏଁ ଲିଗ୍ ମ୍ୟାଚ୍ ଖେଳିବେ। ଏହା ପରେ ପଏଣ୍ଟ ଭିତ୍ତିରେ ପ୍ରଥମ ୪ଟି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲ ମ୍ୟାଚ୍ ଦୁଇଟି ଅକ୍ଟୋବର ୨୯ ଓ ୩୦ରେ ଖେଳାଯିବ। ଫାଇନାଲ ମ୍ୟାଚ୍ ନଭେମ୍ବର ୨ରେ ଅନୁଷ୍ଠିତ ହେବ।






### ଭାରତର ଖେଳସୂଚୀ

୩୦।୦୯ : ବନାମ ଶ୍ରୀଲଙ୍କା, ବେଙ୍ଗାଲୁରୁ
୦୫।୧୦ : ବନାମ ପାକିସ୍ତାନ, କଲମ୍ବୋ
୦୯।୧୦ : ବନାମ ଦ.ଆଫ୍ରିକା, ବିଶାଖାପାଟଣା
୧୨।୧୦ : ବନାମ ଅଷ୍ଟ୍ରେଲିଆ, ବିଶାଖାପାଟଣା
୧୯।୧୦ : ବନାମ ଇଂଲଣ୍ଡ, ଇନ୍ଦୋର
୨୩।୧୦ : ବନାମ ନ୍ୟୁଜିଲାଣ୍ଡ, ଗୁଆହାଟୀ
୨୬।୧୦ : ବନାମ ବାଂଲାଦେଶ, ବେଙ୍ଗାଲୁରୁ

୨୯।୧୦ : ପ୍ରଥମ ସେମିଫାଇନାଲ------
୩୦।୧୦ : ଦ୍ୱିତୀୟ ସେମିଫାଇନାଲ, ବେଙ୍ଗାଲୁରୁ
୦୨।୧୧ : ଫାଇନାଲ, ଭେନ୍ୟୁ ପରେ ସ୍ଥିର ହେବ।

## ଏନ୍‌ସିଏ ନିର୍ଦ୍ଦେଶକ ଲକ୍ଷ୍ମଣଙ୍କୁ ଭେଟିଲେ ପଙ୍କଜ

କଟକ,୧୧।୮ (ସମିସ): ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ନିର୍ଦ୍ଦେଶକ ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣଙ୍କୁ ଭେଟି ଓଡ଼ିଶାରେ କ୍ରିକେଟ ଏକାଡେମୀର ଗୁରୁତ୍ୱ ଦିଗରେ ଆଲୋଚନା କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି। ବେଙ୍ଗାଲୁରୁସ୍ଥିତ ଏନସିଏ ଏକାଡେମୀରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ବାରବାଟୀ ଷ୍ଟାଡିୟମରେ ଓସିଏ ପକ୍ଷରୁ ଖୁବଶୀଘ୍ର ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। ଏତଦବ୍ୟତୀତ ଆଠଗଡ କପୁରସିଂହଠାରେ ରହିଛି ଏମଜିଏମ କ୍ରିକେଟ ଏକାଡେମୀ। ଶ୍ରୀ ମହାନ୍ତି ଏହାର ନିର୍ଦ୍ଦେଶକ। ଏମ୍‌ଜିଏମ୍ ଏକାଡେମୀରେ ଏବେ ମୋଟ ୭୦ ଖେଳାଳି ପ୍ରଶିକ୍ଷଣ ନେଉଥିବା ବେଳେ ୫୫ଜଣ ରହଣି ସହ ପ୍ରଶିକ୍ଷଣ ସୁବିଧା ପାଉଛନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଫିଲ୍ଡିଂ କୋଚ୍ ଆର ଶ୍ରୀଧର, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଭେଙ୍କଟପତି ରାଜୁ ଏବଂ ଜାତୀୟ ଦଳର ପ୍ରାକ୍ତନ ବୋଲିଂ କୋଚ୍ ଭରତ ଅରୁଣ ଏଠାରେ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଏଣୁ ଏକାଡେମୀରୁ ଜାତୀୟ ଖେଳାଳି ସୃଷ୍ଟି ଦିଗରେ ଆଉ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେ ନେଇ ଲକ୍ଷ୍ମଣଙ୍କ ସହ ଶ୍ରୀ ମହାନ୍ତି ଆଲୋଚନା କରିଥିଲେ।



## ସମ୍ବିତ ଜିତିଲେ ଖୋର୍ଦ୍ଧା ସିନିଅର ଚେସ୍




ଭୁବନେଶ୍ୱର,୧୧।୮ (ସମିସ): ଆଇଏମ୍ ସମ୍ବିତ ପଣ୍ଡା ଖୋର୍ଦ୍ଧା ଜିଲ୍ଲା ସିନିଅର ଚେସ୍ ଚାମ୍ପିଅନ ହୋଇଛନ୍ତି। ସେ ୭ ରାଉଣ୍ଡରୁ ୭ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ୮,୦୦୦ ଟଙ୍କା ପୁରସ୍କାର ପାଇଥିଲେ। ସେହିପରି ସମ୍ବିତଙ୍କ ପଛକୁ ୩ଜଣ ଖେଳାଳି ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ପ୍ରଥମ ରନର୍ସ ଅପ୍, ମନୀଷ କୁମାର ଦ୍ୱିତୀୟ ରନର୍ସ ଅପ୍ ଓ ଓମ୍ ଆଦିତ୍ୟ ଖାଡଙ୍ଗା ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କୁ ପୁରସ୍କାର ବାବଦରେ ୫,୦୦୦/, ୩,୫୦୦/ ଓ ୨.୫୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ସାଧ୍ୱୀ ପ୍ରତିଭା ମିଶ୍ର ମୁଖ୍ୟ ଅତିଥି, ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ସଭାପତି ଶକ୍ତିରଞ୍ଜନ ମହାନ୍ତି ଓ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

■ ଦ୍ୱିତୀୟ ଦିନିକିଆରେ ପାକିସ୍ତାନ ପରାସ୍ତ

## ସିରିଜ୍ ବରାବର୍ କଲା ୱେଷ୍ଟଇଣ୍ଡିଜ

ତ୍ରିନିଦାଦ, ୧୧।୮ (ଏଜେନ୍ସି): ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ଘରୋଇ ୱେଷ୍ଟଇଣ୍ଡିଜ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୫ ୱିକେଟ୍‌ରେ ହାରିଥିବା ୱେଷ୍ଟଇଣ୍ଡିଜ ଏଥିସହ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ସିରିଜର ନିର୍ଣ୍ଣାୟକ ୩ୟ ମ୍ୟାଚ୍ ମଙ୍ଗଳବାର ରାତି ୭ଟାରେ ଖେଳାଯିବ। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୩୭ ଓଭରରେ ୭ ୱିକେଟ୍ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ହାସନ ନୱାଜ ୩୬, ହୁସେନ ତଲାତ ୩୧, ସମିମ ଆୟୁବ ୨୩, ଅଧିନାୟକ ମହମ୍ମଦ ରିଜୱାନ ୧୬ ରନ କରିଥିବାବେଳେ ବାବର ଆଜମ ଖାତା ଖୋଲିପାରି ନ ଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପାଇଁ ଜାଡେନ ସେଲ୍ସ ୩ଟି ୱିକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ସାମ୍ନାରେ ଡିଏଲ୍ ପଦ୍ଧତିରେ ୩୫ ଓଭରରେ ୧୮୧ ରନ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦଳ ରୋଷ୍ଟନ ଚେଜଙ୍କ ଅପରାଜିତ ୪୯ ଓ ରୋମାରିଓ ସେଫର୍ଡଙ୍କ ୪୫ ରନ ସହାୟତାରେ ଦଳ ୫ ୱିକେଟ୍ ଓ ୧୦ ବଲ ପୂର୍ବରୁ ବିଜୟୀ ହୋଇଥିଲା। ଚେଜ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ସିବିଏସ୍‌ଇ ଫାର୍ ଇଷ୍ଟ କ୍ରିକେଟ




ଭୁବନେଶ୍ୱର,୧୧।୮ (ସମିସ): ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ଆନୁକୂଲ୍ୟରେ ଓ ନିଜସ୍ୱ ପଡ଼ିଆରେ ସିବିଏସ୍‌ଇ ଫାର ଇଷ୍ଟ ଜୋନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓ ଖେଳାଳି ଚୟନ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୫ରୁ ୧୦ ତାରିଖଯାଏ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪, ୧୭ ଓ ୧୯ ବର୍ଷରୁ କମ୍ ବୟସ ବିଭାଗରେ ଜୋନ୍ ଭିତ୍ତିକ ଖେଳାଳି ଚୟନ କରାଯାଇଥିଲା। ୫୭ଟି ସ୍କୁଲ୍‌ର ୮୫୦ରୁ ଉର୍ଦ୍ଧ୍ୱ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଆୟୋଜକ କେଟି ଗ୍ଲୋବାଲ ସ୍କୁଲ୍‌ରୁ ୬ଜଣ ଖେଳାଳି ବିଭିନ୍ନ ପ୍ରକାର ଜୋନାଲ ଟିମ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଖେଳ ଶେଷରେ କେଟି ଗ୍ଲୋବାଲ ସ୍କୁଲ୍‌ର ସିଓଓ ସିଦ୍ଧାର୍ଥ ରାଉତ ମୁଖ୍ୟ ଅତିଥି, ଅଧ୍ୟକ୍ଷ ରିଙ୍କୁ ସିଂ, ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଆଫଜଲ ଅହମ୍ମଦ୍, ସିଲେକ୍ଟର ଫରହାନ ଉର ରହମନ ଓ ରୀମା ଠାକୁର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

## ଓସିଏରେ ପ୍ରଦର୍ଶନ ବିଶ୍ଳେଷକ ଶିକ୍ଷା ଓ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ

କଟକ,୧୧।୮ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ସୋମବାରଠାରୁ ପ୍ରଦର୍ଶନ ବିଶ୍ଳେଷକ ଶିକ୍ଷା ଓ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୮ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଛନ୍ତି। କ୍ରିକେଟ ଖେଳର ବୈଷୟିକ ଶିକ୍ଷା, ବିଶ୍ଳେଷଣାତ୍ମକ କୌଶଳ ଏବଂ ଭିଡିଓ ବିଶ୍ଳେଷଣ ଦିଗରେ ପ୍ରଶିକ୍ଷଣ ଦେବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଓସିଏ ସହ ଅନୁବନ୍ଧିତ ବିଭିନ୍ନ ୟୁନିଟରୁ ପ୍ରାର୍ଥୀମାନଙ୍କୁ କାର୍ଯ୍ୟକ୍ରମ ଜରିଆରେ ପ୍ରଶିକ୍ଷଣ ଦିଆଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପ୍ରଦର୍ଶନ ବିଶ୍ଳେଷକ ମୁଖ୍ୟ ଗଣେଶ କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଜାରି ରହିଛି। ଓସିଏର ଡାଟା ମ୍ୟାନେଜମେଣ୍ଟ ଶାଖା ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି।

### ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍

## ଅମୃତା, ଆର୍ଯ୍ୟନ ଚାମ୍ପିଅନ




ପୁରୀ,୧୧।୮ (ସମିସ): ଖୋର୍ଦ୍ଧାର ଅମୃତା ପ୍ରିୟଲକ୍ଷ୍ମୀ ଓ ଆର୍ଣ୍ଣିକା ଦାଶ ଏଠାରେ ସୋମବାର ଶେଷ ହୋଇଥିବା ରାଜ୍ୟ ୧୩ ବର୍ଷରୁ କମ୍ ବାଳିକା ଚେସ୍‌ରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ସେହିପରି ଯାଜପୁରର ଆର୍ଯ୍ୟନ ବେହେରା ଓ କଟକର ସ୍ୱସ୍ତିକ ଶୁଭମ ପଟ୍ଟନାୟକ ଓପନ ବିଭାଗରେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ଅଲ ଓଡ଼ିଶା ଚେସ ଆସୋସିଏସନ ଓ ପୁରୀ ଜିଲ୍ଲା ଚେସ୍ ଆସୋସିଏସନର ମିଳିତ ସହଯୋଗରେ ପୁରୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି, ଇଣ୍ଟରନ୍ୟାସନାଲ ଆର୍ବିଟର ତଥା ପୁରୀ ଜିଲ୍ଲା ଉପସଭାପତି ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ୨୦ ବର୍ଷରୁ କମ୍ ଏସିଆ ରଗ୍‌ବୀ

## କାଂସ୍ୟ ବିଜୟୀ ଭାରତୀୟ ଦଳରେ ରୀତୁ, ମାମାଲି



ଭୁବନେଶ୍ୱର, ୧୧।୮ (ସମିସ): ବିହାରର ରାଜଗିରିରେ ଶେଷ ହୋଇଥିବା ୨୦ ବର୍ଷରୁ କମ୍ ଏସିଆ ରଗବୀ-୭ ଚାମ୍ପିଅନସିପ୍‌ରେ ଭାରତୀୟ ମହିଳା ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। କାଂସ୍ୟ ପଦକ ମୁକାବିଲାରେ ଭାରତୀୟ ମହିଳା ଦଳ ୧୨-୫ ସ୍କୋରରେ ଉଜବେକିସ୍ତାନକୁ ପରାସ୍ତ କରି ୩ୟ ସ୍ଥାନ ହାସଲ କରିଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଭାରତ ୭-୨୮ରେ ଚାଇନା ନିକଟରୁ ହାରି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ସେହିଭଳି ପୁଲ୍ ପର୍ଯ୍ୟାୟରେ ଭାରତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ନକ୍‌ଆଉଟରେ ପହଞ୍ଚିଥିଲା। ଭାରତୀୟ ଦଳର ଅଧିନାୟିକା ଭୂମିକା ଶୁକ୍ଳା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲା। ସେହିଭଳି କାଂସ୍ୟ ବିଜୟୀ ଭାରତୀୟ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ଦୁଇଜଣ ଛାତ୍ରୀ ଖେଳୁଥିଲେ। ସେମାନେ ହେଲେ ରିତୁ ମାଝୀ ଓ ମାମାଲି ସିଂ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ଦଳ ସହ ରିତୁ ଓ ମାମାଲିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଭାରତୀୟ ପୁରୁଷ ଦଳ ୬ଷ୍ଠ

ଅପରପକ୍ଷରେ ଭାରତୀୟ ପୁରୁଷ ରଗବୀ ଦଳ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ୫ମ-୬ଷ୍ଠ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତ ମାତ୍ର ୨ (୧୯-୨୧) ପଏଣ୍ଟରେ ୟୁଏଇ ନିକଟରୁ ହାରିଯାଇଥିଲା। ପୁଲ୍ ପର୍ଯ୍ୟାୟରେ ଭାରତ ୩ରୁ ୨ଟି ମ୍ୟାଚ୍ ହାରିଯାଇଥିଲା। ପୁରୁଷ ଦଳରେ କିସ୍‌ର ଭରତ କିଶାନ ଓ ଚରଣ ହେମ୍ବ୍ରମ ସାମିଲ ରହିଥିଲେ।

### ଦ୍ରୁତ ବୋଲିଂରୁ ଜାଭେଲିନ ଥ୍ରୋ'

## ସିଂହଳୀ ତାରକା ରୁମେଶଙ୍କ ଟୋକିଓ ଯାତ୍ରା

ଭୁବନେଶ୍ୱର, ୧୧।୮ (ସମିସ)

ଭାରତରେ ପ୍ରଥମଥର ଲାଗି ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ଆୟୋଜିତ ହୋଇଯାଇଛି। ବିଶ୍ୱ ଆଥଲେଟିକ୍ସର ଏହି ଦୌଡ଼କୁଦ ଇଭେଣ୍ଟକୁ ଆୟୋଜିତ କରି ଆଇକନିକ କଳିଙ୍ଗ ଷ୍ଟାଡିୟମ ମଧ୍ୟ ଏହାର କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛି। ରବିବାର କଳିଙ୍ଗରେ ଆୟୋଜିତ ଏହି ମେଗା ଇଭେଣ୍ଟରେ ବିଶ୍ୱର ୧୭ ଦେଶର ୧୫୪ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ଏକମାତ୍ର ଆଥଲେଟ୍ ଭାବେ ଶ୍ରୀଲଙ୍କାର ରୁମେଶ ଥରଙ୍ଗା ଟୋକିଓରେ ସେପ୍ଟେମ୍ବର ୧୩ରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ଜାଭେଲିନ ଫାଇନାଲରେ ରୁମେଶ ୮୬.୫୦ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ। ଏଥିସହ ସେ କଳିଙ୍ଗରୁ ଟୋକିଓ ବିଶ୍ୱ ଚାମ୍ପିଅନସିପ୍ ଲାଗି ଟିକଟ୍ ହାସଲ କରିଥିଲେ। ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ଲାଗି ଯୋଗ୍ୟତା ମାନଦଣ୍ଡ ୮୫.୫୦ ମିଟର ରହିଥିଲା। ରୁମେଶ ୮୬.୫୦ ମିଟର ଜାଭେଲିନ ଫିଙ୍ଗି ମଧ୍ୟ ଶ୍ରୀଲଙ୍କା ପାଇଁ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଶ୍ରୀଲଙ୍କାର ଜାତୀୟ ରେକର୍ଡ ୮୫.୭୮ ମିଟର ରହିଥିଲା।




### ୧୩୪ କିମି ବେଗରୁ ୮୬.୫୦ ମିଟର

ଜାଭେଲିନରେ ୮୬.୫୦ ମିଟର ଫିଙ୍ଗି ଶ୍ରୀଲଙ୍କା ପାଇଁ ନୂଆ ଜାତୀୟ ରେକର୍ଡ ସ୍ଥାପନ କରିଥିବା ୨୨ ବର୍ଷୀୟ ରୁମେଶଙ୍କ ପ୍ରଥମ ପ୍ରେମ କିନ୍ତୁ କ୍ରିକେଟ୍ ଥିଲା। ଦକ୍ଷିଣ କଲମ୍ବୋର ଛୋଟିଆ ସହର କାଲୁତାରାରୁ ଆସିଥିବା ରୁମେଶ ୧୮ ବର୍ଷରୁ କମ୍ କ୍ରିକେଟ୍ ଦଳ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିସାରିଥିଲେ। ଏହି ବର୍ଗରେ ସେ ଜଣେ ଡାହାଣହାତୀ ଦ୍ରୁତ ବୋଲର ସହ ମଧ୍ୟକ୍ରମରେ ଉପଯୋଗୀ ବ୍ୟାଟର୍ ଥିଲେ। ବୋଲିଂରେ ସେ ୧୩୪ କିମି ବେଗରେ ବଲ୍ ପକାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ବର୍ତ୍ତମାନ ଶ୍ରୀଲଙ୍କା ଓ ଆଇପିଏଲରେ ସନରାଇଜର୍ସ ହାଇଦରାବାଦ୍ ପାଇଁ ଖେଳୁଥିବା ଏହସାନ ମାଲିଙ୍ଗାଙ୍କ ସହ ସେ ଏକାଠି ନେଟ୍‌ସରେ ଅଭ୍ୟାସ ମଧ୍ୟ କରୁଥିଲେ। ସନରାଇଜର୍ସ ପକ୍ଷରୁ ଆୟୋଜିତ ଦ୍ରୁତ ବୋଲର ଚୟନ ଶିବିରରେ ଏହସାନଙ୍କ ପଛକୁ ରୁମେଶ ୨ୟ ଦ୍ରୁତତମ ବୋଲର ରହିଥିଲେ। କିନ୍ତୁ କ୍ରିକେଟ୍‌ରେ ରାଜନୀତିର ମାତ୍ରାଧିକ ପ୍ରବେଶକୁ ଲକ୍ଷ୍ୟ କରି ରୁମେଶ କଲେଜ ପଢୁଥିବାବେଳେ ଜାଭେଲିନ ଥ୍ରୋ ପ୍ରେମରେ ପଡ଼ିଯାଇଥିଲେ। ଯେଉଁ ହାତରେ ସେ ୧୬୦ ଗ୍ରାମ କ୍ରିକେଟ୍ ବଲ୍ ଧରି ଦ୍ରୁତ ବୋଲିଂ କରୁଥିଲେ ସେହି ହାତରେ ୭୦୦ ଗ୍ରାମର ଜାଭେଲିନ ଫିଙ୍ଗିଥିଲେ। ଜାଭେଲିନ ଫିଙ୍ଗିବାର ପ୍ରଥମ ୨ ମାସରେ ସେ ୬୩ ମିଟର ମାର୍କ ଛୁଇଁଥିଲେ। ଗତ ଜୁଲାଇରେ ବେଙ୍ଗାଲୁରୁରେ ଅନୁଷ୍ଠିତ ନୀରଜ ଚୋପ୍ରା କ୍ଲାସିକ ଇଭେଣ୍ଟରେ ସେ ନୀରଜ ଓ କେନିଆର ଜୁଲିଅସ ୟେଗୋଙ୍କ ପଛକୁ ୩ୟ ସ୍ଥାନରେ ରହି ପୋଡିୟମ ଫିନିଶ କରିଥିଲେ। ତେବେ କଳିଙ୍ଗ ଷ୍ଟାଡିୟମ ଏହି ସିଂହଳୀ କ୍ରୀଡ଼ାବିତ୍‌ଙ୍କ ଲାଗି ବେଶ୍ ସ୍ମରଣୀୟ ହୋଇରହିଯାଇଛି। ଏଠାରେ ସେ ଜାତୀୟ ରେକର୍ଡ ସହ ବିଶ୍ୱ ଚାମ୍ପିଅନସିପ୍ ଟିକଟ୍ ଅର୍ଜନ କରିଛନ୍ତି। ଟୋକିଓରେ ସେ ବିଶ୍ୱର ତାରକା ଜାଭେଲିନ ଫିଙ୍ଗାଳୀଙ୍କ ବିପକ୍ଷରେ କେମିତି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS